
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-77 ◆WEDNESDAY ◆10 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୭ ◆ବୁଧବାର ◆୧୦ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

'କିଙ୍ଗ'ରେ କିଙ୍ଗ୍ ଖାନ୍

▶ପୃଷ୍ଠା ୧୧ ଦେଖନ୍ତୁ...

# ସି ପି ରାଧାକ୍ରିଷ୍ଣନ୍ ଉପରାଷ୍ଟ୍ରପତି




ଲୋକସଭା ୫୪୨ | ମୋଟ ୭୮୧ | ରାଜ୍ୟସଭା ୨୩୯

ଏନ୍‌ଡିଏ ୪୫୨ ଭୋଟ | ମତଦାନ ୭୬୭ | ଇଣ୍ଡିଆ ୩୦୦ ଭୋଟ

ନାକଚ ୧୫

**ମତଦାନରୁ ବିରତ**

| ବିଜେଡି | ବିଆର୍‌ଏସ୍ | ଏସ୍‌ଏଡି | ଅନ୍ୟ |
|---|---|---|---|
| ୭ | ୪ | ୧ | ୨ |



■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଏନ୍‌ଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଦେଶର ନୂଆ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଅନୁଷ୍ଠିତ ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ପ୍ରାର୍ଥୀ ବି ସୁଦର୍ଶନ ରେଡୀଙ୍କୁ ୧୫୨ ଭୋଟରେ ପରାସ୍ତ କରିଛନ୍ତି। ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ୍ ମିଳିଥିବା ବେଳେ ରେଡୀଙ୍କୁ ମିଳିଛି ୩୦୦ ଭୋଟ୍। ଲୋକସଭା ଏବଂ ରାଜ୍ୟସଭାର ୭୮୧ ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ ଏହି ମତଦାନରେ ସାମିଲ ହୋଇଥିଲା। ଆଜି ଦିନ ୧୦ଟାରୁ ମତଦାନ ଆରମ୍ଭ ▶ପୃଷ୍ଠା-୧୦

## କ୍ରସଭୋଟିଂ ନେଇ ଚର୍ଚ୍ଚା

■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ଏବଂ ଇଣ୍ଡିଆ ବ୍ଲକ୍ ପ୍ରାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ସଂଖ୍ୟା ଥିବାରୁ ସେ ଜିତିବା ପ୍ରାୟ ନିଶ୍ଚିତ ଥିଲା। ତେବେ ଏହି ନିର୍ବାଚନରେ ଉଭୟ ପକ୍ଷ ଶକ୍ତି ପ୍ରଦର୍ଶନ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହି ଖେଳରେ ବିରୋଧୀଙ୍କୁ ଝଟକା ଲାଗିଛି। କାରଣ ଏହାର ପ୍ରାର୍ଥୀଙ୍କୁ ଆକଳନ ଠାରୁ ୨୪ଟି କମ୍ ଭୋଟ୍ ମିଳିଥିବା ବେଳେ ଶାସକ ଦଳ ପ୍ରାର୍ଥୀଙ୍କୁ ୧୬ଟି ଅଧିକ ଭୋଟ୍ ମିଳିଛି। ମତଦାନ ବେଳେ ବିରୋଧୀ ଦଳର କିଛି ସାଂସଦ କ୍ରସଭୋଟିଂ ▶ପୃଷ୍ଠା-୧୦

# ହିଂସା, ଅରାଜକତା

## ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

### ସଂସଦ ଓ ମନ୍ତ୍ରୀଙ୍କ ଘର ଜାଳିଦେଲେ ଆନ୍ଦୋଳନକାରୀ

### ପୂର୍ବ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲେ, ମନ୍ତ୍ରୀଙ୍କୁ ଗୋଡ଼ାଇଗୋଡ଼ାଇ ପିଟିଲେ

■ କାଠମାଣ୍ଡୁ, ୯।୯ (ଏଜେନ୍ସି): ପଡ଼ୋଶୀ ରାଷ୍ଟ୍ର ନେପାଳ ଦ୍ୱିତୀୟ ଦିନ ଧରି ଅଶାନ୍ତ। କର୍ଫ୍ୟୁ କଟକଣା ସତ୍ତ୍ୱେ ହିଂସା ବ୍ୟାପକ ହେବାରେ ଲାଗିଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଘର ସମେତ ସଂସଦ ଓ ସୁପ୍ରିମକୋର୍ଟରେ ବି ନିଆଁ ଲଗାଇଦେଇଛନ୍ତି ଆନ୍ଦୋଳନକାରୀ। ପରିସ୍ଥିତି ଅସମ୍ଭାଳ ହେଉଥିବା ଦେଖି ପ୍ରଥମେ ପ୍ରଧାନମନ୍ତ୍ରୀ ଓଲି ଏବଂ ପରେ ରାଷ୍ଟ୍ରପତି ପୋଡେଲ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏହାକୁ ନେଇ ଘୋର ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ଲାଗି ସେନା ଆଗେଇ ଆସିଛି। ଦେଶର ସୁରକ୍ଷା ଓ ଆଇନ ଶୃଙ୍ଖଳା ପାଇଁ ସେନା ବର୍ତ୍ତମାନ ଦାୟିତ୍ୱ ନେବ ବୋଲି ଘୋଷଣା କରିଛି।

ଦେଶରେ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣକୁ ବିରୋଧ କରି ଦୀର୍ଘ ଦିନ ଧରି ଲାଗି ରହିଥିବା ଅସନ୍ତୋଷକୁ ଚାପିବା ଲାଗି ଓଲି ସରକାର ବିଭିନ୍ନ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିବାରୁ ଯୁବପିଢ଼ି ଭିତରେ ଲାଗି ରହିଥିବା ଅସନ୍ତୋଷ ଗତକାଲି ଭୀଷଣ ହିଂସାତ୍ମକ ଆନ୍ଦୋଳନରେ ପରିଣତ ହୋଇଥିଲା। ଗତକାଲି ହଜାର ହଜାର ଯୁବକ ରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିବା ସହିତ ସରକାରଙ୍କ ଇସ୍ତଫା ଦାବି କରିଥିଲେ। ସେମାନଙ୍କୁ ଦମନ କରିବା ଲାଗି ଗତକାଲି ସୁରକ୍ଷା ବାହିନୀ ଗୁଳିମାଡ଼ କରିବାରୁ ୨୦ ଜଣ ଆନ୍ଦୋଳନକାରୀ ପ୍ରାଣ ହରାଇଥିଲେ। ଏହାପରେ ଆନ୍ଦୋଳନ ଆହୁରି ଉଗ୍ର ରୂପ ନେଇଥିଲା। ବର୍ତ୍ତମାନ ସୁଦ୍ଧା ୨୨ ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହେଲାଣି। ▶ପୃଷ୍ଠା-୧୦



# ୨୨ କ୍ୟାରେଟ୍ ସୁନା ଲକ୍ଷେ ପାର

## ୨୪ କ୍ୟାରେଟ୍ ୧.୧୦ ଲକ୍ଷ ଟପିଲା

■ ଭୁବନେଶ୍ୱର, ୯।୯ (ଏଜେନ୍ସି): ଦୌଡୁଛି ସୁନା ବଜାର। ଘରୋଇ ବଜାରରେ ସୁନା ଏବଂ ରୁପା ଦର ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି। ଆଜି ସୁନା ବଜାର।ାରେ ସର୍ବକାଳୀନ ରେକର୍ଡ ସୃଷ୍ଟି ହୋଇଛି। ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବୁଲିଅନ୍ ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୧୦ ଲକ୍ଷ ଟଙ୍କା ଟପି ନୂଆ ରେକର୍ଡ କରିଛି। ହେଲେ ଏଥିରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ ଥର ୧ ଲକ୍ଷ ଟଙ୍କାର ଐତିହାସିକ ସ୍ତର ଅତିକ୍ରମ କରିଛି। ଅପରପକ୍ଷେ ରୁପା ଦର ସୁନା ଅପେକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଇ ୧ ଲକ୍ଷ ୪୦ ହଜାର ଟଙ୍କା ଛୁଇଁଛି।

ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୧୦,୧୮୦ ଟଙ୍କାରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ପ୍ରଥମ କରି ୧,୦୧,୧୦୦ ଟଙ୍କା ଛୁଇଁଛି। ଏହାବାଦ୍ ରୁପା କିଲୋ ପିଛା ୧,୪୦,୦୦୦ ଟଙ୍କା ସ୍ତରରେ ପହଞ୍ଚି ନୂଆ ଇତିହାସ ରଚିଛି। ସେହିଭଳି ନୂଆଦିଲ୍ଲୀରେ



ଆଜି ୨୪ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ୧,୧୦,୨୯୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୧,୧୦୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେଉଛି। ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ଯୋଗୁଁ ସୁନା ଦର ବଢୁଛି। ସୂଚନାଯୋଗ୍ୟ, ଚଳିତବର୍ଷ ସୁନା ଦର।ାରେପାଖାପାଖି ୪୫ ପ୍ରତିଶତ ବୃଦ୍ଧି ଘଟିଲାଣି।

# ଶୀତଳଭଣ୍ଡାରରେ କଳାବାଘ ସଫାରୀ

## ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ହୋଇଥାନ୍ତା କାର୍ଯ୍ୟକ୍ଷମ

### ସିଜେଡ୍‌ଏ, ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ ଅଟକିଛି କାମ

### ସରକାର ବଦଳିଲା ପରେ ସଫାରୀକୁ ନେଇ ଉଦାସୀନତା

■ ଭୁବନେଶ୍ୱର, ୯।୯ (ସମିସ): ୨୦୨୪ ଜାନୁଆରୀରେ ଦେଶର ପ୍ରଥମ କଳାବାଘ ସଫାରୀ ନିମନ୍ତେ ଘୋଷଣା କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ୨୦୨୪ରେ ନବୀନଙ୍କ ଏହି ଘୋଷଣା ପରେ ଜୁଲାଇ ସୁଦ୍ଧା କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ଲାଭ କରିଥିଲା। ଏହି ସଫାରୀ ପ୍ରତିଷ୍ଠା ହୋଇଥିଲେ ଦେଶବିଦେଶର ପର୍ଯ୍ୟଟକମାନେ ଶିମିଳିପାଳଠାରେ ବିରଳ କଳାବାଘଙ୍କୁ ସଫାରୀରେ ଦେଖିପାରି ଥାନ୍ତେ। ମାତ୍ର ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ଏହି ମହତ୍ତ୍ୱାକାଂକ୍ଷୀ କଳାବାଘ ସଫାରୀ ଏବେ ଶୀତଳଭଣ୍ଡାରରେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ କାହିଁକି ସଫାରୀ କାମ ଅଟକି ଗଲା, ତାହାର ଉତ୍ତର କାହାପାଖରେ ନାହିଁ। ସେହିପରି ସଫାରୀ ନିଷ୍ପତ୍ତି କାହିଁକି ଆଗକୁ ବଢ଼ିପାରୁନି, ସେ ସମ୍ପର୍କରେ ଜଙ୍ଗଲ ବିଭାଗ ସମ୍ପୂର୍ଣ୍ଣ ନିରବ।

୨୦୨୪ରେ ଓଡ଼ିଶାରେ ପ୍ରକାଶିତ ବାଘ ଗଣନା ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୩୦ ଟି ମହାବଳ ବାଘ ଥିଲେ ଓ ଏହି ସଂଖ୍ୟା ୪୦ରେ ପହଞ୍ଚିଛି। ତେବେ କୌତୂହଳର କଥା ହେଉଛି ଏହି ୪୦ ବାଘ ମଧ୍ୟରେ କେବଳ କଳା ବାଘଙ୍କ ସଂଖ୍ୟା ୧୮। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ବିରଳ କଳାବାଘ ଦେଖାଯାଉଥିବା ବେଳେ ▶ପୃଷ୍ଠା-୧୦

## ୧୩ ତାରିଖ ଯାଏଁ ବର୍ଷା

■ ଭୁବନେଶ୍ୱର, ୯।୯ (ସମିସ): ରାଜ୍ୟରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଁ ଭାଁ ବର୍ଷା ହେଉଛି। ଘୂର୍ଣ୍ଣିବଳୟଟି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସକ୍ରିୟ ରହିଥିବାରୁ ଦକ୍ଷିଣ ଓଡ଼ିଶାରେ ହିଁ ବର୍ଷାର ପ୍ରଭାବ ଅଧିକ ରହିଛି। ଅନ୍ୟପଟେ ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏଁ ବର୍ଷା ହେବାକୁ ଥିବା ବେଳେ ୧୩ରେ ଗୋଟିଏ ଲଘୁଚାପ ଯୋଗୁଁ ପୁଣି ବର୍ଷା ବଢ଼ିବା ନେଇ ଆଶଙ୍କା କରାଯାଉଛି। ବର୍ଷା ସ୍ଥିତି ▶ପୃଷ୍ଠା-୧୦

## ବର୍ଷକରେ ଇଭି ହେବ ଆମ୍ବୁଲାନ୍ସ, ପିସିଆର୍

**୫ ବର୍ଷରେ ଇଭି ଗାଡ଼ି ଲକ୍ଷ୍ୟ ୫୦ ପ୍ରତିଶତ**

**'ଓଡ଼ିଶା ଇଭି ପଲିସି-୨୦୨୫' ଚିଠା ବିଜ୍ଞପ୍ତି**

■ ଭୁବନେଶ୍ୱର, ୯।୯ (ସମିସ): ରାଜ୍ୟରେ ବର୍ତ୍ତମାନ ଉଭୟ ଦୁଇ ଚକିଆ ଓ ୪ ଚକିଆ ଇଭି ଯାନ କିଣା ପାଇଁ ବିନା ସୁଧ ଋଣ ସାଙ୍ଗକୁ ରିଆତି ମଧ୍ୟ ପ୍ରଦାନ କରାଯାଉଛି। ଏହାସତ୍ତ୍ୱେ ରାଜ୍ୟରେ ଇଭି ବ୍ୟବହାରରେ ଆଗ୍ରହ ବଢୁ ନାହିଁ। ୪ ବର୍ଷରେ ୨୦% ଇଭି ଲକ୍ଷ୍ୟ ଏବେ ୯%ରେ ସୀମିତ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବୈଦ୍ୟୁତିକ ଯାନ ଚଳାଚଳ ବୃଦ୍ଧି ନିମନ୍ତେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ 'ଓଡ଼ିଶା ଇଭି ପଲିସୀ-୨୦୨୫' ଚିଠା ବିଜ୍ଞପ୍ତି ପ୍ରସ୍ତୁତ କରିଛି। ଚିଠା ବିଜ୍ଞପ୍ତି ଅନୁସାରେ ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟର ଗାଡ଼ି ସଂଖ୍ୟା ମଧ୍ୟରୁ ୫୦ ପ୍ରତିଶତ ଇଭି ▶ପୃଷ୍ଠା-୧୦

## ସିଆଚେନରେ ହିମସ୍ଖଳନ

# ୩ ସୈନିକ ମୃତ

■ ଲେହ, ୯।୯ (ଏଜେନ୍ସି): ବିଶ୍ୱର ସବୁଠୁ ଉଚ୍ଚ ଯୁଦ୍ଧକ୍ଷେତ୍ର ସିଆଚେନ ଗ୍ଲାସିୟରରେ ବଡ଼ ଅଘଟଣ ଘଟିଛି। ଲଦାଖର ସିଆଚେନରେ ହିମସ୍ଖଳନ ଘଟି ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି। କିଛି ଯବାନ ମଧ୍ୟ ନିଖୋଜ ଅଛନ୍ତି। ୧୨ ହଜାର ଫୁଟ ଉଚ୍ଚରେ ଥିବା ସିଆଚେନ ବେସ୍ କ୍ୟାମ୍ପ ଅଞ୍ଚଳରେ ମଙ୍ଗଳବାର ଏହି ଭୂସ୍ଖଳନ ହୋଇଥିଲା। ଏଥିରେ ୨ ଅଗ୍ନିବୀରଙ୍କ ସମେତ ଅନେକ ଯବାନ ବିଯୁକ୍ତ ୬୦ ଡିଗ୍ରୀ ସେଲ୍‌ସିୟସରେ ୬ ଘଣ୍ଟା ପର୍ଯ୍ୟନ୍ତ ଫସି ରହିଥିଲେ। ପରେ ଜଣେ ଜଣେ କ୍ୟାପ୍‌ଟେନଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ମାତ୍ର ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ ଏବଂ ଗୁଜରାଟର ବାସିନ୍ଦା ତିନି ଯବାନଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରେ ଦୁଇ ଜଣ ଅଗ୍ନିବୀର ସାମିଲ ଅଛନ୍ତି। ତେବେ ସିଆଚେନ ଗ୍ଲାସିୟର କାରାକୋରମ୍ ପର୍ବତମାଳାରେ ଅବସ୍ଥିତ ଏବଂ ଏହାର ଉଚ୍ଚତା ପ୍ରାୟ ୨୦ ହଜାର ଫୁଟ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ଏଠାରେ ପୂର୍ବରୁ ମଧ୍ୟ ହିମସ୍ଖଳନ ଯୋଗୁ ଅନେକ ସୈନିକ ସହିଦ ହୋଇଛନ୍ତି। ତେବେ ଭାରତ ୧୯୮୪ ମସିହାରେ ଅପରେସନ୍ ମେଘଦୂତ ଆରମ୍ଭ କରି ସିଆଚେନ ଉପରେ ନିଜର କବଜା ବଜାୟ ରଖିଛି। ସେବେଠାରୁ ଭାରତୀୟ ସୈନ୍ୟମାନେ ଦେଶକୁ ସୁରକ୍ଷା ଦେବା ପାଇଁ ଏଠାରେ ମୁତୟନ ରହିଥାନ୍ତି।

## ହାଇକୋର୍ଟରେ ୫୦ବର୍ଷ ତଳ ମାମଲାର ବିଚାର ଶେଷ

# ସରକାର ଗଣିବେ ୨ ଲକ୍ଷ ତଣ୍ଡ

■ କଟକ, ୯।୯ (ସମିସ): ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଚାଲିଥିବା ଏକ ଅଦାଲତୀ ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ୧୯୯୭ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ମଧ୍ୟସ୍ଥତା ଆଦେଶ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଦୀର୍ଘକାଳୀନ ବିଳମ୍ବ କରିଥିବାରୁ ଦୀର୍ଘ ଦିନ ଧରି ଅନାବଶ୍ୟକ ଭାବେ ମକଦ୍ଦମା ଚାଲିଥିଲା। ବର୍ତ୍ତମାନ ଗଛକଟା ନେଇ ପରିବେଶଗତ ପ୍ରତିବନ୍ଧକ ରହିଥିଲେ ସୁଦ୍ଧା ଆବେଦନକାରୀଙ୍କୁ ଅନାବଶ୍ୟକ ମକଦ୍ଦମା ଚାଲିବା ହେତୁ ୨ଲକ୍ଷ ଟଙ୍କା ତଣ୍ଡ ଆକାରରେ ରାଜ୍ୟ ସରକାର ପଇଠ କରିବାକୁ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପାଦ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥ ସମ୍ବନ୍ଧିତ ଦୋଷୀ ଅଧିକାରୀଙ୍କୁଠାରୁ ଆଦାୟ କରିବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

୭୦ ଦଶକରୁ ଉଦୟନାଥ ସାହୁ ଓ ଆର୍. ଏସ. ଭାଟିଆଙ୍କ ମଧ୍ୟରେ ବନାଞ୍ଚଳ ଗଛକଟା ଠିକାଦାରୀକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ୧୯୯୨ ମସିହାରେ ସୁପ୍ରିମକୋର୍ଟ ସିଭିଲ୍ ଅପିଲରେ ଦୁଇ ପକ୍ଷର ମଧ୍ୟରେ ସମ୍ମତିକୁ ରେକର୍ଡ କରି, ରାଜ୍ୟ ସରକାରଙ୍କୁ ଅକଟା ଗଛଗୁଡ଼ିକ ଚିହ୍ନଟ କରି ଦୁଇଜଣଙ୍କୁ ସମାନ ଭାଗରେ ବଣ୍ଟନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।। ଆବେଦନକାରୀ ଉଦୟନାଥଙ୍କ ସପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ସରକାର ଏହାକୁ କାର୍ଯ୍ୟକାରୀ ନକରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ବରିଷ୍ଠ ଆଇନଜୀବୀ ପାର୍ଥ ମୁଖାର୍ଜୀ ଆବେଦନକାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

# ରାଜ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

## ୩ ବର୍ଷରେ ଜୀବନ ହାରିଛନ୍ତି ୧୭,୭୭୮

■ ଭୁବନେଶ୍ୱର, ୯।୯ (ସମିସ): ଦିନକୁ ଦିନ ବଢ଼ି ଚାଲିଛି ଆତ୍ମହତ୍ୟା। ବିଭିନ୍ନ କାରଣରୁ କ୍ଷଣିକ ଉତ୍ତେଜନାରେ ବଶୀଭୂତ ହୋଇ ଅନେକ ଜୀବନହାରିବା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ପ୍ରତିବର୍ଷ ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି ଓ ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ି ଚାଲିଛି। ନିସଙ୍ଗତା ଓ ମାନସିକ ଅବସାଦ ଯୋଗୁ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଥିବା ମନସ୍ତତ୍ତ୍ୱବିତ୍‌ମାନେ ମତ ଦେଉଛନ୍ତି।

ପରିସଂଖ୍ୟାନ ଅନୁସାରେ ଗତ ୩ବର୍ଷରେ ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ୫୮% ବୃଦ୍ଧି ପାଇଛି। ୨୦୨୧ ମସିହାରେ ରାଜ୍ୟରେ ୫୬୪୯ ଜଣ ଆତ୍ମହତ୍ୟା କରିଥିବା ବେଳେ ସେମାନଙ୍କ ମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ୧୧୯। ୨୦୨୨ରେ ୬୧୪୦ ଆତ୍ମହତ୍ୟା ପଞ୍ଜିକୃତ ହୋଇଥିଲା ଓ ଏହାମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ରହିଥିଲା ୧୭୩। ସେହିପରି ୨୦୨୩ରେ ରାଜ୍ୟର ବିଭିନ୍ନ ଥାନାରେ ୫୯୮୯ ଆତ୍ମହତ୍ୟା ମାମଲା ରୁଜୁ ହୋଇଥିଲା ଏବଂ ଏହା ମଧ୍ୟରେ ୧୮୯ ଜଣ ଛାତ୍ରଛାତ୍ରୀ ଥିବା ସୂଚନା ମିଳିଛି। ଗତ ୩ବର୍ଷରେ ରାଜ୍ୟରେ ୧୭,୭୭୮ ଜଣ ଜୀବନ ହାରିଥିବା ରିପୋର୍ଟ ବିଭିନ୍ନ ଥାନାରେ ଦରଜ ହୋଇଛି। ଆତ୍ମହତ୍ୟା ପାଇଁ ପାରିବାରିକ ସମସ୍ୟା, ପ୍ରେମ ବ୍ୟାପାର, ଅସଫଳତା ଓ ମାନସିକ ▶ପୃଷ୍ଠା-୧୦



**ଆତ୍ମହତ୍ୟା ନିରାକରଣ ଦିବସ ଆଜି**

**ମାନସିକ ଅବସାଦ: ଛାତ୍ରଛାତ୍ରୀ ଆତ୍ମହତ୍ୟା ସଂଖ୍ୟା ବି ବଢୁଛି**

## ରାଜଧାନୀରେ ଦୁଇ ବର୍ଷରେ ୪୦ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା

ଗତ ୨ବର୍ଷରେ ରାଜଧାନୀରେ ୪୦ ଜଣ ସ୍କୁଲ ପିଲା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେମାନେ ଗେମ୍ ଖେଳିବା ହେଉ ଅବା ଅତ୍ୟଧିକ ବ୍ୟବହାର ଯୋଗୁ ପରିବାର ଲୋକଙ୍କ ବାରଣ ପାଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଜାତୀୟ ଶିଶୁ ସୁରକ୍ଷା ଅଧିକାରୀଙ୍କ ଏକ ରିପୋର୍ଟ ଅନୁସାରେ ୫୯.୨ ପ୍ରତିଶତ ସ୍କୁଲ ଛାତ୍ରଛାତ୍ରୀ ସୋସିଆଲ ମିଡିଆରେ ଚାଟିଂ ପାଇଁ ମୋବାଇଲ ବ୍ୟବହାର କରୁଥିବା ବେଳେ ମାତ୍ର ୧୦.୨ ପ୍ରତିଶତ ପିଲା କେବଳ ପାଠପଢ଼ା ପାଇଁ ବ୍ୟବହାର କରୁଛନ୍ତି। ସେହିପରି ୩୦.୨ ପ୍ରତିଶତ ପିଲାଙ୍କ ପାଖରେ ନିଜସ୍ୱ ମୋବାଇଲ ଫୋନ୍ ରହିଥିବାରୁ ସେମାନେ ମନଇଚ୍ଛା ବ୍ୟବହାର କରି ମାନସିକ ଚାପଗ୍ରସ୍ତ ହେଉଛନ୍ତି।





# ନେପାଳ ହିଂସା ପଛରେ କିଏ

## ଶ୍ରୀଲଙ୍କା, ବାଂଲାଦେଶ ପରେ ଏବେ ନେପାଳ

କାଠମାଣ୍ଡୁ, ୯।୯ (ଏଜେନ୍ସି): ଭାରତର ଆଉ ଏକ ପଡ଼ୋଶୀ ରାଷ୍ଟ୍ରରେ ପୁଣି ନିଆଁ ଜଳୁଛି। ହଠାତ୍ ଏକ ଆନ୍ଦୋଳନ ଆରମ୍ଭ ହୋଇ ଉଗ୍ର ରୂପ ଧାରଣ କରିଛି। ଏହା ପୁଣି ଏକ ସରକାରକୁ ଭୁଶୁଡ଼ାଇ ଦେଇଛି। ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ ପରେ ଏବେ ନେପାଳରେ ଏପରି ହୋଇଛି। ସବୁ ଦେଶର ମାମଲାରେ ସମାନ ରଣନୀତି ଅବଲମ୍ବନ କରାଯାଇଛି। ବଡ଼ଧରଣର ବିକ୍ଷୋଭ ଯୋଗୁଁ ସରକାର ଭୁଶୁଡି ପଡ଼ିଛି। ସାମାଜିକ ଗଣମାଧ୍ୟମ ନିଷିଦ୍ଧ କରିବା ପାଇଁ ନେପାଳ ସରକାର ନେଇଥିବା ନିଷ୍ପତ୍ତି ଯୋଗୁଁ ଏପରି ହୋଇଛି। ଏହା ଦ୍ରୁତଗତିରେ ବ୍ୟାପିଯିବା ପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ରାଷ୍ଟ୍ରପତିଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ସ୍ଥିତି ଏପରି ହୋଇଛି ଯେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଦେଶ ଛାଡ଼ି ଦୁବାଇ ଯିବାକୁ ଯୋଜନା କରୁଛନ୍ତି। ଏପରି ସମୟରେ ଲୋକଙ୍କ ମନରେ ବଡ଼ ପ୍ରଶ୍ନ ଉଠୁଛି। ସାମାଜିକ ଗଣମାଧ୍ୟମ ନିଷିଦ୍ଧ ନିଷ୍ପତ୍ତି ଯୋଗୁଁ ଖାଲି ଏପରି ସ୍ଥିତି ସୃଷ୍ଟି ହୋଇପାରେ କି? ଏହା ପଛରେ ଅନ୍ୟ କୌଣସି ବିଦେଶୀ ଶତ୍ରୁର ହାତ ନାହିଁ ତ? ଆମେରିକା ଏବଂ ଚୀନ୍ ମଧ୍ୟରେ ଚାଲିଥିବା ଛାମୁଆ ଯୁଦ୍ଧର ନେପାଳ କେନ୍ଦ୍ରସ୍ଥଳ ପାଲଟି ଯାଇନି ତ?

ନେପାଳର ଏହି ଉଗ୍ର ବିକ୍ଷୋଭ ପଛରେ ଆମେରିକା ହାତ ଥିବା କୁହାଯାଉଛି। ଏହି ଦେଶର ଇଙ୍ଗିତରେ ବିକ୍ଷୋଭକାରୀ ସରକାରକୁ ଭୁଶୁଡ଼ାଇଦେଇଥିବା କୁହାଯାଉଛି। ନେତାମନ୍ତ୍ରୀଙ୍କ ଇସ୍ତଫା ସତ୍ତ୍ୱେ ବିକ୍ଷୋଭ ପ୍ରଦର୍ଶନ ବନ୍ଦ ହେଉନାହିଁ। ନେତାମନ୍ତ୍ରୀଙ୍କ ବାସଭବନ ସମେତ କାଠମାଣ୍ଡୁରେ ହିଲ୍‌ଟନ୍ ହୋଟେଲରେ ମଧ୍ୟ ବିକ୍ଷୋଭକାରୀ ନିଆଁ ଲଗାଇ ଦେଇଛନ୍ତି। ଏହା କ୍ଷମତାସୀନ ଦଳର ଜଣେ ବ୍ୟକ୍ତିଙ୍କ ମାଲିକାନାରେ ଥିଲା। ବାଂଲାଦେଶ ଏବଂ ଶ୍ରୀଲଙ୍କା ଭଳି ଏଠାରେ ମଧ୍ୟ କ୍ଷମତାସୀନ ଦଳର ନେତାମନ୍ତ୍ରୀଙ୍କୁ



ଦେଖିବା ମାତ୍ରେ ଆକ୍ରମଣ କରୁଛନ୍ତି। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ମଧ୍ୟ ବିକ୍ଷୋଭକାରୀ ଛାଡ଼ି ନାହାନ୍ତି। ଘରେ ପଶି ବିଭିନ୍ନ ସାମଗ୍ରୀ ନେଇ ଲୁଟପାଟ୍ ମଚାଉଛନ୍ତି। ଶେଷରେ ନିଆଁ ଲଗାଇ ଦେଉଛନ୍ତି। ପୂର୍ବେ ଏଭଳି ସ୍ଥିତି ସୃଷ୍ଟି ହେବାରୁ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟବାୟା ରାଜପକ୍ଷେ ଏବଂ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ଦେଶ ଛାଡ଼ି ପଳାଇ ଥିଲେ।

କିନ୍ତୁ ଏହି ଆନ୍ଦୋଳନ ପଛରେ କିଛି ବଡ଼ ଚକ୍ରାନ୍ତ ଲୁଚି ରହିଛି। ଗତ କିଛି ମାସ ହେଲା ନେପାଳର ସମସ୍ୟା ବୃଦ୍ଧି ପାଇଥିଲା। ୨୦୦୮ରୁ ନେପାଳ ଗଣତାନ୍ତ୍ରିକ ରାଷ୍ଟ୍ର ହେବା ପରଠାରୁ ଦେଶର କ୍ଷମତା ଚୀନ୍ ସମର୍ଥକ ଓଲି, ମାଓ କୈନ୍ଦ୍ରିକ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ଏବଂ ସେର ବାହାଦୂର ଦେଓବାଙ୍କ ମଧ୍ୟରେ କ୍ଷମତା ପରିବର୍ତ୍ତନ ଚାଲିଛି। ଏହି ତିନି ଜଣଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲାଗିଛି। ଏହାକୁ ନେଇ ନେପାଳ ଯୁବଗୋଷ୍ଠୀ ଉତ୍କ୍ଷିପ୍ତ ହୋଇ ଉଠିଛନ୍ତି। ଅର୍ଥନୈତିକ ସ୍ଥିତି ଦୁର୍ବଳ ହୋଇଯାଇଛି। ବେକାରୀ ହାର ମଧ୍ୟ ବଢ଼ି ଚାଲିଛି। ଏହା ଯୁବଗୋଷ୍ଠୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଏହ ଆନ୍ଦୋଳନକୁ ଗତି ଦେଇଥିଲା।

୨୦୨୪ ଜୁଲାଇରୁ ଓଲି ପ୍ରଧାନମନ୍ତ୍ରୀ ହେବା ପରେ ସେ ଚୀନ୍ ସହ ସମ୍ବନ୍ଧ ମଝବୁତ କରିବାକୁ ଚାହିଁଥିଲେ। ତେବେ ସେ ପାରମ୍ପରିକ ସହଯୋଗୀ ଭାରତକୁ ମଧ୍ୟ ଅଣଦେଖା କରି ଚାଲିଥିଲେ। ନେପାଳ ମଧ୍ୟ ଚୀନ୍‌ର ବିଆରଆଇ ପ୍ରକଳ୍ପରେ ସାମିଲ ହେବାକୁ ରାଜି ହୋଇଥିଲା। ଓଲିଙ୍କ ଗସ୍ତରେ ଏ ନେଇ ଚୁକ୍ତି ହୋଇଥିଲା। ତେବେ ଦକ୍ଷିଣ ଏସିଆରେ କ୍ଷମତା ବିସ୍ତାର କରିବାକୁ ଚାହୁଁଥିବା ଆମେରିକା ପାଇଁ ଏହା ଅସହ୍ୟ ହୋଇ ଉଠିଥିଲା। ଚୀନ୍‌ର ପ୍ରାଧାନ୍ୟ ବିସ୍ତାରକୁ ରୋକିବା ଲାଗି ନେପାଳକୁ ବେଜିଂ ପାଲରୁ ବାହାର କରିବାକୁ ଚେଷ୍ଟା କରିଥିଲା। ଏଥିପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏକ ଯୋଜନା କରିଥିଲା। ୫୦୦ ନିୟୁତ ଡଲାରର ପ୍ରକଳ୍ପ ନେପାଳ ପାଇଁ ଭେଟି ଦେଇଥିଲା। ଏହା ଚୀନ୍ ବିଆରଆଇ ପାଇଁ ଆହ୍ୱାନ ଥିଲା। କିନ୍ତୁ ନେପାଳ ସରକାର ଚୀନ୍ ସହ ଘନିଷ୍ଠତା ବଜାୟ ରଖିଥିଲେ। ଚୀନ୍ ବିଜୟ ଦିବସ ପରେଡରେ ସାମିଲ ହୋଇ ଓଲି ଏହି ବାର୍ତ୍ତା ଦେଇଥିଲେ। ଏହା ଫଳରେ ଆମରିକା ସହ ନେପାଳର ତିକ୍ତତା ଅଧିକ ବୃଦ୍ଧି ପାଇଥିଲା। ଶେଷରେ ସରକାର ଭୁଶୁଡାଇବା ପାଇଁ ଆମେରିକା ଯୋଜନା କଲା ବୋଲି କୁହାଯାଉଛି।

## ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବଲେନ୍ଦ୍ର ଶାହା!



କାଠମାଣ୍ଡୁ, ୯।୯ (ଏଜେନ୍ସି): ନେପାଳରେ ଚାଲିଥିବା ହିଂସ୍ର ପ୍ରଦର୍ଶନ ପଛକୁ କାଠମାଣ୍ଡୁ ମେୟର ବଲେନ୍ଦ୍ର ଶାହା(୩୫) ସମର୍ଥନ ଦେଇଛନ୍ତି। ଓଲିଙ୍କ ଇସ୍ତଫା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖାଯାଉଛି। ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ଏହି ବିକ୍ଷୋଭକୁ ସେ ମଧ୍ୟ ଦୃଢ଼ ସମର୍ଥନ ଦେଇଛନ୍ତି। ସୋସିଆଲ ମିଡିଆରେ ନେପୋ କିଡ୍‌ଙ୍କ ବିରୋଧରେ ଆରମ୍ଭ ହୋଇଥିବା ଆନ୍ଦୋଳନର ପ୍ରମୁଖ ସୂତ୍ରଧର ଭାବେ ସେ ପରିଚିତ। ୧୮ରୁ ୨୮ ବର୍ଷ ପିଲା ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ବୟସ ଅଧିକ ହୋଇଥିବା ଯୋଗୁଁ ସେ ବିକ୍ଷୋଭରେ ସାମିଲ ହୋଇ ନାହାନ୍ତି। ଶାହା କହିଛନ୍ତି ଯେ ସେ ଆନ୍ଦୋଳନକାରୀଙ୍କ ଆକାଂକ୍ଷା, ଉଦ୍ଦେଶ୍ୟ ଏବଂ ଚିନ୍ତାଧାରା ବୁଝିବାକୁ ଚାହୁଁଛନ୍ତି। ରାଜନୈତିକ ଦଳ, ନେତା, କର୍ମୀ, ଆଇନ ପ୍ରଣେତା ଏବଂ ପ୍ରଚାରକମାନେ ଏହି ରାଲିକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଅନୁଚିତ।

## ଆନ୍ଦୋଳନ ପଛରେ ସୁଦାନ ଗୁରୁଙ୍ଗ



ସାମାଜିକ ଗଣମାଧ୍ୟମରୁ କଟକଣା ହଟିବା, ଗୃହମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ସତ୍ତ୍ୱେ ନେପାଳରେ ଉଗ୍ର ବିକ୍ଷୋଭ ଜାରି ରହିଛି। ଉପଦ୍ରବୀଙ୍କ ଅନୁପ୍ରବେଶ ଯୋଗୁଁ ଏହି ଆନ୍ଦୋଳନ ହେଲା ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି କହିଛନ୍ତି। କ୍ଷମତାସୀନ ହେବାକୁ ଆନ୍ଦୋଳନକାରୀ ଚାହୁଁଥିବା ସେ ଉଲ୍ଲେଖ କରିଛନ୍ତି। ତେବେ ଏହି ବିକ୍ଷୋଭ ପଛରେ ୩୬ ବର୍ଷୀୟ ସୁଦାନ ଗୁରୁଙ୍ଗଙ୍କ ହାତ ଥିବା କୁହାଯାଉଛି। ଏକ ଏନ୍‌ଜିଓ ‘ହାମି ନେପାଳ’ର ସେ ଅଧ୍ୟକ୍ଷ ଅଛନ୍ତି। ଲେ ନିଜେ ମଧ୍ୟ ଏହି ସୂଚନା ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ସେ କହିଥିଲେ ଯେ ତାଙ୍କ ଗୋଷ୍ଠୀ ରାଲି ଆୟୋଜନ କରିବାକୁ ନିବେଦନ କରିଥିଲା। ଛାତ୍ରଛାତ୍ରମାନଙ୍କୁ ସ୍କୁଲ ପୋଷାକ ପିନ୍ଧିବା ଏବଂ ପୁସ୍ତକ ଧରି ସାମିଲ ହେବାକୁ କହିଥିଲା। ଏହି ଗୋଷ୍ଠୀ ପ୍ରଦର୍ଶନକୁ ଶାନ୍ତିପୂର୍ଣ୍ଣ ପ୍ରତିରୋଧର ପ୍ରତୀକରେ ପରିଣତ କରିଥିଲା। ବ୍ଲାକଆଉଟ ପୂର୍ବରୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହି ଗୋଷ୍ଠୀ ବିକ୍ଷୋଭକାରୀଙ୍କୁ ସୁରକ୍ଷା ମାନକ ଏବଂ ବିକ୍ଷୋଭର ସ୍ଥଳ ବିଷୟରେ ସୂଚନା ଦେଉଥିଲା। ୨୦୧୫ର ନେପାଳରେ ଆସିଥିବା ଭୂକମ୍ପ ସମୟରେ ଏହି ଏନ୍‌ଜିଓ ସୃଷ୍ଟି ହୋଇଥିଲା। ଏହି ଭୂକମ୍ପରେ ସୁଦାନ ନିଜ ଶିଶୁକୁ ହରାଇ ଥିଲେ। ଏହା ପରେ ସେ ଦୁର୍ନୀତି ବିରୋଧରେ ସ୍ୱର ଉଠାଇବା ଆରମ୍ଭ କରିଥିଲେ। ଶେଷରେ ସେ ସାମାଜିକ ଗଣମାଧ୍ୟମରେ ଜେନ୍ ଜେଡ୍ ବିକ୍ଷୋଭ ନେଇଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲେ



କାଠମାଣ୍ଡୁ, ୯।୯ (ଏଜେନ୍ସି): ଅନ୍‌ଲାଇନରେ ଯୁବ ଗୋଷ୍ଠୀଙ୍କ ଶାନ୍ତିପୂର୍ଣ୍ଣ ନେପୋ କିଡ୍ ଏବଂ ଦୁର୍ନୀତି ଆନ୍ଦୋଳନକୁ ବନ୍ଦ ପାଇଁ ନେପାଳ ସରକାର ପଞ୍ଜୀକରଣ ଆଳରେ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିଦେଇଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ବିଦ୍ରୋହର ବହ୍ନିକୁ ଜୋରଦାର କରିଥିଲା। ଜେନ୍ ଜେଡ୍ ଗୋଷ୍ଠୀ ସାମାଜିକ ଗଣମାଧ୍ୟମ ଛାଡ଼ି ସିଧା ରାସ୍ତାକୁ ଓହ୍ଲାଇ ଥିଲେ। ଆଉ ଏହି ଆନ୍ଦୋଳନ ଏବେ ସରକାରଙ୍କୁ ଗାଦି ଛାଡ଼ିବାକୁ ବାଧ୍ୟ କରିଦେଇଛି। ଜଣଙ୍କ ପରେ ଜଣେ ଇସ୍ତଫା ଦେଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରେ ନେପାଳ ରାଷ୍ଟ୍ରପତି ଇସ୍ତଫା ଦେଇଛନ୍ତି। ସରକାର ଭୁଶୁଡ଼ି ଯାଇଛି। ତେବେ ଏହି ଆନ୍ଦୋଳନ ହିଂସ୍ର ରୂପ ଧାରଣ କରିଛି। ଏହି ନିଆଁରେ ଅନେକ ନିରୀହଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖନାଲଙ୍କ ପତ୍ନୀ ରାଜଲକ୍ଷ୍ମୀ ଚିତ୍ରାକର ସାମିଲ ଅଛନ୍ତି। ଆନ୍ଦୋଳନକାରୀ ତାଙ୍କୁ ଜିଅନ୍ତା ଜାଳି ହତ୍ୟା କରିଛନ୍ତି। ରିପୋର୍ଟ ଅନୁଯାୟୀ ଆଜି ଆନ୍ଦୋଳନକାରୀ କାଠମାଣ୍ଡୁର ଡାଲୁ ଅଞ୍ଚଳରେ ଥିବା ତାଙ୍କ ଘରକୁ କବ୍‌ଜା କରି ନେଇଥିଲେ। ସେ ଘରେ ଫସି ରହିଥିବା ସମୟରେ ବାହାରୁ ନିଆଁ ଲଗାଇ ଦେଇଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କୀର୍ତ୍ତିପୁର ବର୍ଣ୍ଣ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଆନ୍ଦୋଳନକାରୀ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ଘରେ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି। ଅନେକମନ୍ତ୍ରୀଙ୍କ ଘର ମଧ୍ୟ ବିକ୍ଷୋଭକାରୀ ଜାଳି ଦେଇଛନ୍ତି। ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଏହା ଆନ୍ଦୋଳନର ଭୟାବହତାକୁ ଦର୍ଶାଉଛି। ସମ୍ପୂର୍ଣ୍ଣ ଦେଶ ଅଶାନ୍ତ ରହିଛି। ସ୍ଥିତିକୁ ଦେଖି ଭାରତ ନିଜ ନାଗରିକଙ୍କ ପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରିଛି। ନେପାଳ ସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଏହି ଦେଶକୁ ନ ଯିବା ପାଇଁ କୁହାଯାଇଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ନେପାଳ ଏୟାରଲାଇନ୍ସ ଦିଲ୍ଲୀରୁ କାଠମାଣ୍ଡୁକୁ ସମସ୍ତ ବିମାନ ବାତିଲ କରିଦେଇଛି।

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଉଦ୍ଧାରକଲା ସେନା

### ଅର୍ଥମନ୍ତ୍ରୀଙ୍କୁ ତଡ଼ି ତଡ଼ି ବାଡ଼େଇଲେ

ନେପାଳରେ ଯୁବଗୋଷ୍ଠୀଙ୍କ ବିକ୍ଷୋଭ ପ୍ରଦର୍ଶନ ରକ୍ତମୁଖା ହୋଇ ଉଠିଛି। ସରକାରରେ ସାମିଲ ନେତାମନ୍ତ୍ରୀଙ୍କୁ ଦେଖିଲା ମାତ୍ରେ ବିକ୍ଷୋଭକାରୀ ମାଡ଼ ମାରୁଛନ୍ତି। ଏବେ କେପି ଶର୍ମା ଓଲିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ଅର୍ଥମନ୍ତ୍ରୀ ବିଷ୍ଣୁ ପ୍ରସାଦ ପୌଡେଲ (୬୫)ଙ୍କୁ କାଠମାଣ୍ଡୁର ଗଳିରେ ଗୋଡ଼ାଇ ଗୋଡ଼ାଇ ମାଡ଼ ମରାଯାଇଛି। ବିକ୍ଷୋଭକାରୀ ତାଙ୍କୁ ଫିଲ୍ମଶୈଳୀରେ ମାଡ଼ ମାରୁଥିବା ଦେଖାଯାଉଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ମନ୍ତ୍ରୀ ଜୀବନ ବଞ୍ଚାଇବା ପାଇଁ ଦୌଡୁଥିବାବେଳେ ବିକ୍ଷୋଭକାରୀ ତାଙ୍କୁ ଧରିବା ପାଇଁ ପଛରେ ଗୋଡ଼ାଉ ଥିବା ଦେଖାଯାଉଛି। ସମସ୍ତେ ମିଶି ତାଙ୍କୁ ମାଡ଼ ମାରୁଛନ୍ତି। ପରେ ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି। କାଠମାଣ୍ଡୁ ପୁଲିସର ସୂଚନା ଅନୁଯାୟୀ ଆନ୍ଦୋଳନକାରୀ କର୍ଫ୍ୟୁକୁ ଉଲ୍ଲଙ୍ଘନ କରିଛନ୍ତି। ବିଭିନ୍ନ ସ୍ଥାନରେ ଆକ୍ରମଣ କରି ନିଆଁ ଲଗାଇ ଦେଇଛନ୍ତି। ଭାଇରାଲ ଭିଡିଓରୁ ଦେଖାଯାଉଛି ଯେ ଜୀବନ ବଞ୍ଚାଇବା ପାଇଁ ପୌଡେଲ କାଠମାଣ୍ଡୁରେ ଗଳିରେ ଦୌଡୁଛନ୍ତି। ଏହି ସମୟରେ ଜଣେ ବିକ୍ଷୋଭକାରୀ ବିପରୀତ ଦିଗରୁ ଆସି ଡେଇଁ ତାଙ୍କୁ କିକ୍ ମାରୁଛି। ଏଥିରେ ମନ୍ତ୍ରୀ ନିୟନ୍ତ୍ରଣ ହରାଇ ଏକ କାନ୍ଥ ସହ ଯାଇ ମାଡ଼ ହୋଇଥିଲେ। ଏହା ପରେ ମନ୍ତ୍ରୀ ତର ତର ହୋଇ ଉଠି ପଡ଼ିଥିଲେ। ପୁଣି ଦୌଡ଼ିବାକୁ ଲାଗିଥିଲେ। କିଛି ସମୟ ଭିତରେ ଆଉ ଜଣେ ବ୍ୟକ୍ତି ପିଛା କରି ତାଙ୍କୁ ଧରି ପକାଇ ଥିଲେ।

ଜେନ୍ ଜେଡ୍ ଆନ୍ଦୋଳନକାରୀ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ସେର ବାହାଦୂର ଦେଓବା ଏବଂ ତାଙ୍କ ପତ୍ନୀ ତଥା ବିଦେଶମନ୍ତ୍ରୀ ଅରଜୁ ରାଣା ଦେଓବାଙ୍କ ଉପରେ ଆକ୍ରମଣ ହୋଇଛି। କାଠମାଣ୍ଡୁର ବୁଡାନୀଳକଣ୍ଠରେ ଥିବା ତାଙ୍କ ବାସଭବନ ଉପରେ ବିକ୍ଷୋଭକାରୀ ଆଜି ଆକ୍ରମଣ କରିଥିଲେ। ସେମାନଙ୍କ ମାଡ଼ରେ ସେର ବାହାଦୂର ଲହୁଲୁହାଣ ହୋଇ ପଡ଼ିଥିଲେ। ମାଡ଼ ମାରି ମୁହଁ ଫୁଲାଇ ଦେଇଥିଲେ। ତାଙ୍କ ମୁହଁରୁ ରକ୍ତ ବାହାର କରିଦେଇଥିଲେ। ସୁରକ୍ଷାବାହିନୀ ପହଞ୍ଚିବା ପୂର୍ବରୁ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଭଙ୍ଗାରୁଜା କରିବା ସହ ଜିନିଷପତ୍ର ଲୁଟି ନେଇଥିଲେ। ଏକ ପଡ଼ିଆ ନିକଟରୁ ଦେଓବା ଏବଂ ତାଙ୍କ ପତ୍ନୀଙ୍କୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

# ରାଜସ୍ଥାନରେ ରେକର୍ଡ ବର୍ଷା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ବର୍ଷା ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ଭୂସ୍ଖଳନ ସାଙ୍ଗକୁ ବନ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ରାଜସ୍ଥାନରେ ଇତିହାସର ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି। ଏ ପର୍ଯ୍ୟନ୍ତ ୬୯୩.୧ ମିମି ବର୍ଷା ହେଲାଣି। ୧୦୯ ବର୍ଷ ତଳେ ୧୯୧୭ରେ ୮୪୪.୨ ମିମି ବର୍ଷା ହୋଇଥିଲା। ଏବେ ସୁଦ୍ଧା ୬୩ ପ୍ରତିଶତ ବନ୍ଧ ଫୁଲ୍ ହୋଇଗଲାଣି। ରାଜ୍ୟରେ ଜୁନ୍‌ରେ ୧୨୫.୩ ମିମି, ଜୁଲାଇରେ ୨୯୦ ମିମି ଏବଂ ଅଗଷ୍ଟରେ ୧୮୪ ମିମି ବର୍ଷା ହୋଇଥିଲା। ସେହିପରି ହିମାଚଳରେ ମୌସୁମୀ କହର ଜାରି ରହିଛି। ସୋମବାର ରାତିରେ କୁଲ୍ଲୁରେ ଭୂସ୍ଖଳନ ହୋଇ ଏକ ଭାଙ୍ଗିଯିବାରୁ ପରିବାରର ୫ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ତିନି ଜଣଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ୧୩୬ ବଡ଼ ଭୂସ୍ଖଳନ ଘଟଣା ଏବଂ ୪୫ ଥର ବାଦଲଫଟା ବର୍ଷା ହେଲାଣି। ଏହା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶ ମାର୍ଗରୁ କାଙ୍ଗଡ଼ା ଜିଲ୍ଲାର ସର୍ବେକ୍ଷଣ କରିଛନ୍ତି। ସେ ବନ୍ୟା ଏବଂ ବର୍ଷା ପ୍ରଭାବିତ କ୍ଷେତ୍ର ପାଇଁ ୧୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସେହିପରି ମୃତକଙ୍କ ପରିବାର ସଦସ୍ୟଙ୍କ ଲାଗି ୨ ଲକ୍ଷ ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। କୃଷକଙ୍କୁ ପିଏମ କିଶାନ ନିଧିର ଆଡଭାନ୍ସ କିସ୍ତି ପ୍ରଦାନ କରାଯିବ ବୋଲି ମୋଦୀ କହିଛନ୍ତି।

ଅନ୍ୟପଟେ ଗୁଜରାଟ ଅହମଦାବାଦରେ ସୋମବାର ରାତିରେ ବଡ଼ ଅଘଟଣ ଘଟିଛି। ରାତିରେ ଦମ୍ପତି ପାଣି ଭର୍ତ୍ତି ସଡ଼କ ଦେଇ ଯାଉଥିଲେ। ରାସ୍ତାରେ ଥିବା ଖାଲରେ କରେଣ୍ଟ ତାର ଥିଲା। ଏହା ସଂସ୍ପର୍ଶରେ ଆସିଯିବାରୁ ଉଭୟଙ୍କ ମୃତ୍ୟୁ ହୋଇଛି। ସେହିପରି ଉତ୍ତର ଗୁଜରାଟ ଏବଂ ସୌରାଷ୍ଟ୍ରରେ ଗତ ତିନି ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ଏହା ଦ୍ୱାରା କଚ୍ଛର ମରୁଭୂମିରେ ପ୍ରଥମ ଥର ପାଇଁ ବନ୍ୟା ଆସିଛି। ସେହିପରି ପ୍ରଧାନମନ୍ତ୍ରୀ ବନ୍ୟା ପୀଡ଼ିତ ପଞ୍ଜାବ ଗସ୍ତରେ ଯାଇ ୧୬୦୦ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଦେଇଛନ୍ତି। ସେ ଗୁରଦାସପୁରରେ ପ୍ରଭାବିତ ଚାଷୀ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ ଟିମ୍ ସହ ଆଲୋଚନା କରିଛନ୍ତି। ମନ୍ତ୍ରୀ ଏବଂ ଅଧିକାରୀଙ୍କ ସହ ମଧ୍ୟ ବୈଠକ କରିଛନ୍ତି।

## ହାଇକୋର୍ଟରେ ଐଶ୍ୱର୍ଯ୍ୟା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଏର କରିଛନ୍ତି। ଏଥିରେ ସେ ବିନାନୁମତିରେ ତାଙ୍କ ଫଟୋ, ନାମ, ପରିଚୟ ଏବଂ ଏଆଇ ଜେନେରେଟେଡ ଅଶ୍ଳୀଳ ବିଷୟବସ୍ତୁ (କଣ୍ଟେଣ୍ଟ) ଉପରେ ରୋକ୍ ଲଗାଇବାକୁ ଦାବି କରିଛନ୍ତି। ଏହା ଦ୍ୱାରା ବ୍ୟକ୍ତିଗତ ଅଧିକାରର ଉଲ୍ଲଙ୍ଘନ ହେଉଛି ବୋଲି ସେ କହିଛନ୍ତି। ଅଭିନେତ୍ରୀଙ୍କ ଓକିଲ ସନ୍ଦୀପ ସେଠ କୋର୍ଟରେ କହିଛନ୍ତି ଯେ ଭ୍ରମାତ୍ମକ ପ୍ରଚାର ଏବଂ ଲାଭ ପାଇଁଐଶ୍ୱର୍ଯ୍ୟାଙ୍କ ପରିଚୟକୁ ବିନା ଭୟରେ ଅପବ୍ୟବହାର କରାଯାଉଛି। ଐଶ୍ୱର୍ଯ୍ୟାଙ୍କ ଅଶ୍ଳୀଳ, ଜାଲିଆତି କରାଯାଇଥିବା ଏବଂ ଏଆଇ ଜେନେରେଟଡ ଫଟୋ ଅନ୍‌ଲାଇନରେ ପ୍ରଚାରପ୍ରସାର କରାଯାଉଛି। ଏହା ଦ୍ୱାରା ଅଭିନେତ୍ରୀଙ୍କ ଗରିମା ଏବଂ ଅଧିକାର ଉଲ୍ଲଙ୍ଘନ ହେଉଛି। ସେହିପରି ଯୌନ ଇଚ୍ଛାକୁ ମେଣ୍ଟାଇବା ପାଇଁ ଐଶ୍ୱର୍ଯ୍ୟାଙ୍କ ଫଟୋ ବ୍ୟବହାର କରାଯାଉଛି। ସନ୍ଦୀପ ସେଠ୍ କହିଥିଲେ ଯେ କିଛି କମ୍ପାନୀ ତଥା ୱେବସାଇଟ ନିଜକୁ ଆନୁଷ୍ଠାନିକ ପ୍ଲାଟଫର୍ମ କହି ଐଶ୍ୱର୍ଯ୍ୟାଙ୍କ ନାମ ଏବଂ ଫଟୋ ଲଗାଇ ମଗ୍, ଟି-ସାର୍ଟ, ଡ୍ରିଙ୍କ ପ୍ରଡକ୍ଟସ ସହିତ ଅନେକ ବେଆଇନ ସାମଗ୍ରୀ ବିକୁଛନ୍ତି। ଏହା ଉପରେ ବିଚାରପତି କହିଥିଲେ ଯେ ଅନ୍‌ଲାଇନ ପ୍ଲାଟଫର୍ମ, କମ୍ପାନୀ ଏବଂ ବିନା ଅନୁମତିରେ ଏଭଳି ଫଟୋ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଉପରେ କଟକଣା ଲଗାଯିବ। ଏଥିପାଇଁ ‘ଇଞ୍ଜକ୍ସନ ଅର୍ଡର’ ପାରିତ କରାଯିବ। ଜାନୁଆରୀ ୧୫ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି।

# ମୁନ୍ନାଭାଇ ଜେଲ୍‌ରେ ହିଁ ରୁହନ୍ତୁ: ସୁପ୍ରିମକୋର୍ଟ



### ଅନ୍ୟ ଦ୍ୱାରା ପରୀକ୍ଷା ଦେବାକୁ ଭର୍ତ୍ସନା

### ଜାମିନ ଆବେଦନ ଖାରଜ କଲେ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ବଲିଉଡ ଚଳଚ୍ଚିତ୍ର ‘ମୁନ୍ନାଭାଇ ଏମ୍‌ବିବିଏସ’ ପରି ଉତ୍ତର ପ୍ରଦେଶର ଜଣେ ବ୍ୟକ୍ତି ନିଜ ପରୀକ୍ଷା ଦେବା ପାଇଁ ଅନ୍ୟ ଜଣଙ୍କୁ ବସାଇ ଥିଲେ। ଏହାକୁ ସୁପ୍ରିମକୋର୍ଟ ଚିନ୍ତାଜନକ କହିଛନ୍ତି। ମୁନ୍ନାଭାଇଙ୍କୁ ଜେଲ୍‌ରେ ହିଁ ରହିବାକୁ ପଡ଼ିବ ବୋଲି ଉଲ୍ଲେଖ କରିଛନ୍ତି। ଏଭଳି ଜାଲିଆତି ସାର୍ବଜନୀନ ପରୀକ୍ଷା ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଉଛି। ଏହା ଦ୍ୱାରା ଅନେକ ପରୀକ୍ଷାର୍ଥୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି। ଏହା ସହିତ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଆବେଦନକାରୀ ୨୦୨୪ ଡିସେମ୍ବରରେ ହୋଇଥିବା ଉତ୍ତର ପ୍ରଦେଶ ସିଟିଇଟି ପରୀକ୍ଷାରେ ନିଜ ସ୍ଥାନରେ ଜାଲ୍ ପରୀକ୍ଷାର୍ଥୀଙ୍କୁ ବସାଇଥିବା ଅଭିଯୋଗ ଲାଗିଛି।

ଏହା ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ସେ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଓକିଲ କହିଥିଲେ ଯେ ଏହି ମାମଲାରେ ତିନି ଜଣଙ୍କ ବିରୋଧରେ ଆରୋପପତ୍ର ଦାଖଲ କରାଯାଇଛି। ନକଲି ପରୀକ୍ଷାର୍ଥୀଙ୍କ ସମେତ ଦୁଇ ଜଣଙ୍କୁ ମଧ୍ୟ ଜାମିନ ମିଳିସାରିଛି। ଏହାକୁ ନେଇ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରି ଚାରି ସପ୍ତାହ ଭିତରେ ଜବାବ ମାଗିଛନ୍ତି। ହାଇକୋର୍ଟରେ ମିଥ୍ୟା ମାମଲାରେ ଫସା ଯାଇଛି ବୋଲି ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା। ସେ ପରୀକ୍ଷା ଦିନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କହିଥିଲେ। ଅଜାଣତରେ ଆଉ କେହି ପରୀକ୍ଷାରେ ବସିଥିବା ସୂଚନା ଦିଆଯାଇଥିଲା। ତେବେ ହାଇକୋର୍ଟ ଆବେଦନକୁ ଖାରଜ କରିଦେଇଥିଲେ। ପରୀକ୍ଷାରେ ଆଉ କେହି ବସିବା ଦ୍ୱାରା ଶିକ୍ଷା ପ୍ରଣାଳୀର ଅଖଣ୍ଡତା ପ୍ରଭାବିତ ହେଉଛି। ସମାଜ ଉପରେ ଗମ୍ଭୀର ପ୍ରଭାବ ପଡୁଛି ବୋଲି କହିଥିଲେ। ଆବେଦନକାରୀ ଏବଂ ଅନ୍ୟଜଣଙ୍କ ବିରୋଧରେ ପ୍ରଧାନ ଶିକ୍ଷକଙ୍କ ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ୨୦୨୪ ଡିସେମ୍ବର ୧୫ରେ ଆୟୋଜିତ ପରୀକ୍ଷାରେ ନକଲି ପରୀକ୍ଷାର୍ଥୀ ଥିବା ନେଇ ସୂଚନା ମିଳିଥିଲା। ଯାଞ୍ଚ ସମୟରେ ବାୟୋମେଟ୍ରିକକୁ ମିଶା ଯାଇ ନ ଥିଲା। ଆବେଦନକାରୀ ସନ୍ଦୀପ ସିଂହ ପଟେଲଙ୍କ ସ୍ଥାନରେ ଅନ୍ୟ ଜଣେ ବ୍ୟକ୍ତି ଜାଲ୍ ପ୍ରବେଶ ପତ୍ରର ମାଧ୍ୟମରେ ପରୀକ୍ଷା ଦେଉଥିବା ଜଣା ପଡ଼ିଥିଲା।

■ ସାପକାମୁଡ଼ା ରୋଗୀଙ୍କୁ ଝଡ଼ାଫୁଙ୍କା

## ଭାଇ-ଭଉଣୀ ମୃତ

ଉମରକୋଟ, ୯।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ରାଜପୁର ଅଞ୍ଚଳରେ ସାପକାମୁଡ଼ାରେ ଭାଇ-ଭଉଣୀଙ୍କ ମୃତ୍ୟୁ ଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ରାଜପୁର ଗ୍ରାମର ଜଗତୁ ହରିଜନଙ୍କ ପୁଅ ରୁଦ୍ରରାଜ ହରିଜନ (୯ମାସ) ଓ ଭଉଣୀ ଅମିତା ହରିଜନ (୧୧)। ଗତ ରାତିରେ ସମସ୍ତେ ଖାଇ ପିଇ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ଉଭୟଙ୍କୁ କାମୁଡ଼ି ଦେଇଥିଲା। ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଦୁହିଁଙ୍କୁ ଡାକ୍ତରଖାନା ନେବା ବଦଳରେ ଗୁଣିଆ ପାଖକୁ ନେଇ ଝଡ଼ାଫୁଙ୍କା କରିଥିଲେ। କିନ୍ତୁ ଦେହ ଭଲ ନହେବାରୁ ପରେ



ସେମାନଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସଚେତନତା ଅଭାବରୁ ଦୁଇଦୁଇଟି ଜୀବନ ଅକାଳରେ ଚାଲିଗଲା ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା କହିଛନ୍ତି।

## ସୋନପୁରରୁ ଅପହୃତ ନାବାଳକ ପୁରୀରୁ ଉଦ୍ଧାର

ପୁରୀ, ୯।୯ (ସମିସ): ସୋନପୁରରୁ ଅପହୃତ ନାବାଳକ ପୁରୀରୁ ଉଦ୍ଧାର। ପୁରୀ ପୁଲିସ୍ର ଏକ ଟିମ୍ ନରେନ୍ଦ୍ରକୋଣସ୍ଥିତ ଏକ ଲଜ୍ରୁ ନାବାଳକକୁ ଉଦ୍ଧାର କରିବା ପରେ ସୋନପୁର ପୁଲିସକୁ ହସ୍ତାନ୍ତର କରିଛି। ତେବେ ଆଗୁଆ ଖବର ପାଇ ଅପହର୍ତ୍ତାମାନେ ଫେରାର୍ ହୋଇଯାଇଥିବା ଜଣାଯାଇଛି। ୨୦ ଲକ୍ଷ ଟଙ୍କା ପାଇଁ ଦୁର୍ବୃତ୍ତମାନେ ନାବାଳକର ମୁଣ୍ଡ ଜାମିନ ରଖିଥିଲେ। ଦୁର୍ବୃତ୍ତମାନେ ବ୍ୟବହାର କରିଥିବା କାର୍କୁ ପୁଲିସ ଜବତ କରିଛି।

ସୂଚନାନୁଯାୟୀ, ରବିବାର ୩ଜଣ ଦୁର୍ବୃତ୍ତ ସୋନପୁରରୁ ନାବାଳକକୁ ଏକ କାର୍ରେ ଅପହରଣ କରି ପୁରୀ ନେଇ ଆସିଥିଲେ। ସୋମବାର ରାତି ପ୍ରାୟ ୮ଟାରେ ନରେନ୍ଦ୍ରକୋଣସ୍ଥିତ ଏକ ଲଜ୍ରେ ସେମାନେ ନାବାଳକକୁ ରଖିଥିଲେ। ଏନେଇ ନାବାଳକଙ୍କ ପରିବାରଲୋକେ ନିକଟସ୍ଥ ଥାନାରେ ଅଭିଯୋଗ କରିବା ପରେ ପୁରୀ ପୁଲିସର ସହଯୋଗ ନେଇଥିଲା ସୋନପୁର ପୁଲିସ। ପୁରୀ ଏସ୍ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ତେବେ ଦୁର୍ବୃତ୍ତମାନେ ନାବାଳକକୁ ନରେନ୍ଦ୍ରକୋଣର ଏକ ଲଜ୍ରେ ରଖିଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ବିଳମ୍ବିତ ରାତିରେ ସମ୍ପୃକ୍ତ ଲଜ୍ରେ ପୁଲିସ ଚଢ଼ଉ କରି ନାବାଳକକୁ ଉଦ୍ଧାର କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ନାବାଳକ ବାପାଙ୍କର ଏକ ଭେରାଇଟି ଷ୍ଟୋର ସୋନପୁରରେ ରହିଛି। ଅପହରଣକାରୀମାନେ ଦୋକାନ ପାଖ ଅଞ୍ଚଳର ହୋଇଥିବା ବେଳେ ପୁଲିସ ସେମାନଙ୍କୁ ଚିହ୍ନଟ କରିଛି। ଖୁବ୍ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପୁଲିସ କହିଛି।

■ ୨୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିଥିଲେ
■ ଅପହର୍ତ୍ତା ଫେରାର୍, ଗାଡ଼ି ଜବତ

## ବୃଦ୍ଧଙ୍କୁ ଝୁଣିଦେଲା ଭାଲୁ

କୋକସରା/ଜୟପାଟଣା, ୯।୯ (ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ଉଚ୍ଛୁଲା ପଞ୍ଚାୟତ କୁଣ୍ଡିଗୁଡା ଗ୍ରାମର ଜଣେ ବୃଦ୍ଧ ଭାଲୁ ଆକ୍ରମଣ ଶିକାର ହୋଇ ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧଜଣଙ୍କ ହେଲେ, ଉଦେ ମାଝୀ (୬୦)। ମଙ୍ଗଳବାର ଭୋର୍ରେ ଉଦେ ଶୌଚ ପାଇଁ ନିଜ ଚାଷ ଜମିଆଡ଼କୁ ଯାଇଥିବା ବେଳେ ଏକ ଜଙ୍ଗଲୀ ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଫଳରେ ବୃଦ୍ଧଙ୍କ ମୁଣ୍ଡ ଓ ପିଠିରେ କ୍ଷତ ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଦେଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଅନ୍ୟପଟେ ବନ ବିଭାଗର କର୍ମଚାରୀମାନେ ମେଡିକାଲରେ ପହଞ୍ଚି କାଗଜ ପତ୍ର ସଂଗ୍ରହ କରିବା ସହ ଆବଶ୍ୟକ ହିସାବରେ କ୍ଷତିପୂରଣ ସହାୟତା ଯୋଗାଇଦେବା ପାଇଁ କହିଛନ୍ତି।

# ଜୈବିକ ଚାଷ ପ୍ରତି ଅନାଗ୍ରହୀ ଓଡ଼ିଶା ଚାଷୀ

■ ସାର ଓ କୀଟନାଶକ ଛାଡ଼ିପାରୁ ନାହାନ୍ତି
■ ଯୋଜନା ହେଉଛି, କାର୍ଯ୍ୟାନ୍ୱୟନ ହେଉନି

ଭୁବନେଶ୍ୱର, ୯।୯ (ସମିସ): କୃଷି କ୍ଷେତ୍ରରେ ରସାୟନିକ ସାରର ବ୍ୟବହାର ପୂର୍ବାପେକ୍ଷା ବହୁ ମାତ୍ରାରେ ବୃଦ୍ଧି ପାଇଛି। ଅଧିକ ଉତ୍ପାଦନ ପାଇଁ ଚାଷୀମାନେ ସାର ଓ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଉତ୍ପାଦନ ବୃଦ୍ଧି ହେଉଛି। ମାତ୍ର ଉତ୍ପାଦିତ ଫସଲର ଗୁଣାତ୍ମକମାନ ହ୍ରାସ ପାଉଛି। ଏହାକୁ ଲୋକମାନେ ଖାଦ୍ୟ ରୂପେ ଗ୍ରହଣ କରି ରୋଗଗ୍ରସ୍ତ ହେଉଛନ୍ତି। ବିଭିନ୍ନ ପ୍ରକାର ରୋଗର କାରଣ ବ୍ୟାପକ ସାର ବ୍ୟବହାର ବୋଲି ଏକାଧିକ ଗବେଷଣାରୁ ପ୍ରମାଣିତ ହୋଇଛି। ଏଥିସହ ମାଟିର ଉର୍ବରତା ହ୍ରାସ ପାଇବା ସହ ସାର ବ୍ୟବହାର ଯୋଗୁଁ ମାଟି ପଥୁରିଆ ହୋଇଯାଉଛି। ତେଣୁ କେନ୍ଦ୍ର ସରକାର ସାର ବ୍ୟବହାର ହ୍ରାସ କରି ଜୈବିକ ପଦ୍ଧତିରେ ଚାଷ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ତାହା ଫଳପ୍ରଦ ହୋଇପାରୁନି। ବିଶେଷକରି ଚାଷୀମାନେ ଏହାକୁ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜୈବିକ ପଦ୍ଧତିରେ ପ୍ରସ୍ତୁତ କୀଟନାଶକ ବା ବାୟୋ ପେଷ୍ଟିସାଇଡ୍ କ୍ରୟ କରିବା ପାଇଁ ଚାଷୀମାନଙ୍କୁ ୫୦ ପ୍ରତିଶତ ରିହାତି ଯୋଗାଇ ଦିଆଯାଉଥିଲେ ବି କୃଷକ କିଣୁନାହାନ୍ତି। ସଚେତନତା ଅଭାବ ସହ ଉପଲବ୍ଧତାରେ ସମସ୍ୟା ଯୋଗୁଁ ଅଧିକ ଚାଷୀ ଏଥିରେ ସାମିଲ ହୋଇପାରୁ ନାହାନ୍ତି।

ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟରେ ପରମ୍ପରାଗତ କୃଷି ବିକାଶ ଯୋଜନା(ପିକେଭିୱାଇ) କାର୍ଯ୍ୟକାରୀ କରାଯାଇଛି। ୨୦୨୧-୨୨ ରୁ ୨୦୨୩-୨୪ ବର୍ଷ ପାଇଁ ୧୦ଟି ଜିଲ୍ଲାରେ ଏଥିପାଇଁ ୧ହଜାର ହେକ୍ଟର ଜମି ଚିହ୍ନଟ ହୋଇଥିଲା। ଏହାପରେ ୧୫ଟି ଜିଲ୍ଲାରେ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି(ବିପିକେପି) କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥିଲା। ପରବର୍ତ୍ତୀ ୨୦୨୨-୨୩ ରୁ ୨୦୨୩-୨୪ ବର୍ଷ ପାଇଁ ୨୪ହଜାର ହେକ୍ଟର ଜମିରେ ଏହି ଚାଷ ହୋଇଥିଲା। ଏହାପରେ ୨୦୨୪-୨୫ ବର୍ଷଠାରୁ ପୁର୍ନବାର ପିକେଭିୱାଇ ଯୋଜନାରେ ୪ଟି ଜିଲ୍ଲାରେ ୬୫୦୦ ହେକ୍ଟର ଜମିରେ ଜୈବିକ ଚାଷ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଧିନରେ ଚାଷରେ ଗୋବର ଖତ, କମ୍ପୋଷ୍ଟ ଓ ଜିଆ ଖତ ପ୍ରସ୍ତୁତ ସହ ବହୁଳ ବ୍ୟବହାର ପାଇଁ ପଦକ୍ଷେପ ନିଆଯାଇଥିଲା। ଏଥିପାଇଁ କୃଷକମାନଙ୍କୁ ପ୍ରଶିକ୍ଷଣ ସହିତ ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ତେବେ ପ୍ରୋତ୍ସାହନ ରାଶି ପାଇଲା ପରେ ବହୁ ସ୍ଥାନରେ କୃଷକମାନେ ଜୈବିକ ଚାଷରୁ ମୁହଁ ଫେରାଇ ନେଉଥିବାରୁ ଏହି ଯୋଜନା ସେତେଟା ଆଗେଇ ପାରୁନାହିଁ। ଜାତୀୟ ଓ ଆର୍ନ୍ତଜାତୀୟ ବଜାରରେ ଜୈବିକ ପଦ୍ଧତିରେ ଉତ୍ପାଦିତ କୃଷିଜାତ ସାମଗ୍ରୀର ଅଧିକ ଚାହିଦା ରହୁଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ରାଜ୍ୟରେ ଚାଷୀମାନେ ଧାନଠାରୁ ଆରମ୍ଭକରି ପନିପରିବା ପର୍ଯ୍ୟନ୍ତ ଚାଷ କ୍ଷେତ୍ରରେ ରସାୟନିକ ସାର ଓ କୀଟନାଶକ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି।

ରସାୟନିକ ସାର ବ୍ୟବହାର କ୍ଷେତ୍ରରେ ଓଡ଼ିଶା ଦେଶର ୧୭ତମ ସ୍ଥାନରେ ଥିବାବେଳେ କୀଟନାଶକ ବ୍ୟବହାର କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି। ରାଜ୍ୟରେ ବାର୍ଷିକ ୧୧୪୩ ମେଟ୍ରିକ ଟନ୍ କୀଟନାଶକ ବ୍ୟବହାର ହେଉଛି। ଦିନକୁ ଦିନ ଚାଷୀମାନେ ଅଧିକରୁ ଅଧିକ ପରିମାଣରେ ରସାୟନିକ ସାର ଓ କୀଟନାଶକ ଉପରେ ନିର୍ଭରଶୀଳ ହେଉଛନ୍ତି। ଓଡ଼ିଶା ବର୍ତ୍ତମାନ ଜାତୀୟସ୍ତରରେ ଚାଉଳ ଉତ୍ପାଦନ କ୍ଷେତ୍ରରେ ୫ମ ସ୍ଥାନରେ ଥିବାବେଳେ ଛତୁ ଏବଂ କନ୍ଦମୂଳ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛି। ସେହିଭଳି ପଣସ ଉତ୍ପାଦନରେ ଦ୍ୱିତୀୟ, କାଜୁବାଦାମରେ ତୃତୀୟ, ଲଙ୍କା ଉତ୍ପାଦନରେ ଚତୁର୍ଥ ଓ ପନିପରିବା ଉତ୍ପାଦନରେ ସପ୍ତମ ସ୍ଥାନରେ ରହିଛି। ଆମ୍ବ ଉତ୍ପାଦନରେ ଅଷ୍ଟମ ସ୍ଥାନରେ ରହିଛି ଓଡ଼ିଶା। ତେବେ ଏହିସବୁ ଚାଷ ପାଇଁ ଚାଷୀମାନେ ଜୈବିକ ପଦ୍ଧତି ଅପେକ୍ଷା ରସାୟନିକ ସାର ଓ କୀଟନାଶକ ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।

ନଦୀ ଓ ଜଳାଶୟରୁ ପାଣି ଉଠାଇବାକୁ ମାର୍ଗଦର୍ଶିକା ଜାରି

## ବିଭାଗ ଧାର୍ଯ୍ୟ କଲା ୧୩ ସର୍ତ୍ତ

ଭୁବନେଶ୍ୱର, ୯।୯ (ସମିସ): ବିଭିନ୍ନ ସଂସ୍ଥା ତଥା ଶିକ୍ଷାନୁଷ୍ଠାନ ନଦୀ ବା ଜଳାଶୟରେ ପାଇପ ଲାଇନ ବିଛାଇବା ପାଇଁ ନିର୍ଦ୍ଦିଷ୍ଟ ଅନୁମତି ପାଇଁ ଜଳସମ୍ପଦ ନିକଟରେ ଆବେଦନ କରୁଥିଲେ। ସେହିପରି କେତେକ ସଂସ୍ଥା ବିନା ଅନୁମୋଦନରେ ନଦୀ, ଜଳାଶୟରେ ନିଜ ପାଇପ ଲାଇନ ବିଛାଇ ପାଣି ଉଠାଉଥିଲେ। ମାତ୍ର ଏହି ବ୍ୟବସ୍ଥାକୁ ସରଳ, ସୁଗମ କରିବା ସହ ଇଜ୍ ଅଫ୍ ଡୁଇଙ୍ଗ ବିଜନେସକୁ ବଳ ଦେବା ସହ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ପାଇଁ ଜଳସମ୍ପଦ ବିଭାଗ ଏବେ ଏ ସଂକ୍ରାନ୍ତରେ ଏକ ଏସ୍ଓପି(ମାର୍ଗଦର୍ଶିକା) ପ୍ରଣୟନ କରିଛି। ମାର୍ଗଦର୍ଶିକାରେ ବିଭାଗ ପକ୍ଷରୁ ମୋଟ ୧୩ଟି ସର୍ତ୍ତ ରଖାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ ଏଣିକି ନଦୀ, ଜଳାଶୟରେ ପାଇପ ବିଛାଇବାକୁ ହେଲେ ଏକମାତ୍ର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ରାଇଟ୍ ଅଫ ୱେ(ରୋ) ଅନୁମୋଦନ ପାଇଁ ଆବେଦନ କରିବାକୁ ପଡ଼ିବ। ଏହି ଆବେଦନ ପରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ଏହାର ଯାଞ୍ଚ କରାଯିବା ପରେ ଆବେଦନର ନୀରିକ୍ଷଣ ପାଇଁ ଧାର୍ଯ୍ୟ ଅଧିକାରୀଙ୍କ ନିକଟକୁ ପଠାଯିବ। ବିଭାଗୀୟ ଅଧିକାରୀ ପ୍ରସ୍ତାବଟି ଯାଞ୍ଚ କରିବେ, ଆବେଦନକାରୀ ପ୍ରତିନିଧିଙ୍କ ସହିତ ଏକ ମିଳିତ କ୍ଷେତ୍ର ପରିଦର୍ଶନ କରିବେ, ପ୍ରସ୍ତାବିତ ଆଲାଇନ୍ମେଣ୍ଟ ଏବଂ ରାସ୍ତାରେ ଡିଓଡବ୍ଲ୍ୟୁଆର୍ ସମ୍ପତ୍ତି ସମେତ ସମସ୍ତ ଜଳଭଣ୍ଡାର କ୍ରସିଂ ଯାଞ୍ଚ କରିବେ। ଆଲାଇନ୍ମେଣ୍ଟ ଡିଓଡବ୍ଲ୍ୟୁଆର୍ ଜମିର ଶେଷ ଭାଗରେ ହେବ ଓ ଭବିଷ୍ୟତରେ ବନ୍ଧ ସେକ୍ସନର ପ୍ରଶସ୍ତୀକରଣ/ପରିବର୍ତ୍ତନ ଇତ୍ୟାଦିର ଯତ୍ନ ନେବେ। ଏହାପରେ ବିଭିନ୍ନ ସ୍ତରରେ ଏହା ଯାଞ୍ଚ ହେବା ପରେ ଯଦି ଆବେଦନ ଯୋଗ୍ୟ ବିବେଚିତ ହୁଏ ତାହେଲେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଏହାକୁ ଅନୁମୋଦନ ଦେବେ। ଏହି ଅନୁମୋଦନ ପ୍ରକ୍ରିୟା ୪୫ ଦିନ ମଧ୍ୟରେ ଶେଷ କରାଯିବ।

## ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ!

ବାରିପଦା/କୁଳିଅଣା, ୯।୯ (ସମିସ): ଗାଙ୍ଗରାଜ ଅଞ୍ଚଳର ଏକ ପରିତ୍ୟକ୍ତ ପୋଖରୀରୁ କୁଳିଅଣା ପୁଲିସ ଆଜି ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ କେହି ଦୁର୍ବୃତ୍ତ ଯୁବକଙ୍କୁ ଅନ୍ୟତ୍ର ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ବ୍ୟବଚ୍ଛେଦ ନିମନ୍ତେ ପିଆରଏମ୍ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଯାଇଛି। ସୂଚନାନୁଯାୟୀ, ଆଜି ଅପରାହ୍ଣରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ଖୋଜାଖୋଜି କରିବାରୁ ପୋଖରୀରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେ ଏ ସଂପର୍କରେ କୁଳିଅଣା ପୁଲିସକୁ ଖବର ଦେଇଥିଲେ।

ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣା

## ୩୪୯ ପୃଷ୍ଠାର ଚାର୍ଜସିଟ୍ ଦାଖଲ

ବାଲେଶ୍ୱର, ୯।୯ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ମଙ୍ଗଳବାର ବାଲେଶ୍ୱର ଏସ୍ଡିଜେଏମ୍ କୋର୍ଟରେ ୩୪୯ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରିଛି। ଏହାସହ ମୃତ ଛାତ୍ରୀଙ୍କ ମୋବାଇଲ ରେକର୍ଡ ଯାଞ୍ଚ ପାଇଁ ଫୋରେନସିକ୍ ଲ୍ୟାବକୁ ପଠାଇବା ନିମନ୍ତେ କୋର୍ଟଙ୍କୁ କ୍ରାଇମବ୍ରାଞ୍ଚ ଅନୁରୋଧ କରିଛି। କ୍ରାଇମବ୍ରାଞ୍ଚ ଉକ୍ତ ଘଟଣାରେ ଗିରଫ ୪ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିବା ସହ ୧୨୦ଜଣ ସାକ୍ଷୀଙ୍କ ନାମ ମଧ୍ୟ କୋର୍ଟରେ ଦେଇଥିବା ଜଣାଯାଇଛି।

ଏ ବାବଦରେ ଗିରଫ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଘୋଷଙ୍କ ଓକିଲ ଗୁରୁପ୍ରସାଦ ବେହେରା କହିଛନ୍ତି ଯେ ତରବରିଆ ଭାବେ କ୍ରାଇମବ୍ରାଞ୍ଚ ଏହି ଚାର୍ଜସିଟ୍ ଦାଖଲ କରିଛି। ଅଧ୍ୟାପକ ସମୀର ସାହୁ ଗିରଫ ହେବାର ୬୦ ଦିନ ପୂରଣ ହେଉଥିବାରୁ ତରବରିଆ ଭାବେ କ୍ରାଇମବ୍ରାଞ୍ଚ ସମସ୍ତଙ୍କ ଚାର୍ଜସିଟ୍ ଦାଖଲ କରିଛି। ଗିରଫ ଛାତ୍ର ଓ ମୃତ ଛାତ୍ରୀ ସୌମ୍ୟାଶ୍ରୀ ଏବିଭିପି ସହ ସଂଶ୍ଳିଷ୍ଟ ଥିବାରୁ ସରକାର କିପରି ବଦନାମ ନ ହେବେ, ତାହାକୁ ନଜରରେ ରଖି ଚାର୍ଜସିଟ୍ ପ୍ରସ୍ତୁତ ହୋଇଛି। ତଦନ୍ତ ସଠିକ ଦିଗରେ ହୋଇନାହିଁ। ଆମେ ହାଇକୋର୍ଟକୁ ଯିବୁ ବୋଲି ଓକିଲ ଶ୍ରୀ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୧୨ ତାରିଖ (ଶନିବାର) ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୧୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣା ଦିନ ସହଦେବଖୁଣ୍ଟା ପୁଲିସ ବିଭାଗୀୟ ଏଚ୍ଓଡି ସମୀର ସାହୁ ପରେ ଅଧ୍ୟକ୍ଷ ଦିଲ୍ଲୀପ ଘୋଷକୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ଜଣେ ଛାତ୍ର ଓ ଅଣଛାତ୍ରକୁ ଗିରଫ କରିଥିଲା।

କୋରାପୁଟ ବଡ଼ ମେଡ଼ିକାଲରେ ସଫଳ ଅସ୍ତ୍ରୋପଚାର

## ଯୁବକଙ୍କ ଶରୀରରୁ ବାହାରିଲା ତୀର


 କୋରାପୁଟ, ୯।୯ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ପାକାନାଗୁଡ଼ା ପଞ୍ଚାୟତ ନାୟକଗୁଡ଼ା ଗ୍ରାମର ଲକ୍ଷ୍ମଣ ଗୌଡ଼ ତୀର ମାଡ଼ରେ ଗୁରୁତର ହୋଇ ସୋମବାର ରାତିରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଆଜି ସେଠାରେ ଅସ୍ତ୍ରୋପଚାର ଜରିଆରେ ତାଙ୍କର ଶରୀରରୁ ତୀରକୁ ବାହାର କରାଯାଇଛି। ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର୍ ଡାକ୍ତର ଅଭିଷେକ ପାତ୍ରଙ୍କ ନେତୃତ୍ୱରେ ଡାକ୍ତର ମୃତ୍ୟୁଞ୍ଜୟ ମଲ୍ଲିକ, ନିଶ୍ଚେତକ ବିଶେଷଜ୍ଞ ସହକାରୀ ପ୍ରଫେସର ଡାକ୍ତର ଗୋପାଳ ନାୟକ ଏବଂ



ଓଟି କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଏହି ଅସ୍ତ୍ରୋପଚାରରେ ସାମିଲ ଥିଲେ। ଲକ୍ଷ୍ମଣଙ୍କ ଶରୀର ଭିତରେ ତୀର ପ୍ରାୟ ୮ ଇଞ୍ଚ ପଶିଥିବା ବେଳେ ଶରୀରରୁ ପ୍ରାୟ ଦେଢ଼ ଲିଟର ରକ୍ତ ବୋହି ଯାଇଥିଲା। ଅନ୍ତଃନଳୀର ଦୁଇଟି ସ୍ଥାନରେ ସମ୍ପୂର୍ଣ୍ଣ ଛିଡ଼ି ଯାଇଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ଅଧା କଟି ଥିଲା। ତେଣୁ ଅତ୍ୟନ୍ତ ସାବଧାନତାର ସହ ଅସ୍ତ୍ରୋପଚାର କରାଯାଇଥିଲା ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ରାତି ୧୦ଟାରୁ ଅପରେସନ ଆରମ୍ଭ ହୋଇ ରାତି ଗୋଟାଏ ବେଳେ ଶେଷ ହୋଇଥିବା ପ୍ରଫେସର୍ ଅଭିଷେକ ପାତ୍ର କହିଛନ୍ତି।

## କୁକୁର ମୁହଁରୁ ହରିଣ ଶାବକ ଉଦ୍ଧାର

ଅନୁଗୋଳ, ୯।୯ (ସମିସ): ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳ ତଳଗଡ଼ ମୁଣ୍ଡାସାହିରୁ ଏକ କ୍ଷତାକ୍ତ ହରିଣ ଛୁଆକୁ ବନ ବିଭାଗ ଉଦ୍ଧାର କରିଛି। ରବିବାର ସକାଳେ ହରିଣ ଛୁଆକୁ କୁକୁର ଗୋଡ଼ାଉଥିବା ବନ ବିଭାଗକୁ ଖବର ମିଳିଥିଲା। ଖିଣ୍ଡା ସେକ୍ସନ ଟିମ୍ ତୁରନ୍ତ ପହଞ୍ଚି କୁକୁର ମୁହଁରୁ ହରିଣ ଛୁଆକୁ ଉଦ୍ଧାର କରିଥିଲେ।



ତାକୁ ବନ୍ତଲା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚିକିତ୍ସା କରାଯିବା ସହ ନିରୀକ୍ଷଣରେ ରଖାଯାଇଛି। ଉଦ୍ଧାର କାର୍ଯ୍ୟରେ ଫରେଷ୍ଟର୍ ଶ୍ରୀନିବାସ ସାହୁ, ଫରେଷ୍ଟ ଗାର୍ଡ ସିତୁ ବେହେରା, ହାତୀ ସ୍କ୍ୱାଡ୍ ତରୁଣ ଦେହୁରୀ, ଯୁଗଳ ମୁଦୁଲି, ସରୋଜ ପ୍ରଧାନ ଓ ଗଜମିତ୍ର ସଞ୍ଜୟ ବେହେରା ପ୍ରମୁଖ ସାମିଲ ଥିଲେ।

ଶିଶୁବାଟିକା ଶିଶୁ ସେବିକା ନିଯୁକ୍ତିକୁ ଚାଲେଞ୍ଜ

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ

କଟକ, ୯।୯ (ସମିସ): ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିଶୁବାଟିକା ଶ୍ରେଣୀ ଖୋଲାଯାଇ ଏଥିରେ ଅଣପ୍ରଶିକ୍ଷିତ ଶିଶୁ ସେବିକାମାନଙ୍କୁ ନିଯୁକ୍ତି ପ୍ରଦାନକୁ ଚାଲେଞ୍ଜ କରି ମାମଲା ହାଇକୋର୍ଟରେ ପହଞ୍ଚିଛି। ନିଯୁକ୍ତି ଆଶାୟୀମାନେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ଅଦାଲତ। ଦିବ୍ୟଲୋଚନ ମହାନ୍ତ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନଗୁଡ଼ିକର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସରକାରଙ୍କୁ ଜବାବ ଦାଖଲ କରିବା ପାଇଁ କହିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ମାନବସମ୍ବଳ ବିକାଶ ବିଭାଗ ପକ୍ଷରୁ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ପରେ ରାଜ୍ୟରେ ୬ ବର୍ଷରୁ କମ ବୟସର ଶିଶୁଙ୍କ ପାଇଁ ଗତ ୨୦୨୫ ଜୁନ୍ ୩୦ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ଶିଶୁବାଟିକା ବର୍ଗ ଖୋଲାଯାଇଥିଲା। ସେହିଭଳି ଗତ ୨୦୨୫ ଅଗଷ୍ଟ୨୦ର ବିଜ୍ଞପ୍ତି ଅନୁସାରେ ଶିଶୁବାଟିକା ପାଇଁ ଶିଶୁ ସେବିକାମାନଙ୍କୁ ନିଯୁକ୍ତି ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ଶ୍ରେଣୀରେ ନାମ ଲେଖାଉଥିବା ଶିଶୁଙ୍କ ଯତ୍ନ ତଥା ମୂଳଦୁଆ ଶିକ୍ଷା ପାଇଁ ଇସିସିଇ (ଇଅରଲି ଚାଇଲଡହୁଡ କେୟାର ଆଣ୍ଡ ଏଜୁକେସନ)ରେ ପ୍ରଶିକ୍ଷଣପ୍ରାପ୍ତଙ୍କୁ ଶିଶୁ ସେବିକା ଭାବେ ନିଯୁକ୍ତ କରା ନଯାଇ ଅଣପ୍ରଶିକ୍ଷିତ ତଥା ମାଟ୍ରିକ୍ ପାସ୍ କରିନଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବା ଜାତୀୟ ଶିକ୍ଷା ନୀତିର ଉଲ୍ଲଙ୍ଘନ କରୁଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବା ସହ ଶିଶୁ ବାଟିକା ପାଇଁ ପ୍ରଶିକ୍ଷଣପ୍ରାପ୍ତ ଇସିସିଇ ଡିଗ୍ରୀଧାରୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ସେପ୍ଟେମ୍ବର୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ଝାରସୁଗୁଡ଼ା-ବାରକୋଟ୍, ଅନୁଗୋଳ-ତାଳଚେର, ତାଳଚେର-ବିମଳାଗଡ଼ ରେଳପଥ ସମୀକ୍ଷା

## ଧର୍ମେନ୍ଦ୍ର-ଅଶ୍ୱିନୀ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୯।୯ (ସମିସ): ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ, ନାଗରିକଙ୍କ ଯାତାୟତ ସହ ପରିବହନ ପଥକୁ ସୁଗମ କରିବା ତଥା ରେଳ ନେଟୱାର୍କକୁ ସୁଦୃଢ଼ କରିବା ଦିଗରେ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଓଡ଼ିଶାର ଦଳୀୟ ସାଂସଦମାନଙ୍କ ମଧ୍ୟରେ ସବିଶେଷ

ବୈଠକରେ କଟକ, ଢେଙ୍କାନାଳ, ବରଗଡ଼, ଆସ୍କା ଓ କନ୍ଧମାଳ ସାଂସଦ ଉପସ୍ଥିତ

ଆଲୋଚନା ହୋଇଛି। ଓଡ଼ିଶାରେ ରେଳ ବିଭାଗ ପକ୍ଷରୁ ନୂଆ ରେଳଲାଇନ, ରେଳ ଲାଇନର ଦୋହରୀକରଣ, ତୃତୀୟ ଲାଇନ, ଚତୁର୍ଥ ଲାଇନ ପାଇଁ ପାଖାପାଖି ୯୦ ହଜାର କୋଟି ଟଙ୍କାର କାମ କ୍ରିୟାନ୍ୱୟନ ହେଉଛି। ସେହିପରି ଝାରସୁଗୁଡ଼ା-ବାରକୋଟ୍, ଅନୁଗୋଳ-ତାଳଚେର, ତାଳଚେର-ବିମଳାଗଡ଼ ସହ ଓଡ଼ିଶାର ପ୍ରମୁଖ ରେଳ ପ୍ରକଳ୍ପ ତ୍ୱରାନ୍ୱିତ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

ଆଲୋଚନା ପରେ ଶ୍ରୀ ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ନାଗରିକଙ୍କ ଯାତାୟତ, ଶିଳ୍ପ ଏବଂ ଖଣିଜ କ୍ଷେତ୍ରର ବିକାଶ ସହ କୃଷି ଉତ୍ପାଦିତ ସାମଗ୍ରୀକୁ ଦେଶ ବଜାର ସହ ଯୋଡିବାରେ ରେଳ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ କଳ୍ପନା'ରେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ଗୁରୁତ୍ୱ ଦେଇଛନ୍ତି। ପୂର୍ବ ସରକାର ଅପେକ୍ଷା ମୋଦୀ ସରକାରରେ ବିଗତ ୧୧ ବର୍ଷରେ ଓଡ଼ିଶାକୁ ରେଳ ବଜେଟରେ ରେକର୍ଡସଂଖ୍ୟକ ଅର୍ଥ ମିଳୁଛି। କଂଗ୍ରେସ ଅମଳରେ ଓଡ଼ିଶାରୁ ବାର୍ଷିକ ଏକ ହଜାର କୋଟି ଟଙ୍କା ମିଳୁଥିଲା ବେଳେ ସମ୍ପ୍ରତି ପ୍ରତି ବର୍ଷ ଓଡ଼ିଶା ପାଇଁ ରେଳ ବଜେଟରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଆଜିର ବୈଠକରେ ଝାରସୁଗୁଡ଼ା- ବାରକୋଟ୍



ରେଳଲାଇନ, ଅନୁଗୋଳ-ତାଳଚେର ନୂଆ ରେଳଲାଇନ, ବରଗଡ଼ ରୋଡ-ନୂଆପଡ଼ା ରୋଡ-ରାୟପୁର ରେଳଲାଇନ, ତାଳଚେର-ବିମଳାଗଡ଼ ରେଳଲାଇନ, ବହୁପ୍ରତିକ୍ଷୀତ ଖୋର୍ଦ୍ଧା –ବଲାଙ୍ଗୀର ରେଳ ଲାଇନ, ସମ୍ବଲପୁର- ଜରପଡ଼ା ତୃତୀୟ ରେଳଲାଇନ ଓ ଚତୁର୍ଥଲାଇନର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜରପଡାରୁ ତେନ୍ତୁଲୋଇ ମଧ୍ୟ ଦେଇ ବୁଢ଼ାପଙ୍କ ପର୍ଯ୍ୟନ୍ତ ଆଉଟର କୋଲ୍ କରିଡର ଉପରେ ଆଲୋଚନା ହୋଇଛି। ବିଶେଷ ଭାବରେ ରେଳଲାଇନର କାର୍ଯ୍ୟକୁ ଆଗେଇ ନେବାରେ ଉପୁଜିଥିବା ଜମିଗ୍ରହଣ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଛି। ସେହିପରି ଅନୁଗୋଳର ବଇଁଣ୍ଡାରୁ ଏକ ସଂଯୋଗ ଲାଇନ କିପରି ବଲାଙ୍ଗିର - ଖୋର୍ଦ୍ଧା ଲାଇନରେ ବୌଦ୍ଧ ପର୍ଯ୍ୟନ୍ତ ଯୋଡିହେବ, ତାହାର ମଧ୍ୟ ପରିକଳ୍ପନା କରାଯାଇଛି। ଦକ୍ଷିଣ ଓଡ଼ିଶାରେ ଭଞ୍ଜନଗର ଓ ଆସ୍କା ସବଡିଭିଜନ ରେଳ ଲାଇନରୁ ବଞ୍ଚିତ ଅଛନ୍ତି। ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳଲାଇନ ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼ ଏବଂ ଗଞ୍ଜାମର ଆସ୍କା ଅଞ୍ଚଳକୁ ସଂଯୋଗ ହେଲେ ଓଡ଼ିଶାର ରେଳ ନେଟୱାର୍କ ସୁଦୃଢ଼ ହେବ। ଏହାବ୍ୟତୀତ କନ୍ଧମାଳର ଫୁଲବାଣୀ ପର୍ଯ୍ୟନ୍ତ ରେଳ ନେଟୱାର୍କ ସଂଯୋଗ ପ୍ରସଙ୍ଗରେ ବୈଠକରେ ବିଚାରବିମର୍ଶ ହୋଇଥିଲା। ଏହି ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସଂଗଠନ ସଜାଡୁଛି ଲାଲବାହିନୀ

■ ବସ୍ତର୍ ଉପରେ ପୁଣି କବ୍ଜା ପାଇଁ ଉଦ୍ୟମ
■ ତିରୁପତି ମାଓ ସଂଗଠନ ନୂତନ ମୁଖ୍ୟ ସଚିବ
■ ମାଓ ନେତା ହିଡମା ଜୋନାଲ କମିଟି ସଚିବ

ମାଲକାନଗିରି, ୯।୯ (ସମିସ): ଛତିଶଗଡ଼ରେ ସୁରକ୍ଷା ବାହିନୀର ମାଓ ଦମନ ଅପରେସନ୍ ଯୋଗୁଁ ମାଓ ସଂଗଠନ ଦୁର୍ବଳ ହେବାରେ ଲାଗିଛି। ବିଗତ ଦିନରେ ଅନେକ ଅନେକ ବଡ଼ ବଡ଼ ମାଓବାଦୀ ଯବାନଙ୍କ ଗୁଳିରେ ନିହତ ହୋଇଥିବା ବେଳେ ଅନେକ ମାଓ ନେତା ଆତ୍ମସମର୍ପଣ କରିଛନ୍ତି। ଏପରି ସ୍ଥିତିରେ ବର୍ତ୍ତମାନ ନୂତନ ନେତୃତ୍ୱ ସହାୟତାରେ ସମ୍ପୂର୍ଣ୍ଣ ବସ୍ତରକୁ ପୁଣି ନିଜର କବ୍ଜାକୁ ନେବା ପାଇଁ ମାଓବାଦୀମାନେ ଉଦ୍ୟମ ଆରମ୍ଭ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବସ୍ତର ଅଞ୍ଚଳରେ ସଂଗଠନରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ତେଲେଙ୍ଗାନାର କରିମନଗର ଜିଲ୍ଲାର ମାଓ ନେତା ତିରୁପତି ଓରଫ୍ ଦେବଜୀଙ୍କୁ ସଂଗଠନ ପକ୍ଷରୁ ନୂତନ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। କମାଣ୍ଡର ହିଡମା ଓରଫ ସନ୍ତୋଷଙ୍କୁ ସ୍ୱତନ୍ତ୍ର ଜୋନାଲ କମିଟି ସଚିବର ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି। ମେ' ୨୧ ତାରିଖରେ ନାରାୟଣପୁରର ଜଙ୍ଗଲରେ ଏକ ଏନ୍କାଉଣ୍ଟରରେ ସାଧାରଣ ସମ୍ପାଦକ ନାମବାଲା କେଶବ ରାଓ ଓରଫ୍ ବାସବରାଜୁଙ୍କ ସମେତ ୨୮ ମାଓବାଦୀ ନିହତ ହେବା ପରେ ଭାଙ୍ଗି ପଡ଼ିଥିବା ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି।

ନୂତନ ଦାୟିତ୍ୱ ପାଇଥିବା ମାଓନେତା ଦେବଜୀ ସଂଗଠନରେ ଦୀର୍ଘ ସମୟ ଧରି ଅନେକ ପଦବୀରେ କାମ କରିଛନ୍ତି। ପ୍ରାୟ ୭୦ ବର୍ଷ ବୟସ୍କ ଦେବଜୀ ଟିପ୍ପିରି ତିରୁପତି ଓରଫ୍ ସଞ୍ଜୀବ ରମେଶ ଓରଫ୍ ଚେତନ ଓରଫ୍ କୁମ୍ମା, ଦେବନ୍ନା ଏବଂ ସୁଦର୍ଶନ ଭଳି ବିଭିନ୍ନ ନାମ ରହିଛି। ସେ ନକ୍ସଲବାଦୀଙ୍କ ସାମରିକ ଗୁଇନ୍ଦା ଶାଖାର ମୁଖ୍ୟ ଥିଲେ। ବର୍ତ୍ତମାନ ଦେବଜୀଙ୍କୁ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ସେ ସଂଗଠନକୁ ପୁନଃ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସେହିପରି ମାଓ ସଙ୍ଗଠନର ସ୍ୱତନ୍ତ୍ର ଜୋନାଲ କମିଟି ସଚିବର ଦାୟିତ୍ୱ ଦିଆଯାଇଥିବା ହିଡମା ମଧ୍ୟ ଜଣେ କୁଖ୍ୟାତ ମାଓବାଦୀ। ତା' ନାମରେ ପୂର୍ବରୁ ୧ କୋଟି ଟଙ୍କାର ପୁରସ୍କାର ରାଶି ରହିଛି। ସୁକମାର ପୂର୍ବାଞ୍ଚଳରେ ଜନ୍ମଗ୍ରହଣ କରିଥିବା ହିଡମାଙ୍କୁ ବସ୍ତରର ନକ୍ସଲବାଦର ମେରୁଦଣ୍ଡ କୁହାଯାଏ। ତାଙ୍କୁ ବାଟାଲିୟନ କମାଣ୍ଡର ପଦବୀରୁ କେନ୍ଦ୍ରୀୟ କମିଟିର ସଦସ୍ୟ କରାଯାଇଥିଲା। ବର୍ତ୍ତମାନ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ଇନଚାର୍ଜ ପଦବୀକୁ ପଦୋନ୍ନତି ଦିଆଯାଇଛି। ପ୍ରଥମଥର ପାଇଁ ମାଓ ସଂଗଠନରେ ଜଣେ ଆଦିବାସୀ ନକ୍ସଲ ନେତାଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର ଦିଆଯାଇଛି।

## ତାଳଚେର ଗଣେଶ ପୂଜା ଉଦ୍‌ଯାପିତ

# ବିବାଦ, ବିଭ୍ରାଟ ଏବଂ ବ୍ୟତିକ୍ରମ ଭିତରେ ସରିଲା ପୂଜା

ତାଳଚେର ସହର, ୯।୯ (ସମିସ):

**ଉପଜିଲ୍ଲାପାଳ ଠିକ୍ ଭାବେ ତୁଲେଇ ପାରିଲେନି ସଭାପତି ଦାୟିତ୍ୱ**

**ଘଟିଥିବା ବ୍ୟତିକ୍ରମ ବିରୋଧରେ ନିଆଯିବକି ନାହିଁ କାର୍ଯ୍ୟାନୁଷ୍ଠାନ**

**ଉପଜିଲ୍ଲାପାଳଙ୍କୁ ଡାଳକରି କମିଟି କଲା ଅନେକ ବିଶୃଙ୍ଖଳା**



ତାଳଚେରର ଗଣପର୍ବ ଗଣେଶ ପୂଜା। ଯାହାକୁ ନେଇ ବେଶ୍ ଉତ୍ସାହିତ ଥାଆନ୍ତି ତାଳଚେରବାସୀ। କେବେ ଆସିବ ପୂଜା, ଆଲୋକ ମାଳାରେ ସଜେଇ ହେବ ସହର। ଝଲକି ଝଲି ମେଢ଼ ସାଙ୍ଗକୁ ସୁଉଚ୍ଚ ତୋରଣରେ ଝଲସିବ କଳାହୀରାର ସହର ତାଳଚେର। ଏହାକୁ ଅପେକ୍ଷା କରିଥାଆନ୍ତି ଅଞ୍ଚଳବାସୀ। ପୂଜା ପାଇଁ ବାହା ହୋଇଥିବା ଝିଅ, ବିଦେଶରେ ଚାକିରି କରୁଥିବା ପୁଅ ଘର ବାହୁଡ଼ା ହୁଅନ୍ତି। ଦୂରଦୁରାନ୍ତରୁ ବନ୍ଧୁ ବର୍ଗଙ୍କ ସୁଅ ଛୁଟେ ତାଳଚେରକୁ। ପୂଜା ପଡ଼େ ରାଜ୍ୟର କୋଣ ଅନୁକୋଣରୁ ଭକ୍ତଙ୍କ ଭିଡ଼ ଜମେ। ବ୍ୟବସାୟୀମାନେ ଝଲକି ଝଲି ପସରା ଧରି ତାଳଚେରକୁ ଆସନ୍ତି ବେପାର ପାଇଁ। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୂଜା ଆସିଲା। ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ତିଥି ଅର୍ଥାତ୍ ଅଗଷ୍ଟ ୨୭ ତାରିଖରେ ପ୍ରଭୁ ଶ୍ରୀ ଗଜାନନଙ୍କ ପୂଜା। ୧୧ ଦିନ ଧରି ପୂଜା ପାଇବା ପରେ ଇନ୍ଦୁ ପୂର୍ଣ୍ଣିମା ଦିନ ଅର୍ଥାତ୍ ଇଂରାଜୀ ସେପ୍ଟେମ୍ବର ମାସ ୭ ତାରିଖରେ ପ୍ରଭୁଙ୍କୁ ବିଦାୟ ଦିଆଗଲା। ବେଶ୍ ଧୁମଧାମରେ ଭସାଣୀ ଶୋଭାଯାତ୍ରାରେ ପ୍ରଭୁଙ୍କୁ ଦିଆଗଲା ମେଲାଣି। ପ୍ରଭୁଙ୍କୁ ବିଦାୟ ଦେବାରେ ଦୁଃଖ ତ ରହିଲା; କିନ୍ତୁ ପୁଣି ତାଳଚେରବାସୀ ଆଗାମୀ ବର୍ଷ ପ୍ରଭୁଙ୍କ ଆଗମନକୁ ଚାହିଁ ବସିଲେ। ପୂଜା ଆରମ୍ଭ ହୋଇ ଶେଷ ହେଲା। କିନ୍ତୁ ଅନେକ ବିବାଦ, ବିଭ୍ରାଟ ଏବଂ ବ୍ୟତିକ୍ରମ ଯୋଗୁଁ ଚଳିତ ବର୍ଷର ପୂଜା ତାଳଚେରବାସୀଙ୍କ ହୃଦୟରେ ଏକ ବିରାଟ ଆଘାତ ସୃଷ୍ଟି କଲା ବୋଲି ଅଭିଯୋଗ ହେବାସହ ଛାଡ଼ିଗଲା ଅନେକ ପ୍ରଶ୍ନ।

## ପ୍ରସ୍ତୁତି ବୈଠକ ଲୋକ ଦେଖାଣିଆ ଅଭିଯୋଗ



ପୂଜା ପାଇଁ ପ୍ରତିବର୍ଷ ପ୍ରସ୍ତୁତି ବୈଠକ ହୁଏ। ବୈଠକରେ ଉପସ୍ଥିତ ଅତିଥି ଏବଂ କମିଟିର ସଦସ୍ୟ ଅନେକ ପ୍ରକାରର ମତମନ୍ତବ୍ୟ ଦେଇଥାନ୍ତି। ବିଗତ ବର୍ଷଗୁଡ଼ିକରେ ହୋଇଥିବା ସମସ୍ୟା ଏବଂ ଏହାର ସମାଧାନ ବିଷୟରେ ଆଲୋଚନା ସମାଲୋଚନା ହୋଇଥାଏ। ପ୍ରତି ବର୍ଷ କିଭଳି ପୂଜା ସରସ ସୁନ୍ଦର ହେବ ଏବଂ ଅଧିକରୁ ଅଧିକ ଭକ୍ତଙ୍କ ସମାଗମ ହୋଇପାରିବ ସେନେଇ ଆଲୋଚନା ହୋଇଥାଏ। କିନ୍ତୁ କମିଟିର ଏହି ବୈଠକ କେବଳ ଲୋକଦେଖାଣିଆ ବୋଲି ଚଳିତ ବର୍ଷ ପ୍ରମାଣିତ ହେଲା। କେନ୍ଦ୍ରୀୟ ପୂଜା କମିଟିର ସଭାପତି ଖୋଦ୍ ତାଳଚେର ଉପଜିଲ୍ଲାପାଳ ଥିବାବେଳେ ଚଳିତ ବର୍ଷ ବୈଠକରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏକ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଭକ୍ତମାନେ ତାଳଚେର ଗଜାନନଙ୍କ ପୂଜା ଦେଖି ଆସିବା ପାଇଁ ଆଗ୍ରହୀ ଥିଲେ ମଧ୍ୟ ଅର୍ଥାଭାବ କାରଣରୁ ଭକ୍ତମାନେ ଆସିପାରୁ ନାହାଁନ୍ତି। କିନ୍ତୁ ସେମାନଙ୍କ ପାଇଁ ଯଦି ଉପଖଣ୍ଡ ପ୍ରଶାସନ ପକ୍ଷରୁ ବସ୍‌ର ବ୍ୟବସ୍ଥା ହୁଅନ୍ତା ତେବେ ସେମାନେ ସୁରୁଖୁରୁରେ ଆସି ପୂଜା ଦେଖିପାରନ୍ତେ ଏବଂ ପ୍ରଭୁ ଆଶୀର୍ବାଦ ଲାଭ କରନ୍ତେ। ଯେହେତୁ ତାଳଚେରର ଏହା ଗଣପର୍ବ ଉପଖଣ୍ଡ ପ୍ରଶାସନ ଚାହିଁଥିଲେ ଏହା ସମ୍ଭବ ହୋଇପାରିଥାଆନ୍ତା। କିନ୍ତୁ ଏହା ସମ୍ଭବ ହେଲା ନାହିଁ ବୋଲି ଅଭିଯୋଗ ହେଉଛି। ସେହିଭଳି ପୂଜାମଣ୍ଡପଗୁଡ଼ିକର ପ୍ରତିବର୍ଷ ପ୍ରତିଯୋଗିତା ହେଉଥିବା ବେଳେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗରୁ ବିଚାରପତି ଆଣିବା ପାଇଁ ସଞ୍ଜୀବ ପଟ୍ଟନାୟକ ବୈଠକରେ ଉପସ୍ଥାପନ କରିଥିଲେ। କିନ୍ତୁ ତାହାକୁ ମଧ୍ୟ ଗୁରୁତ୍ୱ ଦେଲାନି ପୂଜା କମିଟି।

## କଲେଜ୍‌ପଡ଼ିଆରେ ମେଲଣକୁ ନେଇ ବିବାଦ



କଲେଜ୍‌ପଡିଆରେ ମେଲଣ ପଡ଼ିବା ଦ୍ୱାରା ବିବାଦ ଭିତରକୁ ଟାଣି ହୋଇଛନ୍ତି ଉପଜିଲ୍ଲାପାଳ। କଲେଜ୍ ପଡିଆରେ ମେଲଣ ପଡ଼ିବା ଦ୍ୱାରା ପିଲାମାନଙ୍କ ପାଠପଢା ଉପରେ ପ୍ରଭାବ ପଡ଼ିଛି ବୋଲି ଅଭିଯୋଗ ହେଉଛି। ପୂର୍ବରୁ ପ୍ରଜାମଣ୍ଡଳ ଭବନ ପରିସରରେ ମୀନାବଜାର, ଦୋଳି ଆଦି ପଡ଼େ। ଚଳିତ ବର୍ଷ ପ୍ରଜାମଣ୍ଡଳ ଭବନ ପୁନଃନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ତାଳଚେର ସ୍ୱୟଂଶାସିତ କଲେଜ୍‌ପଡିଆ ପରିସରରେ ଏସବୁ ପଡିଛି। ଯାହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ମୁତାବକ କଲେଜ୍ ପରିସରରେ କୌଣସି ମୀନା ବଜାର କିମ୍ବା ଦୋଳି ଆଦି ମେଲଣ ପଡ଼ିବା ସରକାରୀ ନିୟମ ବିରୁଦ୍ଧ। ପରିସରରେ ଏହି କିଛିଦିନ ତଳେ ନୂତନ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଇଛି। ମେଲଣ ପଡ଼ିବା ଦ୍ୱାରା ସେଠାରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଏହା ପ୍ରଭାବ ପକାଇବ। କିନ୍ତୁ ଉପଖଣ୍ଡ ପ୍ରଶାସନ କିଭଳି ଭାବେ ଏହାକୁ ଖାତିର ନ କରି କଲେଜ୍‌ପଡ଼ିଆରେ ମେଲଣ ପକାଇବାକୁ ଅନୁମତି ଦେଇଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନବାଚୀ। କଲେଜ୍‌ପଡିଆ କଲେଜ୍ ଅଧୀନରେ ଯାଉଥିବା ବେଳେ ଏଠି ହେଉଥିବା କାର୍ଯ୍ୟକ୍ରମର ନିଷ୍ପତି ନିୟମ ଅନୁସାରେ ୟୁଜିସି ନେବାକଥା। ଏସବୁରୁ ମିଳୁଥିବା ଟଙ୍କା କଲେଜ୍ ଉନ୍ନୟନ କାର୍ଯ୍ୟରେ ଲାଗିବା କଥା। କିନ୍ତୁ ଏଥିରେ ବ୍ୟତିକ୍ରମ ଘଟି ତାଳଚେର ପୌରପରିଷଦ କଲେଜ୍ ପଡିଆରେ ମେଲଣ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। ବିଗତ ବର୍ଷଗୁଡ଼ିକରେ ୧୪ ଲକ୍ଷରୁ ଅଧିକ ଟଙ୍କାରେ ନିଲାମ ଯାଉଥିବା ବେଳେ ଚଳିତ ବର୍ଷ ଏହି ନିଲାମ ମାତ୍ର ୫୦ ହଜାର ୫୫୫ ଟଙ୍କାରେ ହୋଇଛି। କିନ୍ତୁ କଲେଜ୍ ପଡ଼ିଆରେ କିଭଳି ମେଲଣ ପଡିଲା ଏବଂ କିଏ ଅନୁମତି ଦେଲା ପଚାରିବାରୁ, ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ନିର୍ଦ୍ଦେଶରେ କଲେଜ୍ ପଡିଆରେ ମେଲଣ ପଡ଼ିଥିବା ପୌରନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ପ୍ରତିକ୍ରିୟା ଦେଇଛନ୍ତି। କଲେଜ୍ ଅଧ୍ୟକ୍ଷ ସୁବ୍ରତ କୁମାର ଦାସ ମଧ୍ୟ କଲେଜ୍‌ରେ ମେଲଣ ପଡ଼ିବାକୁ ନାପସନ୍ଦ କରିଥିଲ। କିନ୍ତୁ ଉପଜିଲ୍ଲାପାଳ କେନ୍ଦ୍ରୀୟ ପୂଜା କମିଟିର ସଦସ୍ୟ ଥିବାରୁ ସବୁ ନୀରବରେ ସହି ଯାଇଥିଲେ। ତେବେ ବୁଦ୍ଧିଜୀବୀମାନେ ଏହି ଘଟଣାକୁ ବିରୋଧ କରି ଅଦାଲତର ଦ୍ୱାରସ୍ଥ ହେବା ନେଇ ସୂଚନା ଦେଇଛନ୍ତି।

## ଅସ୍ୱାସ୍ଥ୍ୟକର ପରିବେଶରେ ଲଡୁ ପ୍ରସ୍ତୁତ

ପୂର୍ବରୁ ମାରୱାଡ଼ି ଧର୍ମଶାଳାରେ ବହୁତ୍ ପରିଷ୍କାର ପରିଚ୍ଛନ୍ନ ସ୍ଥାନରେ ନୂତନ ସଫା ପାତ୍ରରେ ଲଡୁ ପ୍ରସ୍ତୁତ ହେଉଥିଲା। କିନ୍ତୁ ଚଳିତ ବର୍ଷ ଏହା କିଶୋର କ୍ଲବ୍‌ରେ ପ୍ରସ୍ତୁତ କରାଗଲା। ଗୋଟେ କ୍ଲବ୍‌ରେ ଧାର୍ମିକ କାର୍ଯ୍ୟ କେତେ ଠିକ୍ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କଲା। ପରେ ଭିତରେ କାରିଗରମାନେ ଜୋତା ପିନ୍ଧି, ମୁହଁରେ ମାସ୍କ, ହାତରେ ଗ୍ଲୋବସ୍ ଏବଂ ମୁଣ୍ଡରେ ଟୋପି ନ ପିନ୍ଧି ଏପରିକି କିଚେନ ଆପରୋନ ନ ପିନ୍ଧି ଲଡୁ ତିଆରି କରୁଥିବା ସାମ୍ନାକୁ ଆସିଥିଲା। ତାପରେ ଲଡୁରେ ରାସାୟନିକ ରଙ୍ଗ ମିଶୁଥିବା ଅଭିଯୋଗ ଆସିଥିଲା। ଲଡୁ ପ୍ରସ୍ତୁତିସ୍ଥଳରେ ପିଆଜ ରସୁଣ ଥିବା ଭିଡିଓ ଫୁଟେଜରେ ଦେଖିବାକୁ ମିଳିଥିଲା। ବୁନ୍ଦିଗୁଡ଼ିକୁ ପରିଷ୍କାର ପାତ୍ରରେ ରଖିବା ପରିବର୍ତ୍ତେ ଟେଣ୍ଟହାଉସର ବ୍ୟବହାର୍ଯ୍ୟ ଗଞ୍ଜ ଏବଂ ତେଲପେଟିରେ ରଖାଯାଇଥିଲା। ତାଳଚେର ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ପ୍ରମାଣସହ ଅଭିଯୋଗ କରିବା ପରେ ମଧ୍ୟ କେବଳ ତାଗିଦ୍ କରିବା ହିଁ କାର୍ଯ୍ୟାନୁଷ୍ଠାନ ଥିଲା। ଯାହାକି ଗୋଟିଏ ସାଧାରଣ ଦୋକାନୀ କ୍ଷେତ୍ରରେ ହୋଇଥିଲେ ତାଙ୍କୁ ହଜାର ହଜାର ଟଙ୍କା ଫାଇନ ଦେବାକୁ ପଡ଼ିଥାନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।



## ଲଡୁର ଓଜନ ନିର୍ଦ୍ଧାରଣ କଲା କେଉଁ ବିଭାଗ

ପ୍ରସ୍ତୁତ ହୋଇଥିବା ଲଡୁ ଯେ ୪ ଟନ ତାହା କେଉଁ ବିଭାଗ ନିର୍ଧାରଣ କଲା। ସାଧାରଣରେ ଏହା ୨୨ କ୍ୱିଣ୍ଟାଲ ହେବା ନେଇ ଚର୍ଚ୍ଚା ହେଉଥିବା ବେଳେ କାହିଁକି କମିଟି ସଦସ୍ୟ ୪ ଟନ୍ କହି ଲୋକଙ୍କୁ ଭ୍ରମିତ କଲେ। ତେଣୁ ରାଜ୍ୟ ସରକାରଙ୍କ ଓଜନ ଏବଂ ମାପ ବିଭାଗ ଏହାର ଓଜନକରି ୪ ଟନ ବୋଲି ନିଶ୍ଚିତ କରିଛି କି ବୋଲି ପ୍ରଶ୍ନ ଉଠିଛି। ଶୁଦ୍ଧ ଲଡୁରେ ଯେଉଁ ପରିମାଣର ଚିନି, ବେସନ, ଘିଅ, ତେଲ ଇତ୍ୟାଦି ପଡ଼ିବା କଥା ତାହା ପଡିଛି କି ନାହିଁ ଖାଦ୍ୟ ସୁରକ୍ଷା ଅଧିକାରୀ ଏହାର ଯାଞ୍ଚ କରିଛନ୍ତି କି। ରଙ୍ଗ ମରାଯାଇଥିବା ଲୁହାଗଞ୍ଜ୍‌ରେ ଲଡୁ ରଖିବା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ ବାରଣ କରିଥିବା ବେଳେ ଚଳିତ ବର୍ଷ କିଭଳି ଲୁହାଗଞ୍ଜରେ ଲଡୁ ବୁହାହେଇ ପେଣ୍ଡାଲକୁ ଗଲା। ବର୍ଷା କାରଣରୁ ଲଡୁରେ ପାଣି ପଶିବା ଦ୍ୱାରା ଲଡୁରୁ ରଙ୍ଗ ବାହାରି ତଳେ ଭାସୁଥିବାର ନଜର ଆସିଥିଲା। ଲଡୁ ପ୍ରସ୍ତୁତି ସ୍ଥାନରେ ଆମିଷ ରନ୍ଧା ହେଉଥିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାହାର ସତ୍ୟାସତ୍ୟ ଯାଞ୍ଚ ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେବେକି ଏମିତି ଅନେକ ପ୍ରଶ୍ନ ଉଠିଛି ସାଧାରଣରେ।



## ଲଡୁ ନିଲାମରେ ଅବ୍ୟବସ୍ଥା

ଅପରାହ୍ନ ସାଢେ ୪ଟାରେ ଲଡୁ ପେଣ୍ଡାଲ ପାଖରେ ପହଞ୍ଚିବା ନେଇ ସ୍ଥିର ହୋଇଥିଲା। କିନ୍ତୁ ସେଥିରେ ବ୍ୟତିକ୍ରମ ଘଟି ୬ଟା ପରେ ଲଡୁ ପେଣ୍ଡାଲ ପାଖରେ ପହଞ୍ଚିଲା। ନିଲାମ ପାଇଁ କାହାର ପଞ୍ଜୀକରଣ ପୂର୍ବରୁ ହୋଇ ନ ଥିଲା। ଲଡୁ ପହଞ୍ଚିବା ପରେ ନିଲାମ ଡାକିବା ପାଇଁ କମିଟି ଲୋକଙ୍କୁ କାକୁତି ମିନତି ହେଲେ। ପ୍ରଥମେ ପଞ୍ଜୀକରଣ ଦେୟ ୧୧୦୦ ଟଙ୍କା ନିର୍ଦ୍ଧାରିତ ହୋଇଥିଲା। ଯାହାକି ଫେରସ୍ତ ହେବାର ନଥିଲା। କିନ୍ତୁ କେହି ଟଙ୍କା ଦେଇ ପଞ୍ଜୀକରଣ ନ କରିବାରୁ କମିଟି ନିଷ୍ପତି ବଦଳାଇ ପୁନଶ୍ଚ ପଞ୍ଜୀକରଣର ଟଙ୍କା ଫେରସ୍ତ କରିବା ପାଇଁ କହିଥିଲେ। ପରେ ମାତ୍ର ୧୦ ଜଣ ନିଲାମରେ ଭାଗ ନେଲେ। କିନ୍ତୁ ମାତ୍ର ୪ରୁ ୫ ଜଣ ନିଲାମ ଡାକିଲେ। ସର୍ବାଧିକ ୧୨ଲକ୍ଷ ଟଙ୍କା ନିଲାମ ଡାକି ସୌଭାଗ୍ୟ ମହାରଣା ନିଲାମ ଜିତିଥିଲେ। କିନ୍ତୁ ସେ ଲଡୁ ନେବା ପରିବର୍ତ୍ତେ ପେଣ୍ଡାଲ ଛାଡି ପଳାଇଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ କମିଟି ପୁନଶ୍ଚ ନିଲାମ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିଷ୍ପତି ନେଲେ। ତେବେ ସର୍ବାଧିକ ୪ଲକ୍ଷ ୫୧ ହଜାର ଟଙ୍କାରେ ପଟ୍ଟନାୟକ ବ୍ରଦର୍ସ ଆଞ୍ଚାଳଡୁ ନିଲାମ ନେଲେ। କିନ୍ତୁ ଏଠି ପ୍ରଶ୍ନ ଉଠିଛି କି ସୌଭାଗ୍ୟ ମହାରଣା ନିଜେ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସଦସ୍ୟ ଥିବା ସତ୍ତ୍ୱେ କିଭଳି ସେ ଏଭଳି ବିଶୃଙ୍ଖଳା କଲେ। ଆଉ କମିଟି ଏହା ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା। ଏଲ ୧ ପଳାଇବା ପରେ ନିୟମ ଅନୁଯାୟୀ ଏଲ ୨ ଏସପି ଅଟୋ ମୋବାଇଲ ଯିଏକି ୧୧ ଲକ୍ଷ ୫୦ ହାଜର ଟଙ୍କାରେ ନିଲାମ ଡାକିଥିଲେ ତାଙ୍କୁ ଲଡୁ ଦେବାକଥା। ଯଦି ଏଲ ୨ ନ ନେଲେ ତେବେ ଏଲ ୩ ବଜରଙ୍ଗ ଅଗ୍ରୱାଲ ଯିଏକି ୧୧ ଲକ୍ଷ ୫ ହଜାର ଟଙ୍କାରେ ନିଲାମ ଡାକିଥିଲେ ତାଙ୍କୁ ଲଡୁ ଦେବାକଥା। କିନ୍ତୁ କମିଟି ତାହା ନ କରି ପୁନଶ୍ଚ ଲଡୁ ପାଇଁ ନିଲାମ ପ୍ରକ୍ରିୟା କାହିଁକି ଆରମ୍ଭ କଲେ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ। ଏସବୁ ବିଶୃଙ୍ଖଳା ଖୋଦ୍ ପୂଜା କମିଟିର ସଭାପତି ତଥା ଉପଜିଲ୍ଲାପାଳଙ୍କ ଆଖି ସାମ୍ନାରେ ହୋଇଥିଲା। ଉପଜିଲ୍ଲାପାଳ ବିଶୃଙ୍ଖଳାକୁ ରୋକିବା ପରିବର୍ତ୍ତେ ସଭାପତି ପଦରୁ ଇସ୍ତଫା ଦେଇ ମଞ୍ଚ ଛାଡି ପଳାଇଲେ। ଯାହା ଉପଜିଲ୍ଲାପାଳଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କଲା।



## ସରିଗଲା ପୂଜା, ରହିଗଲା ଅନେକ ପ୍ରଶ୍ନ

ଚଳିତ ବର୍ଷ ପୂଜା ସରିଲା କିନ୍ତୁ ଛାଡିଗଲା ଅନେକ ପ୍ରଶ୍ନ। କାହିଁକି ଉପଜିଲ୍ଲାପାଳ ଛାଡ଼ିଲେ ସଭାପତି ପଦ। ଯଦି ପ୍ରଶାସନିକ ଅଧିକାରୀ ହୋଇ ଗୋଟିଏ କମିଟିକୁ ନିୟନ୍ତ୍ରଣ କରିପାରୁନାହାଁନ୍ତି ତେବେ ଆଗାମୀ ଦିନରେ ରାଜ୍ୟ ତଥା ଦେଶ ପାଇଁ କଣ ଆଭିମୁଖ୍ୟ ଗ୍ରହଣ କରିବେ। କମିଟିରେ ହୋଇଥିବା ବିଶୃଙ୍ଖଳାକୁ ତର୍ଜମା କଲେ କି ନାହିଁ। ଶୃଙ୍ଖଳା କରିଥିବା ବ୍ୟକ୍ତିଙ୍କ ଉପରେ କାହିଁକି ହେଲାନାହିଁ କାର୍ଯ୍ୟାନୁଷ୍ଠାନ। କେନ୍ଦ୍ରୀୟ ପୂଜା କମିଟିର ସହ ସମ୍ପାଦକ ପଦରେ ଥିବା ସୌଭାଗ୍ୟ ମହାରଣାଙ୍କୁ କମିଟି ଆଞ୍ଚା ଲଡୁ ନେବାକୁ ସୁଯୋଗ କାହିଁକି ଦେଲା ନାହିଁ। ଭସାଣୀ ଦିନ ମଞ୍ଚରେ ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ କାହିଁକି ନଥିଲେ। ଆଦି ଅନେକ ପ୍ରଶ୍ନର ଲମ୍ବା ଧାଡ଼ି। କେବେ ମିଳିବ ଉତ୍ତର କେବଳ ତାହାକୁ ହିଁ ଅପେକ୍ଷା।

## ଭସାଣିରେ ବିକ୍ଷୋଭ

୭ ତାରିଖ ଦିନ ୨ଟାରୁ ଆରମ୍ଭ ହେଲା ଭସାଣୀ ଶୋଭାଯାତ୍ରା। ୩୫ଟି ମେଢ଼ ଭାଗ ନେଇଥିବା ବେଳେ ୩୦ଟି ଭସାଣୀରେ ଯୋଗଦେଲେ। ୫ଟି ମେଢ଼ ଯୋଗଦେଲେ ନାହିଁ। ଗୋଟିଏ ପରେ ଗୋଟିଏ ମେଢ଼ କେନ୍ଦ୍ରୀୟ ଗଣେଶ ପୂଜା କମିଟି ପେଣ୍ଡାଲ ଅତିକ୍ରମ କରିଯାଉଥିଲା। ପରେ ୨୨ ନମ୍ବର ଜଗନ୍ନାଥ ବଜାର ପୂଜା କମିଟି ମେଢ଼ ପେଣ୍ଡାଲ ପାଖରେ ପହଞ୍ଚିଲା। ପେଣ୍ଡାଲ ତଳେ ସଦସ୍ୟ ମାନେ ଲଡୁ ନିଲାମ ବିଭ୍ରାଟକୁ ନେଇ ଆରମ୍ଭ କରିଥିଲେ ବିକ୍ଷୋଭ। କେନ୍ଦ୍ରୀୟ ପୂଜା କମିଟି ସଦସ୍ୟଙ୍କୁ ଭର୍ତ୍ସନା କରିବା ସହ କାହିଁକି ଲଡୁକୁ ଦୁଇ ଦୁଇ ଥର ନିଲାମ କଲ ପ୍ରଶ୍ନ କରି ଗାଳିଗୁଲଜ କରିଥିଲେ। ଘଟଣାକୁ ନେଇ ଖୋଲା ମଞ୍ଚରେ ଭୁଲ ନ ମାଗିଲେ ମେଢ଼ ଆଗକୁ ଗଡେଇବେ ନାହିଁ ବୋଲି ଧମକ ଦେଲେ। କେନ୍ଦ୍ରୀୟ ଗଣେଶ ପୂଜା କମିଟି ମଞ୍ଚ ଉପରୁ ଭୁଲ ମାଗିବା ପରେ ଜଗନ୍ନାଥ ବଜାର ପୂଜା କମିଟି ମେଢ଼ ଆଗକୁ ଗଡିଥିଲା। ତେବେ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ଚଳିତ ବର୍ଷର କାର୍ଯ୍ୟକଳାପକୁ ନେଇ ସବୁ ମହଲରୁ ତିରସ୍କାର କରାଯାଇଛି।



## ଓଲଟିଲା ଆମ୍ବୁଲାନ୍ସ, ତିନି ଆହତ

ପବିତ୍ର ନଗର, ୯।୯ (ସମିସ): କଣିହାଁ ବ୍ଲକ ସମଲ ଥାନା କର୍ଣ୍ଣପାଳ ପଞ୍ଚାୟତ ମା' ଲୁଧୁଣୀ ମନ୍ଦିର ନିକଟରେ ସୋମବାର ଅପରାହ୍ନରେ ଏକ ଶବବାହକ ଆମ୍ବୁଲାନ୍ସ ବାଇକ ସହିତ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିବାରୁ ୩ ଆହତ ହୋଇଛନ୍ତି। ଆମ୍ବୁଲାନ୍ସଟି ଅନୁଗୋଳରୁ ଖମାର ଥାନା ରଜାମୁଣ୍ଡାର ଜଣେ ବ୍ୟକ୍ତିଙ୍କ ମୃତଦେହ ନେଇ ରଜାମୁଣ୍ଡାକୁ ଯାଉଥିଲା। ତେବେ ଲୁଧୁଣୀ ମନ୍ଦିର ନିକଟରେ ଏକ ବାଇକ ସହିତ ଦୁର୍ଘଟଣା ଘଟିଥିଲା। ଫଳରେ ଆମ୍ବୁଲାନ୍ସଟି ନିକଟସ୍ଥ ପାର୍କ ପାଖକୁ ଓଲଟି ପଡିଥିଲା। ଆମ୍ବୁଲାନ୍ସରେ ବସିଥିବା ମୃତକଙ୍କ ଦୁଇ ସମ୍ପର୍କୀୟ ଓ ବାଇକ ଆରୋହୀ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ନିକଟସ୍ଥ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅନ୍ୟ ଏକ ଗାଡ଼ିରେ ଆମ୍ବୁଲାନ୍ସରେ ଥିବା ମୃତଦେହକୁ ଗନ୍ତବ୍ୟସ୍ଥାନକୁ ନିଆଯାଇଥିଲା। ସମଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

## ଅବକାରୀ ଚଢ଼ଉ; ୨ ଗିରଫ

ବଇଣ୍ଡା, ୯।୯ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା କଣ୍ଡାଳ ଗ୍ରାମର ପ୍ରବୀଣ ପ୍ରଧାନଙ୍କ ଘର ଉପରେ ମଙ୍ଗଳବାର ବଇଣ୍ଡା ଓ ଅବକାରୀ ବିଭାଗ ଚଢ଼ଉ କରି ୧୦ ଲିଟର ଚୋରାଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେହିପରି ଧୋବଣୀ ବେହେରାଙ୍କ ଘରୁ ୧୫ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନେ ଘରେ ବେଆଇନ ଭାବରେ ଚୋରାରେ ମଦ ବିକ୍ରି କରୁଥିବା ବେଳେ ଖବର ପାଇ ଅବକାରୀ ଟିମ ଚଢ଼ାଉ କରି ଗିରଫ କରିଥିଲା।

## ୧୬ରୁ ୨୩ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା

ଅନୁଗୋଳ, ୯।୯ (ସମିସ):

ଷୋଡ଼ଶତମ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ନାଲକୋନଗରଠାରେ ଆୟୋଜନ ହେବାକୁ ଯାଉଅଛି। ଏହାକୁ ଜିଲ୍ଲା ପ୍ରଶାସନ ଏବଂ ଓରମାସ ସହାୟତାରେ ଆୟୋଜନ ହେବାକୁ ଯାଉଅଛି। ମୁଖ୍ୟ ଉଦ୍ଦେଶ୍ୟ ହେଲା ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ କାରିଗର, ସ୍ୱୟଂସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନୀ ଏବଂ ଚାଷୀ ଉତ୍ପାଦକ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ସିଧାସଳଖ ଗ୍ରାହକ ଓ ଖାଉଟିମାନଙ୍କ ନିକଟରେ ପହଞ୍ଚାଇବା। ଏହି ଜିନିଷଗୁଡିକର ବଜାରରେ ଚାହିଦା ସୃଷ୍ଟି କରିବା ଏବଂ ଖାଉଟିଙ୍କ ଦ୍ୱାରା ଆଲୋଚନାରେ ସେମାନଙ୍କର ଆବଶ୍ୟକତା ଜାଣି ସାମଗ୍ରୀର ମୂଲ୍ୟଯୁକ୍ତ କରାଇବା। ପ୍ରତିବର୍ଷ ଅନୁଗୋଳ ଜିଲ୍ଲାର ନାଲକୋନଗରର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉପଲକ୍ଷେ ଏହିମେଳା ଆୟୋଜନ କରାଯାଉଅଛି। ୨୦୨୪ ବର୍ଷରେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଇଥିଲା। ଯେଉଁଥିରେ ଦେଶର ୧୨ଟି ରାଜ୍ୟ ଏବଂ ଓଡିଶାର ୩୦ଟି ଜିଲ୍ଲାର କାରିଗର ଏବଂ ଉତ୍ପାଦକ ଗୋଷ୍ଠୀ ଭାଗ ନେଇଥିଲେ। ୨୦୨୪ ବର୍ଷ ପଲ୍ଲିଶ୍ରୀ ମେଳାରେ ୬ କୋଟି ୨୯ଲକ୍ଷରୁ ଅଧିକ ଟଙ୍କାର କାରବାର ହୋଇଥିଲା। ଏହି ବର୍ଷ ମୋଟ ୨୨୦ଟି ଷ୍ଟଲର ବ୍ୟବସ୍ଥା କରାଯାଇଅଛି ଏବଂ ୧୪ଟି ଖାଦ୍ୟ ଷ୍ଟଲର ମଧ୍ୟ ଆୟୋଜନ କରାଯାଇଅଛି। ଓଡିଶାର ୩୦ଟି ଜିଲ୍ଲା ସମେତ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ଜାମ୍ମୁ ଓ କାଶ୍ମୀର, କର୍ଣ୍ଣାଟକ, ପଞ୍ଜାବ, ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ତେଲେଙ୍ଗାନା, ଆସାମ, ଦିଲ୍ଲୀ, ମଣିପୁର, ତାମିଲନାଡୁ ଆଦି ରାଜ୍ୟର କାରିଗର ଓ ଉତ୍ପାଦକ ଗୋଷ୍ଠୀମାନେ ଭାଗନେବେ। ସରକାରଙ୍କର ବିଭିନ୍ନ ବିଭାଗ ଯଥା ହସ୍ତ, କୁଟୀର ଶିଳ୍ପ ବିଭାଗ, ଜିଲ୍ଲା ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ବୟନ ଶିଳ୍ପ ବିଭାଗ, ଜଙ୍ଗଲ ବିଭାଗ ଏବଂ ବିଭାଗ ଆଦି ଏଠାରେ ଭାଗ ନେବେ। ଶିଳ୍ପ ବିଭାଗ, ମିଶନ ଶକ୍ତିପାଇଁ ଆଠ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମେଳାକୁ ଅଧିକ ଆକର୍ଷଣୀୟ କରିବା ସଂସ୍କୃତି ଅଧିକାରୀଙ୍କ ସହଯୋଗରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଅଛି। ମେଳାରେ ସ୍ୱାସ୍ଥ୍ୟ, ପାନୀୟଜଳ, ଅଗ୍ନିଶମ, ଆଇନଶୃଙ୍ଖଳାର ସଠିକ ପରିଚାଳନା ନିମନ୍ତେ ଜିଲ୍ଲା ଚିକିତ୍ସାଧିକାରୀ, ନାଲକୋ, ଅନୁଗୋଳ ମୁନିସିପାଲିଟି, ଅଗ୍ନିଶମ ବିଭାଗ, ଜିଲ୍ଲା ପୁଲିସ, ବ୍ୟାଙ୍କ ଓ ଜନସ୍ୱାସ୍ଥ୍ୟ ବିଭାଗ ସହଯୋଗ କରିବେ। ସେହିପରି ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ୍, ସେଲଫି ପଏଣ୍ଟ (ଆମ ଅସ୍ମିତା ଆମ ଗୌରବ)ର ପ୍ରଦର୍ଶନୀ ଓ ମେଳାରେ ମନୋରଞ୍ଜନ ପାଇଁ କଳାକାରମାନେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିମାନଙ୍କୁ ମେଳାରେ ବୁଲିବା ପାଇଁ ସ୍ୱତନ୍ତ୍ର ହୁଇଲଚେୟାରର ବ୍ୟବସ୍ଥା କରାଯାଇଅଛି। ମେଳା ପରିସରକୁ ପରିଷ୍କାର ପରିଚ୍ଛନ ରଖିବା ଦିଗରେ ସମସ୍ତପ୍ରକାର ପଦକ୍ଷେପ ନିଆଯିବ। ମେଳା ପ୍ରତିଦିନ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ମଙ୍ଗଳବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓରମାସ ବିମନ ମଲ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀଙ୍କୁ ମାଡ଼ମାରି ଅପହରଣ ଉଦ୍ୟମ ଅଭିଯୋଗ

ବଇଣ୍ଡା, ୯।୯ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଡ଼ହୁଲା ଗ୍ରାମର ସନ୍ତୋଷ ସାହୁଙ୍କୁ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ସାହୁ ଓ ସେମାନଙ୍କର ସମ୍ପର୍କୀୟ ବଡହିଂସର ଗ୍ରାମର ପବନା ବେହେରା, ଛୋଟା ବେହେରା, ମଳୟ ବେହେରା, ଦୀପି ବେହେରା, ଉତ୍କଳ ବେହେରା ମାଡ଼ ମାରିବାସହ ଅପହରଣ କରିନେବା ପାଇ ଉଦ୍ୟମ କରିଥିବା ସେ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି ନମ୍ବର ୩୩୪/୨୫ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ସନ୍ତୋଷଙ୍କ ସହ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ପାରିବାରିକ କଳହକୁ କେନ୍ଦ୍ରକରି ବାପଘରକୁ ୨୦ ଦିନ ହେବ ପଳାଇ ଯାଇଥିଲେ। ଲକ୍ଷ୍ମୀପ୍ରିୟା ଉକ୍ତ ବ୍ୟକ୍ତିମାନଙ୍କୁ ଏକାଠି କରି ଏକ କାର୍‌ରେ ଆସି ସନ୍ତୋଷଙ୍କୁ ମାଡ଼ ମାରିବାସହ ଅପହରଣ ଉଦ୍ୟମ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଜରପଡ଼ା ବ୍ଲକ୍ ପୁନର୍ଗଠନ ପାଇଁ ବୈଠକ

ଅନୁଗୋଳ, ୯।୯ (ସମିସ): ଜରପଡ଼ା ବ୍ଲକ୍ ପୁନର୍ଗଠନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୈଠକ ସ୍ଥାନୀୟ ଶିବମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ପୁନର୍ଗଠନ ସମ୍ପର୍କରେ ଆଲୋଚନା ହେବାସହ କିଭଳି ରାଜ୍ୟ ସରକାରଙ୍କ ପାଖରେ ଲିଖିତ ଭାବରେ ଏନେଇ ଦାବି ତଥା ସ୍ମାରକପତ୍ର ଦିଆଯିବ ତାହା ଉପରେ ଆଲୋଚନା ହୋଇଛି। ବୈଠକରେ ସମସ୍ତ ଜରପଡ଼ାଅଞ୍ଚଳର ଆଖପାଖ ପ୍ରାୟ ୨୨ଟି ପଞ୍ଚାୟତର କର୍ମକର୍ତ୍ତା ତଥା ନିର୍ବାଚିତ ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ଯୋଗଦେବାସହ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ। ଶେଷରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ବ୍ଲକ ପୁନଃର୍ଗଠନ ନିମନ୍ତେ ସହମତି କ୍ରମେ ଲିଖିତ ଭାବରେ ସରକାରଙ୍କୁ ଦରଖାସ୍ତପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଗଲା। ବୈଠକ କ୍ରିୟାନୁଷ୍ଠାନ କମିଟି ସଭାପତି ସୁଦିପ୍ତ କୁମାର ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ସମ୍ପାଦକ ଆଡଭୋକେଟ ନୀଳକଣ୍ଠ ସାହୁଙ୍କ ସମେତ କୋଷାଧ୍ୟକ୍ଷ ଡମ୍ବରୁଧର ବେହେରା ପ୍ରମୁଖ ଯୋଗଦେଇଥିଲେ।

ସକାଳ
THE SAKALA

ବୁଧବାର
୧୦ ସେପ୍ଟେମ୍ବର, ୨୦୨୫




■ ଚାଷୀଙ୍କୁ ଡରି ଥାନାର ଦ୍ୱାରସ୍ଥ ସମବାୟ ସମିତି ସମ୍ପାଦକ

# ୨୨୨ ବସ୍ତା ସାରକୁ ୧୦୦୦ରୁ ଊର୍ଦ୍ଧ୍ୱ ଚାଷୀ



କାମାକ୍ଷାନଗର, ୯।୯ (ସମିସ): ସାର ଅଭାବରୁ ତାତିଲେ ଚାଷୀ। କାମାକ୍ଷାନଗର ପ୍ରାଥମିକ କୃଷି ସମବାୟ ସମିତି ସାମ୍ନାରେ ହୋହଲ୍ଲା ସାଙ୍ଗକୁ ସାର ଗୋଦାମ ସଟର ପକାଇଲେ ଚାଷୀ। ସମବାୟ ସମିତିର କର୍ମଚାରୀଙ୍କୁ ଗୋଦାମ ଭିତରକୁ ଚାଷୀମାନେ ଛାଡୁନଥିବା ବେଳେ ଚାଷୀଙ୍କ ଭୟରେ ଥାନାର ଦ୍ୱାରସ୍ଥ ହେଲେ ସମବାୟ ସମିତି ସମ୍ପାଦକ। ସୂଚନାନୁଯାୟୀ, କାମାକ୍ଷାନଗର ପ୍ରାଥମିକ କୃଷି ସମବାୟ ସମିତିରେ ଆଜି ଚାଷୀମାନଙ୍କୁ ସାର ବଣ୍ଟନ କରିବାର ସମୟ ଧାର୍ଯ୍ୟ କରାଯାଇଥିଲା। ସମବାୟ ସମିତି ତରଫରୁ ଦିନ ୩ଟାରୁ ଚାଷୀମାନଙ୍କୁ ସାର ଦେବା ପାଇଁ ନୋଟିସ କରାଯାଇଥିଲା। ମାତ୍ର ଅଳ୍ପସଂଖ୍ୟକ ସାର ଆସିଥିବା ଯୋଗୁ ଚାଷୀମାନେ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଲାଇନ ଲଗାଇ ସାର ଗୋଦାମ ଆଗରେ ଭିଡ଼ ଜମାଇଥିଲେ। ତେବେ କାମାକ୍ଷାନଗର କୃଷି ସମବାୟ ସମିତିକୁ ସରକାରଙ୍କ ତରଫରୁ ମାତ୍ର ୨୨୨ ବସ୍ତା ସାର ଯୋଗାଇ ଦିଆଯାଇଥିବା ବେଳେ ଏକାବେଳେ ୧୦୦୦ରୁ ଊର୍ଦ୍ଧ୍ୱ ଚାଷୀ ସାର ନେବା ପାଇଁ ହୋହଲ୍ଲା କରିଥିଲେ। ଅଳ୍ପ ସାରକୁ ବହୁତ ଚାଷୀ ହୋଇଥିବା କାରଣରୁ ବହୁ ଚାଷୀ ଆଗୁଆ ଲାଇନ ଲଗାଇ ଧାଡିରେ ଛିଡା ହୋଇଥିବା ବେଳେ ଅନେକ ସାର ନମିଳିବା ଆଶଙ୍କା କରି ଗୋଦାମ ଗୃହର ସଟରର ତାଲା ପକାଇଦେଇଥିଲେ। ଫଳରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ଚାଷୀଙ୍କୁ ଡରି କୃଷି ସମବାୟ ସମିତିର ସମ୍ପାଦକ ସାଗରକାନ୍ତ ରାଉତ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। କାମାକ୍ଷାନଗରରେ ବାରମ୍ବାର ଅଭିଯୋଗ ପରେ ଚାଷୀଙ୍କୁ ଠିକ୍‌ରେ ସାର ନମିଳିବାରୁ ଚାଷୀମାନେ ଉତ୍ୟକ୍ତ ହୋଇଥିବା ବେଳେ ପ୍ରଶାସନ ଓ ସରକାର କିପରି ଅଧିକରୁ ଅଧିକ ସାର ଯୋଗାଇ ଦେବେ ସେନେଇ ଦାବି କରିଛନ୍ତି।

## ଅନୁଗୋଳ ପୌରପାଳିକାକୁ ଜାତୀୟ ସ୍ୱଚ୍ଛ ବାୟୁ ପୁରସ୍କାର

ଅନୁଗୋଳ, ୯।୯ (ସମିସ): ଅନୁଗୋଳ ପୌରପାଳିକା ମଙ୍ଗଳବାର ନୂଆ ଦିଲ୍ଲୀରେ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର-୨୦୨୫ରେ ସମ୍ମାନିତ ହୋଇଛି। ଦେଶରେ ସ୍ୱଚ୍ଛ ସହର ଭାବେ ତୃତୀୟ ସ୍ଥାନ ହାସଲ କରି ଅନୁଗୋଳ ପୌରପାଳିକା ୧୨,୫୦,୦୦୦ ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ଓ ପ୍ରମାଣପତ୍ର ଗ୍ରହଣ କରିଛି। ନୂଆ ଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଠାରୁ ନଗରପାଳ ଅକ୍ଷୟ ସାମନ୍ତ ଏବଂ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସମାରୋହରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ପୌରପାଳିକା ଉପାଧ୍ୟକ୍ଷା ଅନୁପମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ଅନୁଗୋଳ ରେ ଖୁସିର ଲହରୀ ଖେଳିଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଗର୍ବ ଓ ଉତ୍ସାହର ପରିବେଶ ଦେଖାଦେଇଛି।

## ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ

ଅନୁଗୋଳ, ୯।୯ (ସମିସ): ବାୟୁ ପ୍ରଦୂଷଣ ଆମ ସମୟର ସବୁଠାରୁ ବଡ଼ ପରିବେଶଗତ ସ୍ୱାସ୍ଥ୍ୟ ବିପଦ। ଏହା ଜଳବାୟୁ ପରିବର୍ତ୍ତନକୁ ଆହୁରି ତୀବ୍ର କରେ, ଆର୍ଥିକ କ୍ଷତି ଘଟାଏ ଏବଂ କୃଷି ଉତ୍ପାଦକତାକୁ ହ୍ରାସ କରେ। ବାୟୁ ପ୍ରଦୂଷଣ କୌଣସି ସୀମା ଜାଣେ ନାହିଁ। ଆମର ବାୟୁମଣ୍ଡଳକୁ ସୁରକ୍ଷା ଦେବା ଏବଂ ସମସ୍ତଙ୍କ ପାଇଁ ସୁସ୍ଥ ବାୟୁ ସୁନିଶ୍ଚିତ କରିବା ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଆଜିର "ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ"ରେ ମତପ୍ରକାଶ ପାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅନୁଗୋଳ ଏବଂ ସହଯୋଗୀ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ମିଳିତ ଆନୁକୂଲ୍ୟରେ ଅନୁଗୋଳ ବ୍ଲକ ବଡକେରା ପଞ୍ଚାୟତର ଗୁଂଗ ଗ୍ରାମରେ ଏହି ଦିବସଟି ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ସହକାରୀ ପରିବେଶ ବିଜ୍ଞାନୀ ପ୍ରଫୁଲ୍ଲ ବେହେରା, ସଂଜୟ ଭୋଇ, ବଡକେରା ବିଏମସି ଅଧ୍ୟକ୍ଷ ମୁରଲୀଧର ବେହେରା ଏବଂ ନିୟୁଜ୍ ଅନୁଷ୍ଠାନର ସଂଯୋଜକ ପ୍ରିୟବ୍ରତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାୟୁ ପ୍ରଦୂଷଣ ହ୍ରାସ କରିବାକୁ ବିଭିନ୍ନ ପରିବେଶଧର୍ମୀ କାର୍ଯ୍ୟ କରିବାକୁ ଗୁଂଗ ଗ୍ରାମବାସୀଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପ୍ରକୃତି ବନ୍ଧୁ ଅରୁଣ କୁମାର ନାଏକ ଏବଂ ନିୟୁଜ୍ ଅନୁଷ୍ଠାନର ଲିକୁନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ତାଳବେଡ଼ା ଗ୍ରାମରେ ପାନୀୟ ଜଳ ସଂକଟ

# ପିଓ କାର୍ଯ୍ୟାଳୟ ଘେରଉ କଲେ ଶତାଧିକ ମହିଳା ଓ ପୁରୁଷ

ତାଳଚେର, ୯।୯ (ସମିସ):



ତାଳଚେର ବ୍ଲକ୍ ଅଧୀନ କଣ୍ଡାଳ ପଞ୍ଚାୟତ ତାଳବେଡ଼ା ଗ୍ରାମରେ ପାନୀୟଜଳ ସଙ୍କଟକୁ ନେଇ ଆଜି ଗ୍ରାମବାସୀଙ୍କ ପକ୍ଷରୁ ଶତାଧିକ ପୁରୁଷ ଓ ମହିଳା ଲିଙ୍ଗରାଜ ପ୍ରୋଜେକ୍ଟ ଅଫିସ୍ ସମ୍ମୁଖରେ ଗଣଧାରଣା ଦେଇଥିବା ଦେଖିବାକୁ ମିଳିଛି। ପିଓ କାର୍ଯ୍ୟାଳୟରେ ଧାରଣା ଦେବା ଯୋଗୁଁ କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟକରି ପାରିନଥିଲେ। ସକାଳ ୭ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଗ୍ରାମବାସୀ ଧାରଣା ଦେଇଥିବାର ଖବର ପାଇ ଜିଲ୍ଲାପାଳ ସେମାନଙ୍କୁ ଏହାର ସମାଧାନର ସୂତ୍ର ବାହାର କରିବାକୁ କାର୍ଯ୍ୟାଳୟକୁ ଡକାଇ ବୈଠକ କରାଯାଇଥିଲା ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଲିଙ୍ଗରାଜ କୋଇଲା ଖଣିର ଏହି ଗ୍ରାମଟି ପାଶ୍ୱବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ବର୍ଷସାରା ପାନୀୟଜଳର ସଙ୍କଟ ଦେଖାଦେଇଥାଏ। ବର୍ଷାଜନିତ ଜଳ ପୁଷ୍କରିଣୀ କିମ୍ବା କୂଅରେ ରହିଥାଏ ସେହି ପାଣି ପ୍ରଦୂଷଣ ଯୋଗୁଁ ବ୍ୟବହାର ଅନୁପଯୋଗୀ ହୋଇଥାଏ। ଫଳରେ ବର୍ଷତମାମ ପାନୀୟଜଳ ପାଇଁ ଅନ୍ୟ ଉପରେ ଗ୍ରାମବାସୀ ନିର୍ଭରଶୀଳ ହୋଇଥାନ୍ତି। ପଞ୍ଚାୟତର ସମସ୍ତ ଗ୍ରାମକୁ ପାନୀୟଜଳ ଯୋଗାଇ ଦେବାକୁ ପୂର୍ବ ସରକାର ଏମ୍‌ସିଏଲ ଅର୍ଥରାଶିରୁ ଆରଡବ୍ଲୁଏସ୍ଏସ୍ ମାଧ୍ୟମରେ ଏଲଏନଟି କମ୍ପାନୀକୁ ପାଇପ ବିଛାଇବା ଠାରୁ ଆରମ୍ଭକରି ପାଣି ଯୋଗାଇବା ଦେବାକୁ କୁହାଯାଇଥିଲା। ମାତ୍ର ଏଲଏନଟି କର୍ତ୍ତୃପକ୍ଷ ଅତି ନିମ୍ନମାନର କାର୍ଯ୍ୟ କରିଥିବାରୁ ଆଜକୁ ପ୍ରାୟ ୨୦ଦିନ ହେବ କଣ୍ଡାଳ ପଞ୍ଚାୟତକୁ ପାନୀୟଜଳ ସଙ୍କଟ ଦେଖା ଦେଇଥିବାର ଅଭିଯୋଗ ହୋଇଛି। ଘଟଣାକୁ ନେଇ ପ୍ରଶାସନ ମୁହଁ ଖୋଲୁନଥିବାରୁ ଗ୍ରାମବାସୀ ଏନେଇ ଅଭିଯୋଗ କରୁଛନ୍ତି। ତେବେ କୋଇଲା ଖଣି ଯୋଗୁଁ କଣ୍ଡାଳ ପଞ୍ଚାୟତର ସମସ୍ତ ଗ୍ରାମଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସେମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିବାସହ ଏସବୁ ସମସ୍ୟାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

## ଇନୋଭେସନ ଏବଂ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ଢେଙ୍କାନାଳ, ୯।୯ (ସମିସ): ସଦର ବ୍ଲକ ବଣସିଂହସ୍ଥିତ ଆଞ୍ଚଳିକ ଡିଗ୍ରୀ କଲେଜରେ ଇନୋଭେସନ ଏବଂ ଷ୍ଟାର୍ଟଅପ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର +୩ ବିଜ୍ଞାନ ଛାତ୍ର କମଲେଶ ସ୍ୱାଇଁ ଏହି ପ୍ରତିଯୋଗିତାରେ ଭାଗନେଇ ଗୋବର ଏବଂ ଲିମ୍ବ ରସରେ ପ୍ରସ୍ତୁତ ଏକ ଧୂପକାଠି ଏବଂ ଘସି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଧୂପକାଠିଟି ପରିବେଶ ଉପଯୋଗୀ ହେବାସହ ମଶା, ଡାଉଁଶଙ୍କୁ ଘଉଡାଇବାରେ କିଭଳି ସହାୟକ ହୋଇପାରିବ, ତାହା ପ୍ରତଦର୍ଶନ କରି ୧ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର କଳାଛାତ୍ରୀ ଗାୟତ୍ରୀ ଦାସ, ପ୍ଲାଷ୍ଟିକ ପାଣି ବୋତଲ ଉପଯୋଗ କରି ସୁନ୍ଦର ଫୁଲଦାନୀ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଘର ସାଜସଜ୍ଜା ଏବଂ ବଜାର ଗ୍ରହଣୀୟତା ଏହି ପ୍ରକଳ୍ପରେ ସେ ସନ୍ଦେଶ ଦେଇଥିଲେ। ସେ ୨ୟସ୍ଥାନ ଅଧିକାର କରିଥିବା ବେଳେ ମହାବିଦ୍ୟାଳୟର +୩, ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବର୍ଯ୍ୟବସ୍ତୁରୁ ସୁନ୍ଦର ଚିତ୍ର ପ୍ରଦର୍ଶନ ପୂର୍ବକ ତୃତୀୟ ସ୍ଥାନ ଅଧିକାର କରିଥିଲେ।



ମହାବିଦ୍ୟାଳୟ ଅଧ୍ୟକ୍ଷ ଗଗନ ସ୍ୱାଇଁ, ଅଧ୍ୟାପକ ନବୀନ କୁମାର ପତି, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଶରତ ଚନ୍ଦ୍ର ରାଉତ, ଅଧ୍ୟାପକ ଦେବେନ୍ଦ୍ର ନାଥ ମିଶ୍ର, କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଡକ୍ଟର ସତ୍ୟଶଙ୍କର ଦାସଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଷୟ ବିଶାରଦ ଭାବେ ଶିଶିର କୁମାର ଶତପଥୀ ଯୋଗଦେଇ ଷ୍ଟାଟଅପ ଏବଂ ଇନୋଭେସନ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଡକ୍ଟର ଭାଗ୍ୟଶ୍ରୀ ମହାନ୍ତି, ଅଧ୍ୟାପକ ଡକ୍ଟର ବଟକୃଷ୍ଣ ଦାସ, ଅଧ୍ୟାପକ ଡକ୍ଟର ନିରାକାର ଆଚାର୍ଯ୍ୟ ଏବଂ କର୍ମଚାରୀ, ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ଜନ ଅଭିଯୋଗ ଶୁଣାଣି ଶିବିର

ଢେଙ୍କାନାଳ, ୯।୯ (ସମିସ): ଢେଙ୍କାନାଳ ଜିଲ୍ଲାଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬୫ଟି ଅଭିଯୋଗ ଗ୍ରହଣ କରାଯାଇ ୬ ଟି ଅଭିଯୋଗର ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୪୩ଟି ରହିଥିବା ବେଳେ ଗ୍ରାମ୍ୟ ସମସ୍ୟା ୨୦ଟି ରହିଥିଲା। ଏହି ଶିବିରରେ ୨ଜଣଙ୍କୁ ବ୍ୟକ୍ତିଗତ ଚିକିତ୍ସା ନିମନ୍ତେ ଜିଲ୍ଲାରେଡକ୍ରସ ପାଣ୍ଠିରୁ ୬୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଅଭିନବ ସୋନକରଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ।

## ୨ୟ ଦିନରେ କ୍ଷତିଗ୍ରସ୍ତଙ୍କ ଖଣିବନ୍ଦ ଆନ୍ଦୋଳନ ଜାରୀ

କଣିହାଁ, ୯।୯ (ସମିସ): ପ୍ରସ୍ତାବିତ ପଥରମୁଣ୍ଡା ରକବା ପୁନର୍ବସତି ଜାଗାରେ ଖଣି କ୍ଷତିଗ୍ରସ୍ତ ଜରଡ଼ାବାସୀଙ୍କୁ ଥଇଥାନ ଦାବିରେ ଗତକାଲିଠାରୁ ଚାଲିଥିବା ଖଣି ବନ୍ଦ ଆନ୍ଦୋଳନ ମଙ୍ଗଳବାର ୨ୟ ଦିନରେ ପହଞ୍ଚିଛି। ଖଣି କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ବିଫଳ ହେବାରୁ ଆଜି ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିଛି। ଏନେଇ ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟରେ ସମାଧାନ ବୈଠକ ଚାଲିଛି। ବୈଠକରେ ଜରଡା କ୍ଷତିଗ୍ରସ୍ତ ପ୍ରଜାଙ୍କ ପ୍ରତିନିଧି, ଖଣି କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିବା ଜଣାପଡ଼ିଛି। ଥଇଥାନ ପାଇଁ ଆନ୍ଦୋଳନକାରୀଙ୍କୁ ବାରମ୍ବାର ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇ ପାଳନ ନକରିବା ଫଳରେ ଗତକାଲି ଠାରୁ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଜରଡ଼ାର କ୍ଷତିଗ୍ରସ୍ତ ପ୍ରଜା। ଆନ୍ଦୋଳନ ଫଳରେ ଖଣିରୁ କୋଇଲା ଉତ୍ତୋଳନ ଓ ପରିବହନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଛି। ସ୍ଥାୟୀ ସମାଧାନ ନହେବା ଯାଏଁ ଆନ୍ଦୋଳନକାରୀ ନିଜ ଜିଦରେ ଅଡ଼ିବସିଛନ୍ତି।

## ମାଁ ବାୟାଣୀ କ୍ଲବ୍ ଯୁବଗୋଷ୍ଠୀଙ୍କ ଦ୍ୱାରା ଚାରାରୋପଣ



ଛେଣ୍ଡିପଦା, ୯।୯ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଅଧୀନ ପାତ୍ରପଡା ଗ୍ରାମପଞ୍ଚାୟତ ମାଁ ବାୟାଣୀ ପୀଠ ପାଖରେ ମାଁ ବାୟାଣୀ କ୍ଲବ୍ ଯୁବଗୋଷ୍ଠୀଙ୍କ ଆନୁକୁଲ୍ୟରେ ଶତାଧିକ ବିଭିନ୍ନ ପ୍ରକାର ଫଳ ଓ ଔଷଧୀୟ ଚାରାରୋପଣ କରାଯାଇଛି। କିଛିଦିନ ପୂର୍ବରୁ ଦେବୀନଗର ପାହାଡ଼ରୁ ଅତଡା ଖସିବା ଫଳରେ ଲୋକମାନଙ୍କର ଯାତାୟାତରେ ଅନେକ ଅସୁବିଧା ହୋଇଥିଲା। ଏହି ସ୍ୱେଚ୍ଛାସେବୀ ଯୁବଗୋଷ୍ଠୀ ତୁରନ୍ତ ମେସିନ ସାହାଯ୍ୟରେ ମାଟିକୁ ସଫାକରିଥିଲେ। ସ୍ୱେଚ୍ଛାସେବୀ ଯୁବଗୋଷ୍ଠୀ ପୁଣି ଏକ ସୁନ୍ଦର ପଦକ୍ଷେପ ହାତକୁ ନେଇଛନ୍ତି। ଜନସାଧାରଣଙ୍କ ହୀତପାଇଁ ମଙ୍ଗଳବାର ଶତାଧିକ ଫଳ ଓ ଔଷଧୀୟ ଚାରାରୋପଣ କରିଛନ୍ତି। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ବାପୁଜୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଲୋକନାଥ ସାହୁ, ଘନଶ୍ୟାମ ସାହୁ, ରଞ୍ଜିତ, ରାଜେଶ, ଲୁଲୁ, ରାହୁଲ, ରାଜା, ରକି, ଶୁଭ, ଓମ, ବସନ୍ତ, ନୀତିଶ, ମାନସ, ମନୋଜ, କାହ୍ନା, ସୁବ୍ରତ, ସତ୍ୟବ୍ରତ, ରଜତ, ସାନ୍ତନୁ, ବୁଲୁ, ରାଜୁ, ସୁମନ୍ତ, ସିଧା ଓ ନିଲୁ ଚାରାରୋପଣ କରିବା ସହ ସାହାଯ୍ୟ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

ଢେଙ୍କାନାଳ, ୯।୯ (ସମିସ): ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ପ୍ରାପ୍ତି ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟଠାରୁ ଜିଲ୍ଲାର ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରାର ଆରମ୍ଭ ହୋଇଛି। ଏଥିନିମନ୍ତେ ଆୟୋଜିତ ୨ଟି ବସକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୌରଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ସାଂସଦଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ ଯେ, ୨୨ ଜଣ ବରିଷ୍ଠ ନାଗରିକ ଦମ୍ପତି ସହ ସମୁଦାୟ ୮୯ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଏହି ୨ଟି ବସ ଭୁବନେଶ୍ୱରରେ ପହଞ୍ଚିବ। ଆସନ୍ତାକାଲି ୧୦ ତାରିଖରେ ସମସ୍ତ ତୀର୍ଥଯାତ୍ରୀ ଭୁବନେଶ୍ୱରରୁ ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରିବେ। ତୀର୍ଥକ୍ଷେତ୍ର ପରିଭ୍ରମଣ ଶେଷକରି ଆସନ୍ତା ୧୫ ତାରିଖରେ ପହଞ୍ଚିବେ।

## ଗଞ୍ଜେଇ ଜବତ; ଜଣେ ଗିରଫ

ଭୁବନ, ୯।୯ (ସମିସ): ଭୁବନ ଥାନା ଏକତାଳି ପଞ୍ଚାୟତର ଏକତାଳି ଗ୍ରାମର ବିଶ୍ୱନାଥ ବେହେରାଙ୍କୁ ପୁଲିସ ଧରିବା ସହ ତାଙ୍କ ଠାରୁ କିଛି ଗଞ୍ଜେଇ ଜବତ କରାଯାଇଛି। ମଙ୍ଗଳବାର ଦିନ ତମାମ ଭୁବନ ଚନ୍ଦାର ରାସ୍ତାରେ ଛୋଟ ମାଛ ଜରିଆରେ ଭୁବନର ଆଉ ଜଣେ ମାଫିଆଙ୍କୁ ଧରିବାକୁ ପ୍ରୟାସ କରାଯାଇଥିଲା। ୨ଟି ସ୍କ୍ୱାଡ ମଧ୍ୟ ଅଞ୍ଚଳ ସାରା ପଇଁତରା ମାରୁଥିବା ଦେଖାଯାଇଥିଲା। ହେଲେ ବଡ ମାଫିଆକୁ ଧରି ନପାରି ନିରାଶରେ ଫେରିଥିଲେ। ବିଶ୍ୱନାଥଙ୍କୁ ଦିନ ସାରା ପାଣ୍ଡରା ନାଳ କୂଳରେ ବସାଇ ରଖାଯାଇଥିଲା। ସନ୍ଧ୍ୟାରେ ଏନେଇ ମାମଲା ରୁଜୁ କରାଯାଇଛି। ୧ କେଜି ୭୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ଦର୍ଶାଯାଇଛି। ବୁଧବାର କୋର୍ଟଚାଲାଣ କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡିଛି।

## ଚଢ଼ଉ; ଗୁଟ୍‌କା ଜବତ

ବଅଁରପାଳ, ୯।୯ (ସମିସ): ବଅଁରପାଳ ପୁଲିସ ବିଭିନ୍ନ ଗ୍ରୋସରୀ ଓ ପାନ ଦୋକାନରେ ଅତର୍କିତ ଚଢଉ କରି ଗୁଟଖା, ପାନ ମସଲା ସିଗାରେଟ୍, ଓ ଅନ୍ୟ ବେଆଇନ ନିଶାଯାତ ସମଗ୍ରୀ ବହୁଳ ପରିମାଣରେ ଜବତ କରିଛି। ମଙ୍ଗଳବାର ଦିନ ୯ଟା ବେଳେ ବଅଁରପାଳ ପୁଲିସ ୨ ଭାଗରେ ବିଭକ୍ତ ହୋଇ ବଅଁରପାଳ ବଜାରଠାରୁ ସନ୍ତ୍ରୀ ଛକ ପର୍ଯ୍ୟନ୍ତ ସମସ୍ତ ଗ୍ରୋସରୀ ଓ ପାନ ଦୋକାନରେ ଚଢଉ କରିଥିଲେ। ନିଶା ଜାତୀୟ ଦ୍ରବ୍ୟ ସବୁ ଜବତ କରି ଥାନାକୁ ଆଣିବାସହ ୨୫ରୁ ଅଧିକ ଦୋକାନୀକୁ ଥାନାକୁ ଆଣି ପଚାରା ଉଚରା କରିଛି। ଦୋକାନୀମାନଙ୍କୁ ଗୁଟଖା ସିଗାରେଟ୍ ଓ ପାନ ମସଲା ନ ବିକିବାକୁ ସତର୍କ କରି ନଥିବା ବେଳେ ହଠାତ୍ ଚଢ଼ଉ କରି ଉକ୍ତ ସାମଗ୍ରୀ ଜବତ କରିଥିବାରୁ ଦୋକାନୀମାନେ ଅଭିଯୋଗ କରିଛନ୍ତି।

## ଗିରିଶ ଚନ୍ଦ୍ର ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଅନୁଗୋଳ, ୯।୯ (ସମିସ): ବଅଁରପାଳ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଲେଖପାଟଣାର ଶିକ୍ଷକ ଗିରିଶ ଚନ୍ଦ୍ର ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅବସରରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧୀଶ ତଥା ମୁଖ୍ୟ ଅତିଥି ପ୍ରସନ୍ନ ପାଣିଗ୍ରାହୀ ଏବଂ ଅବସରପ୍ରାପ୍ତ ଶିକ୍ଷାଅଧିକାରୀ ସଚ୍ଚିଦାନନ୍ଦ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗିରିଶଚନ୍ଦ୍ର ବେହେରାଙ୍କୁ ବଅଁରପାଳ ବ୍ଲକ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର (ପ୍ରାଥମିକ ଶିକ୍ଷକ) ପ୍ରଦାନକରିଥିଲେ। ସେ ବଅଁରପାଳ ବ୍ଲକରୁ ଶ୍ରେଷ୍ଠ ଶିକ୍ଷକ ଭାବେ ୨୦୨୪/୨୫ ଶିକ୍ଷାବର୍ଷ ପାଇଁ ପୁରସ୍କୃତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କୁ ସୁଧାରମୂଳକ ତଥା ପ୍ରତିକାରମୂଳକ ଶିକ୍ଷଣକୁ ପ୍ରୋତ୍ସାହିତ କରିବା, ଦୀର୍ଘଦିନ ଧରି ଅନୁପସ୍ଥିତ ପିଲାମାନଙ୍କ ଘରକୁ ଯାଇ ବିଦ୍ୟାଳୟକୁ ନିୟମିତ ଆସିବା ପାଇଁ ପଦକ୍ଷେପ ନେବା, ଡ୍ରପ୍ ଆଉଟହାର ରୋକିବା, ବିଜ୍ଞାନ ମେଳାରେ ନିଜ ପ୍ରକଳ୍ପକୁ ବ୍ଲକ, ଜିଲ୍ଲା ତଥା ରାଜ୍ୟସ୍ତରକୁ ଯିବାପାଇଁ ଛାତ୍ରଛାତ୍ରୀଙ୍କୁ ଆଗ୍ରହାନ୍ୱିତ କରାଇବା ଓ କୁଇଜ କାର୍ଯ୍ୟକ୍ରମ କରାଇ ପ୍ରଶଂସିତ ହୋଇଛନ୍ତିଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଶ୍ରୀ ବେହେରାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## ଘନ କୁହୁଡ଼ିର ବଳୟରେ କାମାକ୍ଷାନଗର ସହର

କାମାକ୍ଷାନଗର, ୯।୯ (ସମିସ): ଘନ କୁହୁଡିର ବଳୟ ମଧ୍ୟରେ କାମାକ୍ଷାନଗର ସହର। ଆଜି ସକାଳୁ କାମାକ୍ଷାନଗର ସହର ଓ ଆଖପାଖ ଅଞ୍ଚଳରେ ଘନ କୁହୁଡିର ପ୍ରଭାବ ଦେଖିବାକୁ ମିଳିଛି। କୁହୁଡିର ଆସ୍ତରଣ ଫଳରେ ରାସ୍ତା ଠିକ ସେ ଦେଖାଯାଉନଥିବା ବେଳେ ଗାଡି ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଛି। ୨୦ ମିଟର ପରେ ରାସ୍ତା ଦେଖାଯାଉ ନଥିବା ବେଳେ ଜାତୀୟ ରାଜପଥରେ ଗାଡି ଚଳାଚଳରେ ସମସ୍ୟା ଦେଖିବାକୁ ମିଳିଛି। ସାରା ସହର କୁହୁଡିର ଚାଦର ତଳେ ଘୋଡାଇ ହୋଇ ରହିଥିବା ବେଳେ ଶୀତଦିନ ପୂର୍ବରୁ ଏପରି ଘନ କୁହୁଡି ଦେଖିବାକୁ ମିଳିଛି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଛେଣ୍ଡିପଦା, ୯।୯ (ସମିସ): ଅନୁଗୋଳ ଜିଲ୍ଲା ପାତ୍ରପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୋଗେଶ୍ୱର ସାହୁଙ୍କ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ ରାଜନୀତିରେ ଜଡ଼ିତ ରହିବା ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ ଆଦିରେ ସକ୍ରିୟ ଅଂଶ ଗ୍ରହଣକରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ଦୀର୍ଘଦିନ ହେବ ସୁଗାର ରୋଗରେ ପୀଡ଼ିତ ଥିବା ବେଳେ ପ୍ରାୟ ୧ମାସ ତଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଆଜି ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କର ମୃତ୍ୟୁ ଖବର ପାଇ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

## ଅଗ୍ରପୂଜ୍ୟଙ୍କ ଆଞ୍ଜାଲଡୁ ନିଲାମ ଉତ୍ସବ



କୁଇଓ, ୯।୯ (ସମିସ): ନତଡ଼ା ପିଢ଼ସାହି ବିଘ୍ନେଶ୍ୱର ପୂଜା କମିଟି ପକ୍ଷରୁ ଅଗ୍ରପୂଜ୍ୟ ଗଜାନନଙ୍କ ଆଞ୍ଜାଲଡୁ ନିଲାମ ଉତ୍ସବ ଅନୁଷ୍ଠିତ ହୋଇଛି। ନିଲାମ କାର୍ଯ୍ୟକ୍ରମରେ ୯ ଜଣ ନିଲାମଧାରୀ ଅଂଶଗ୍ରହଣ କରିବା ସହିତ ସୁନିଲ ବେହେରା ପ୍ରଥମ ଡାକ ୨୫ହଜାର ଟଙ୍କା ନିଲାମ ଆରମ୍ଭ ହୋଇଥିଲା ବେଳେ ଅନୁଗୋଳ ନିବାସୀ ଦୀପକ କୁମାର ସାହୁ ୮୦ହଜାର ଟଙ୍କାରେ ପ୍ରଭୁ ଗଜାନନଙ୍କ ଆଞ୍ଜାଲଡୁ ବିଜେତା ହୋଇଥିଲେ। ଏଥିରେ ନତଡ଼ା ପଞ୍ଚାୟତର ସରପଞ୍ଚ ପ୍ରଣତି ପ୍ରଧାନ ଏବଂ ସମ୍ମାନିତ ଅତିଥି ରୂପେ ସମିତିସଭ୍ୟ ସତ୍ୟନାରାୟଣ ମାଝୀ, ସମ୍ବଲପୁର ସାଂସଦଙ୍କ ବ୍ଲକ ପ୍ରତିନିଧି ବିଜୟକୁମାର ମାଝୀ, ଗ୍ରାମ ସଭାପତି ଗିରିଶ ଚନ୍ଦ୍ର ବିଶ୍ୱାଳ, ଅରକ୍ଷିତ ପ୍ରଧାନ, ମୋହିତ ମୋହନ ବିଶ୍ୱାଳ, ବାବା ଇନ୍ଦ୍ରମଣି ଦାସ ମହାରାଜ, ମୁଖ୍ୟବକ୍ତା ଭାବେ କବି କୁଳମଣି ହରମୋହନ ସାହୁ, କମିଟିର ସଭାପତି ବିଶ୍ୱଜିତ୍ ସାହୁ ଓ କମିଟିର ସମସ୍ତ ସଦସ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ।

## ରୌପ୍ୟଜୟନ୍ତୀ ରାବଣପୋଡ଼ି ବାଉଁଶ ପୂଜା

ଭୁବନ, ୯।୯ (ସମିସ): ଭୁବନ ପାଲାମଣ୍ଡପଠାରେ ରାବଣପୋଡି ଉତ୍ସବ ପ୍ରତିବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହେବ। ୨୫ତମ ବାର୍ଷିକ ଉତ୍ସବ ବା ରୌପ୍ୟଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଭୁବନ ଗାୟତ୍ରୀ ପାଲାମଣ୍ଡପଠାରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଗୋପାଳପୁର ମୌଜାରେ ବାଉଁଶ ମେରିରୁ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ କୃଷ୍ଣପ୍ରସାଦ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ ଶୁଭାରମ୍ଭ କରିଥିଲେ। ଶୁଭ ବାଉଁଶକୁ ରାବଣପୋଡିପଡିଆକୁ ଅଣାଯାଇଥିଲା। ତ୍ରିଲୋଚନ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

# ଖୁଦୁରୁକୁଣୀ ଓଷାରେ ଝଲକୁଛି ସୁରପ୍ରତାପପୁର ଗ୍ରାମ

ଭୁବନ, ୯।୯ (ସମିସ):


ଖୁଦୁରୁକୁଣୀ ଓଷା ପାଇଁ ଢେଙ୍କାନାଳ ଜିଲ୍ଲା ଭୁବନର ସୁରପ୍ରତାପପୁର ଗାଁ ଖୁବ୍ ପ୍ରସିଦ୍ଧ। ପ୍ରତିବର୍ଷ ଏଠାରେ ଯାକଯମକରେ ଝିଅମାନେ ଖୁଦୁରୁକୁଣୀ ଓଷା ପାଳନ କରିଥାନ୍ତି। ଓଡିଆ ଘରର ପରମ୍ପରା ଅନୁଯାୟୀ ଭାଇମାନଙ୍କର ମଙ୍ଗଳ ମନାସୀ ଝିଅମାନେ ମା' ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରିଥିବା ବେଳେ ସୁରପ୍ରତାପପୁର ଗ୍ରାମରେ ସମସ୍ତ ବିଧିବିଧାନସହ ନୀତିକାନ୍ତିରେ ମା'ଙ୍କ ପୂଜା କରାଯାଇଥାଏ। ଭାଦ୍ରବରେ ଓଷା ପଡୁଥିବା ବେଳେ ମାସର ଶେଷ ରବିବାର ଠାରୁ ସପ୍ତାହ ଧରି ବଡ ଧୂମଧାମରେ ବ୍ରତ ପାଳନ କରାଯାଇଥାଏ। ବର୍ଷକୁ ଥରେ ଏହି ଓଷା ପାଇଁ ସତେ ଯେପରି ଝିଅମାନେ ଅନାଇ ବସିଥାନ୍ତି। ତେବେ ସୁରପ୍ରତାପପୁର ଗ୍ରାମରେ ମୋଟ ୧୩ ସାହିରେ ୩୦ଟି ପୂଜାମଣ୍ଡପରେ କୁଆଁରୀ ଝିଅମାନେ ଏକତ୍ରିତ ହୋଇ ଖୁଦୁରୁକୁଣୀ ଓଷା କରିଥାନ୍ତି। କିନ୍ତୁ ପୂଜାର ଶେଷ ପାଞ୍ଚଦିନ ଗ୍ରାମର ବାର୍ଷିକ ଉତ୍ସବ ଭାବେ ପାଳନ କରାଯାଇଥାଏ। ପ୍ରତ୍ୟେକ ମଣ୍ଡପରେ ସାଜସଜ୍ଜା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ରଙ୍ଗୀନ ଆଲୋକମାଳାରେ ଗ୍ରାମଟି ନୂଆବୋହୂ ପରି ସଜେଇ ହୋଇଥାଏ। ଗ୍ରାମବାସୀଙ୍କ ପ୍ରାୟ ୫୦ବର୍ଷତଳୁ ଏହି ଗାଁରେ ଖୁଦୁରୁକୁଣି ଓଷା ପାଳିତ ହୋଇଆସୁଛି। ରାଜ୍ୟ ଓ ରାଜ୍ୟ ବାହାରୁ କାରିଗରମାନେ ଏଠାକୁ ଆସି ମୂର୍ତ୍ତି ନିର୍ମାଣ କରିବା ସହ ସୁନ୍ଦର ପ୍ରତ୍ୟେକଙ୍କ ଘରେ ବନ୍ଧୁ ବାନ୍ଧବଙ୍କ ଭିଡ ସହ ପିଠା ପଣାର ଆସର ଜମିଥାଏ। ଗ୍ରାମବାସୀଙ୍କ କହିବା ଅନୁଯାଇ ପ୍ରାୟ ୫୦/୬୦ ବର୍ଷତଳୁ ଏହି ଗ୍ରାମରେ ମହାଆଡମ୍ବରରେ ଖୁଦୁରୁକୁଣୀ



ଓଷା କରାଯାଉଛି। ଓଷାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସଂପର୍କ ନିବିଡ ହେଉଥିବା ବେଳେ ଶେଷ ପାଞ୍ଚଦିନ ଘରେଘରେ ବନ୍ଧୁବାନ୍ଧବଙ୍କ ଭିଡ ଜମିଥାଏ। ବିଶେଷ କରି ଶାଶୂଘରକୁ ଯାଇଥିବା ପ୍ରତ୍ୟେକ ଝିଅ ଖୁଦୁରୁକୁଣୀ ଓଷା କରିବା ପାଇଁ ବାପ ଘରକୁ ଆସିଥାଆନ୍ତି। ପିଲାଦିନର ସାଥିମାନଙ୍କ ସହ ବିବାହିତ ଝିଅମାନେ ଦେଖାହୋଇ ଆନନ୍ଦିତ ହେବାସହ ପରଷ୍ପର ମଧ୍ୟରେ ଖୁସୀ ବାଣ୍ଟିଥାନ୍ତି। ସାଥିହୋଇ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରିବା ସହିତ ଏକାଠି ଖାଇବା, ଏକାଠି ବୁଲିବା ଓ ମୀନାବଜାରରେ ଦୋଳି ଖେଳିବା ସହ ବିଭିନ୍ନ ଚଟପଟି ଖାଇବାର ମଜା ମଧ୍ୟ ନେଇଥାନ୍ତି। ତେବେ ବର୍ଷବର୍ଷ ତଳୁ ସୁରପ୍ରତାପପୁର ଗ୍ରାମରେ ପାଳିତ ହେଉଥିବା ଖୁଦୁରୁକୁଣୀ ଓଷା ଭାଇଚାରା ସୃଷ୍ଟି କରିଥିବା ବେଳେ ମା' ମଙ୍ଗଳା ଗ୍ରାମବାସୀଙ୍କୁ ସତେଯେପରି ଘଣ୍ଟ ଘୋଡାଇ ରଖିଛନ୍ତି ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି।

ସକାଳ
THE SAKALA

# ସମ୍ପାଦକୀୟ



ଜୀବନରେ ଆନନ୍ଦ ପାଇବାକୁ ହେଲେ ଜନାସକ୍ତ ଓ ବିଷୟାସକ୍ତ ନ ହୋଇ ଏକ ମହତ୍ ଲକ୍ଷ୍ୟ ସହିତ ଚୁକ୍ତି କର।
-ଆଲବର୍ଟ ଆଇନଷ୍ଟାଇନ୍

## ନେପାଳରୁ ସନ୍ଦେଶ

ସାମ୍ପ୍ରତି ନେପାଳରେ ଯାହା ଘଟିଛି, ଘଟୁଛି ଓ ଘଟିବାକୁ ଯାଉଛି ତାହାର ପ୍ରଭାବ କେବଳ ସେହି ଦେଶ ଭିତରେ ସୀମିତ ନାହିଁ। ସେଠାରେ ସୃଷ୍ଟ ହିଂସା, ଜୀବନହାନି ପଛରେ କାରଣ ଯାହା ବି ଥାଉ ନା କାହିଁକି, ମନମୁଖି ଶାସନ ବ୍ୟବସ୍ଥା ବିରୋଧରେ ଛାତ୍ରସମାଜ ଭିତରେ ନବଜାଗରଣର ବାତାବରଣ କ୍ରମେ ଯେ ବିଶ୍ୱ ରାଜନୀତିରେ ନୂଆ ସମ୍ଭାବନା ସୃଷ୍ଟି କରୁଛି ତାହା ସ୍ୱୀକାର କରିବାକୁ ହେବ। ଏଥିସହିତ ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ସୃଷ୍ଟ ନୂତନ ଆହ୍ୱାନକୁ ସମ୍ମୁଖୀନ ହେବା ଲାଗି ହିମାଳୟ ପାଦଦେଶରୁ ଏକ ସତର୍କ ଘଣ୍ଟିର ସୂଚନା ମଧ୍ୟ ମିଳିଛି।

ନେପାଳ ଘଟଣାରୁ ଅବଶିଷ୍ଟ ବିଶ୍ୱକୁ ଅନ୍ତତଃ ତିନିଟି ସନ୍ଦେଶ ଯାଇଛି। ପ୍ରଥମତଃ, ଜନତା, ବିଶେଷକରି ଯୁବବର୍ଗଙ୍କ ଉପରେ ମୁଖ୍ୟସ୍ରୋତର ଗଣମାଧ୍ୟମ ତୁଳନାରେ ସାମାଜିକ ଗଣମାଧ୍ୟମର ପ୍ରଭାବ ଓ ଆଦୃତି ବଢ଼ିବାରେ ଲାଗିଛି। ଏପରିକି ସାମାଜିକ ଗଣମାଧ୍ୟମ ନିର୍ବାଚନ ଫଳାଫଳ ନିର୍ଣ୍ଣୟରେ ବଡ଼ ଭୂମିକା ନିର୍ବାହ କରୁଛି, ଯାହାର ପ୍ରଭାବରୁ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ମଧ୍ୟ ବର୍ତ୍ତିପାରିନାହିଁ। ସରକାରୀ କଳର ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସାମାଜିକ ଗଣମାଧ୍ୟମ ହିଁ ସାମ୍ପ୍ରତିକ କୋଳାଶ୍ରିତ ଗଣମାଧ୍ୟମ ଯୁଗରେ ନିର୍ଭୀକ ସାମ୍ବାଦିକତାର ଭୂମିକା ନିର୍ବାହ କରୁଛି। ତେଣୁ ସ୍ୱାଭାବିକ ଭାବେ ସାମାଜିକ ଗଣମାଧ୍ୟମକୁ ନେପାଳ ସରକାର ନିଷେଧ ଘୋଷଣା କରିବା ପରେ ତାହାର ତତ୍କାଳ ପ୍ରତିକ୍ରିୟା ଛାତ୍ର ଓ ଯୁବ ସମାଜରେ ପ୍ରତିଫଳିତ ହୋଇଛି। ଦ୍ୱିତୀୟତଃ, ସାମ୍ପ୍ରତିକ ଯୁବପିଢ଼ି(ଜେନ୍-ଜେଡ୍)କୁ ସାମାଜିକ ଗଣମାଧ୍ୟମ ନିଜର ମୋହ-ମାୟାଜାଲ୍‌ରେ ଏତେ ଆସକ୍ତ କରି ରଖିଛି ଯେ ତା'ବିନା ଦଣ୍ଡେ ମଧ୍ୟ ତିଷ୍ଠିବା ଅସମ୍ଭବ ହୋଇପଡ଼ିଛି। ସାମାଜିକ ଗଣମାଧ୍ୟମର ସମାଜ ଉପରେ ଏହି ନକାରାତ୍ମକ ପ୍ରଭାବ ଆଦୌ ଶୁଭଙ୍କର ନୁହେଁ।

ତୃତୀୟ ସନ୍ଦେଶଟି ଉଭୟ ଚିନ୍ତାଜନକ ଓ ସକାରାତ୍ମକ। ଯଦି ଶାସନ ବିରୋଧୀ ଆନ୍ଦୋଳନ ଓ ବିଦ୍ରୋହ ପଛରେ ବାହ୍ୟଶକ୍ତିର ହାତ ଥିବା ଧରାନିଆଯାଏ ତେବେ ତାହା ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସାର୍ବଭୌମତ୍ୱ, ଅଖଣ୍ଡତା ଓ ଏକତା ପ୍ରତି ବଡ଼ ଆହ୍ୱାନ। ଗତବର୍ଷ ବାଂଲାଦେଶ, ଚଳିତ ବର୍ଷ ଇଣ୍ଡୋନେସିଆ ଏବଂ ଏବେ ନେପାଳରେ ଶାସନତନ୍ତ୍ର ବିରୋଧରେ ସୃଷ୍ଟ ବିରୋଧ, ବିକ୍ଷୋଭ ଓ ବିଦ୍ରୋହ ଆଦୌ କାକତାଳିକ ହୋଇ ନ ପାରେ। ବାଂଲାଦେଶରେ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ପଛରେ ଆମେରିକା, ଚୀନ୍ ଓ ପାକିସ୍ତାନର ପ୍ରଚ୍ଛନ୍ନ ହାତ ଥିବା ଅଭିଯୋଗ କେତେକାଂଶରେ ପ୍ରମାଣିତ। ତେଣୁ ଇଣ୍ଡୋନେସିଆ ଓ ନେପାଳରେ ସେଭଳି ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। କିନ୍ତୁ ସକାରାତ୍ମକ ଦିଗରୁ ବିଚାର କଲେ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ବାଂଲାଦେଶର ଛାତ୍ର ଆନ୍ଦୋଳନ ପଛରେ ଥିଲା ନିରଙ୍କୁଶ କ୍ଷମତାର ମନମୁଖି ଶାସନରେ ଅତିଷ୍ଠ ପୁଞ୍ଜିଭୂତ ଅସନ୍ତୋଷର ବାସ୍ତବ ପ୍ରତିଫଳନ। ଗତ ସପ୍ତାହରେ ଇଣ୍ଡୋନେସିଆରେ ଶାସନତନ୍ତ୍ର ବିରୋଧରେ ସମାନ କାରଣରୁ ଜନପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ସେହିପରି ସମ୍ପ୍ରତି ନେପାଳ ଘଟଣା ପଛର ପୃଷ୍ଠଭୂମି ଯଦି କେବଳ ସାମାଜିକ ଗଣମାଧ୍ୟମର ନିଷେଧାଦେଶରେ ସୀମିତ ଥା'ନ୍ତା ତେବେ ନେପାଳ ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇ ନ ଥା'ନ୍ତେ। ନେପାଳରେ ଜେନ୍‌ଜେଡ୍‌ର ହିଂସାତ୍ମକ ଆନ୍ଦୋଳନ ପଛରେ ସାମାଜିକ ଗଣମାଧ୍ୟମ ନିଷେଧକୁ ବିରୋଧ ଏକ ବାହାନାମାତ୍ର। ଅସଲ କାରଣ ଶାସନତନ୍ତ୍ରର ଦୁର୍ନୀତି, ଭ୍ରଷ୍ଟାଚାର ଓ ସ୍ୱୈରଚାର, ଏହା ଏକ ଅପ୍ରିୟସତ୍ୟ।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସକଙ୍କୁ ଗାଦିଚ୍ୟୁତ କରିବା ପାଇଁ ଯଦି ରାଜତନ୍ତ୍ର ବ୍ୟବସ୍ଥା ଭଳି ପ୍ରଜାତନ୍ତ୍ରଙ୍କୁ ବିଦ୍ରୋହର ପଥ ଆପଣେଇବାକୁ ପଡ଼େ, ଗଣତନ୍ତ୍ର ପାଇଁ ଏହାଠାରୁ ବଳି ବିପଦ ଆଉ କ'ଣ ହୋଇପାରେ? ତେଣୁ ଇଣ୍ଡୋନେସିଆ ଓ ନେପାଳ ଘଟଣାକୁ ଆଞ୍ଚଳିକ ସମସ୍ୟା ଭାବେ ଆଦୌ ଅଣଦେଖା କରାଯାଇ ନ ପାରେ। ଗଣତନ୍ତ୍ର ହେଉ କି ରାଜତନ୍ତ୍ର ନିରଙ୍କୁଶ ଓ ନିରବଚ୍ଛିନ୍ନ କ୍ଷମତା ଯେତେବେଳେ ଜନତାନ୍ତ୍ରିକ ଓ ଜନକଲ୍ୟାଣ ବିମୁଖୀ ହୋଇଯାଏ ସେତେବେଳେ ଜନଅସନ୍ତୋଷ ଆଉ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବ ନାହିଁ, ଏହା ସାମ୍ପ୍ରତିକ ଦୃଶ୍ୟପଟ୍ଟର ସବୁଠାରୁ ବଡ଼ ସଙ୍କେତ। ସେଭଳି ଘୁଣଖିଆ ଶାସନର ଅବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାରେ ଆଗାମୀ ଦିନରେ ଛାତ୍ରସମାଜ ସାରଥି ସାଜିବେ ସେହି ଶୁଭସଙ୍କେତ ମଧ୍ୟ ମିଳୁଛି।

## ଆଧାରକୁ ସ୍ୱୀକୃତି

ଭୋଟର ତାଲିକାରେ ନାମ ସାମିଲ୍ ପାଇଁ ପ୍ରମାଣସିଦ୍ଧ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ପରିଚୟ ପତ୍ର ଭାବରେ 'ଆଧାର'କୁ ଗ୍ରହଣ କରିବା ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଭାରତୀୟ ନିର୍ବାଚନ ଆୟୋଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ବିହାରରେ ଆରମ୍ଭ ହୋଇଥିବା ସଘନ ଭୋଟର ତାଲିକା ସଂଶୋଧନରେ ଯେଉଁ ବିବାଦ, ବିତର୍କ ଓ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ତାହାର ଆପାତତଃ ସମାଧାନର ବାଟ ବାହାରିଛି। ଏଥିସହିତ ନିର୍ବାଚନ ଆୟୋଗ 'ଆଧାର'କୁ ଭୋଟର ପରିଚୟ ଭାବେ ବୈଧ ନ କରିବା ପାଇଁ ଯେଉଁ କସରତ କରିଥିଲେ ତାହା ମଧ୍ୟ ନିଷ୍ଫଳ ହୋଇଛି।

ବିହାରରେ ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ଆରମ୍ଭରୁ ବିବାଦ ଓ ବିତର୍କ ସୃଷ୍ଟି ହୋଇଥିଲା। ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏଥିପାଇଁ ନିର୍ବାଚନ ଆୟୋଗ ଭୋଟରଙ୍କଠାରୁ ଯେଉଁ ପ୍ରମାଣପତ୍ର ଲୋଡ଼ିଥିଲେ ତାହା ହିଁ ସମସ୍ୟା ସୃଷ୍ଟି କରିଥିଲା। ୧୨କୋଟି ଜନସଂଖ୍ୟା ବିଶିଷ୍ଟ ବିହାର ଭଳି ସବୁକ୍ଷେତ୍ରରେ ଏକ ପଛୁଆ ରାଜ୍ୟରେ ଭୋଟରମାନେ ମାତ୍ର ମାସକ ଭିତରେ ସେହିସବୁ ପ୍ରମାଣପତ୍ର ଯୋଗାଡ଼ କରିବା ଦୁରୁହ ବ୍ୟାପାର ଥିଲା। ସରକାରୀ ବ୍ୟବସ୍ଥାର ସବୁକ୍ଷେତ୍ରରେ 'ଆଧାର' ବାଧ୍ୟତାମୂଳକ ଓ ଅପରିହାର୍ଯ୍ୟ ଥିବାରୁ ସାମ୍ପ୍ରତିକ ଜଟିଳ ପରିସ୍ଥିତିରେ ଭୋଟର ପରିଚୟ ପାଇଁ ତାହାକୁ ସ୍ୱୀକାର କରିଥିଲେ ଆକାଶ ଛିଡ଼ି ପଡ଼ିନଥା'ନ୍ତା। କିନ୍ତୁ ନିର୍ବାଚନ ଆୟୋଗ ତାଙ୍କ ଜିଦ୍‌ରେ ଅଡ଼ି ବସିବାରୁ ଲୋକେ ତ ହଇରାଣ ହେଲେ, ସଂସଦର ମୌସୁମୀ ଅଧିବେଶନ ପ୍ରାୟତଃ ଅଚଳ ହୋଇଗଲା। ସର୍ବୋଚ୍ଚ ନ୍ୟାୟାଳୟର ବହୁମୂଲ୍ୟ ସମୟ ମଧ୍ୟ ନଷ୍ଟ ହେଲା।

'ଆଧାର'କୁ ନାଗରିକ ପ୍ରମାଣପତ୍ର ରୂପେ ଗ୍ରହଣ କରାଯିବ ନାହିଁ, ଅଥଚ ପରିଚୟପତ୍ର ରୂପେ ଗ୍ରହଣ କରିବାରେ ଅସୁବିଧା ନାହିଁ ବୋଲି ନ୍ୟାୟାଳୟଙ୍କ ରାୟ ପରେ ଏହି ସମସ୍ୟାର ଅବସାନ ଘଟିଛି। ଓଡ଼ିଆରେ ଏକ ଲୋକକଥା ଅଛି, ଯାହାର ମର୍ମାର୍ଥ ହେଉଛି - ଯାହା ଅବଧାର୍ଯ୍ୟ ତାହା ହିଁ ଶେଷରେ ହୁଏ, ଅଥଚ ତାହାକୁ ପ୍ରଥମରୁ ଅସ୍ୱୀକାର କଲେ ଅଯଥା ସମାଜର ସମ୍ମାନ ଓ ସମୟ ହାନି ହୁଏ। ନିର୍ବାଚନ ଆୟୋଗଙ୍କ ବିହାର ଭୋଟର ତାଲିକା ସଂଶୋଧନ କସରତରୁ ସେହି ଆପ୍ତବାକ୍ୟଟି ପ୍ରମାଣିତ ହେଉଛି।

# କିପରି ଧନୀ ହେବେ?

ଡ. ଅବଶ ପରିଡ଼ା

କିପରି ଧନୀ ହେବେ? ବାକ୍ୟଟି ଠିକ୍ ଚୁମ୍ବକ ପରି, ଯାହା ଆମକୁ ଆକର୍ଷଣ କରେ। ନଜର ଆପେ ଆପେ ଟାଣି ହୋଇଯାଏ। ଏଥିରେ କିଛି ମନ୍ଦ ବି ନାହିଁ। ପ୍ରାୟ ଅଧିକାଂଶ ଲୋକ ଧନୀ ଏବଂ ଏକ ସମୃଦ୍ଧ ଜୀବନ ବଞ୍ଚିବାକୁ ଇଚ୍ଛା ରଖନ୍ତି। କିଛିଦିନ ତଳେ 'ଧନୀ ହେବାର ଆକାଂକ୍ଷା' ଶୀର୍ଷକ ଏକ ସର୍ବେକ୍ଷଣରେ ପ୍ରକାଶ ପାଇଛି ଯେ ଶତକଡ଼ା ୬୫ ପ୍ରତିଶତଙ୍କ ପାଇଁ ପୂର୍ବାପେକ୍ଷା ଟଙ୍କା ଓ ସମ୍ପତ୍ତି ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ପୃଥିବୀର ସବୁ ଯାଗାରେ ସମାନ ପରିସ୍ଥିତି। ବିଶ୍ୱ ଅର୍ଥନୀତିର ତିନି-ଚତୁର୍ଥାଂଶ ପ୍ରତିନିଧିତ୍ୱ କରୁଥିବା ନିମ୍ନ ଓ ମଧ୍ୟମ ଆୟକାରୀ ଦେଶରେ ଅତ୍ୟଧିକ ଟଙ୍କା ସଞ୍ଚୟ କରିବା, ଧନୀ ହେବା ପାଇଁ ବାଟ ଖୋଜିବା ସହିତ ଏକ ସମୃଦ୍ଧ ଜୀବନକୁ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିରୁ ଭାରତୀୟମାନେ ମଧ୍ୟ ଭିନ୍ନ ନୁହନ୍ତି। ଆମମାନଙ୍କ କ୍ଷେତ୍ରରେ ଧନୀ ହେବାର, ବିଶେଷକରି କୋଟିପତି ହେବାର ଆଶା ଓ ଆକାଂକ୍ଷା ବଢ଼ୁଛି। କିନ୍ତୁ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ କୋଟିପତି ହେବା ପାଇଁ ଭାରତୀୟମାନେ ଅବୈଧ ନୁହେଁ, ବରଂ ନୈତିକ ଓ ଆଇନଗତ ଉପାୟକୁ ପସନ୍ଦ କରୁଛନ୍ତି। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ନିଜର ଅଭ୍ୟାସ ଓ ଜୀବନଶୈଳୀକୁ ମଧ୍ୟ ପରିବର୍ତ୍ତନ କରିବାକୁ ଭାରତୀୟମାନେ ଇଚ୍ଛୁକ।

ଏଠାରେ ଏକ ସାଧାରଣ ପ୍ରଶ୍ନ ଆସିପାରେ ଯେ ଧନୀ ହେବାର ଆକାଂକ୍ଷା ବଢ଼ୁଛି କାହିଁକି? ଏହି ପ୍ରଶ୍ନର ସରଳ ଉତ୍ତର ହେଉଛି କେବଳ ଭଲ ଭାବେ ବଞ୍ଚିବା ପାଇଁ ନୁହେଁ, ବରଂ ପରିବର୍ତ୍ତନ ପାଇଁ ଏହି ଆକାଂକ୍ଷାର ସୃଷ୍ଟି। ଆଧୁନିକୀକରଣର ଚାପ, ଅସରନ୍ତି ଆଶା, ଅସମାନ ଆୟ, ଉପଭୋକ୍ତାବାଦର ଅଭ୍ୟାସ ଏବଂ ବ୍ୟକ୍ତିଗତ ସ୍ୱପ୍ନ ଭଳି ଅନେକ କାରଣ ଏଥିପାଇଁ ସହାୟକ। 'ଧନୀ ହେବାର ପ୍ରକ୍ରିୟା' କିଛି ଅଛି କି? ଆପଣଙ୍କ ମନକୁ ଏ ପ୍ରଶ୍ନ ବି ଆସୁଥିବ। ହଁ, ଏହି ପ୍ରକ୍ରିୟାର ଗୋଟେ ଲମ୍ବା ତାଲିକା ଅଛି।

ପ୍ରଥମଟି ହେଉଛି, ସାଂଗଠନିକ ଓ ଗଠନମୂଳକ ପ୍ରକ୍ରିୟା। ଅନେକ ଏହାକୁ ଧନୀ ହେବାର ପ୍ରକୃତ ପଥ ବୋଲି ମତ ରଖନ୍ତି। ଶିକ୍ଷା, ଦକ୍ଷତା-ନିର୍ମାଣ, ଉଦ୍ୟୋଗିତା ସହାୟତା, ସରକାରୀ ଯୋଜନା, ଋଣ, ନିଯୁକ୍ତି, ସମ୍ପତ୍ତି ସୃଷ୍ଟି ଉପକରଣ ଯଥା ସେୟାର ବଜାର, ମ୍ୟୁଚୁଆଲ୍ ଫଣ୍ଡ, ରିଅଲ୍ ଇଷ୍ଟେଟ୍ ଓ ନିବେଶ ଇତ୍ୟାଦି ଏହାର ଉପାଦାନ। ଦ୍ୱିତୀୟଟି ହେଉଛି ଶୋଷଣମୂଳକ କିମ୍ବା ଭ୍ରମାତ୍ମକ ପ୍ରକ୍ରିୟା। ଏଥିରେ ନିଜେ ଧନୀ ହେବାକୁ ହେଲେ ଅନ୍ୟଲୋକଙ୍କୁ ବୋକା କିମ୍ବା ବିଭ୍ରାନ୍ତ କରାଯାଏ। ଠକେଇପୂର୍ଣ୍ଣ ନିବେଶ ମଡେଲ, ଯେପରିକି ଚିଟ୍‌ଫଣ୍ଡ, ମିଛ ବ୍ୟବସାୟ ଟିପ୍ସ, କ୍ରିପ୍ଟୋ ଠକେଇ, ଉଚ୍ଚ-ଦେୟ ଯୁକ୍ତପାଠ୍ୟକ୍ରମ, ଲଟେରୀ ଓ ଜୁଆ ଅର୍ଥନୀତି ଇତ୍ୟାଦି ଏଥିରେ ଅନ୍ତର୍ଭୁକ୍ତ। ଆଚରଣଗତ ପ୍ରକ୍ରିୟା ହେଉଛି ତୃତୀୟ, ଯେଉଁଥିରେ ବ୍ୟକ୍ତିର ଆଶାକୁ ପରିଚାଳନା କରାଯାଏ। ଏହି ପ୍ରକ୍ରିୟା 'ଆକାଂକ୍ଷୀ ମାର୍କେଟିଙ୍ଗ' ଉପରେ ନିର୍ଭରଶୀଳ। ଏହାର ମାନେ ହେଉଛି ବିଳାସପୂର୍ଣ୍ଣ ବିଜ୍ଞାପନ ଏବଂ ଧନୀ ହେବାର ସଫଳ କାହାଣୀକୁ ବିଶ୍ୱାସ କରିବା ପାଇଁ ଏକ ଚାପ ପ୍ରୟୋଗ କରାଯାଏ। ଆଚରଣଗତ ପ୍ରକ୍ରିୟାର ସବୁଠାରୁ ଆଧୁନିକ ଉପାଦାନ ହେଉଛି ଆପ୍ସ ଏବଂ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ନିବେଶ। ଏସବୁକୁ ଏକ ଖେଳ ଭାବରେ ଉପସ୍ଥାପନ କରାଯିବା ସହିତ ଏକ ବିପଦପୂର୍ଣ୍ଣ ଅର୍ଥନୈତିକ ଆଚରଣକୁ ପ୍ରୋତ୍ସାହିତ କରାଯାଏ। ଚତୁର୍ଥ ତଥା ଶେଷ ହେଉଛି ସାଂସ୍କୃତିକ ଓ ପ୍ରତୀକାତ୍ମକ ପ୍ରକ୍ରିୟା। ଏଥିରେ ଆକାଂକ୍ଷୀ ବର୍ଣ୍ଣନା ହୁଏ ଏବଂ ପୁସ୍ତକ, ଭିଡିଓ, ଗଣମାଧ୍ୟମ, ଜ୍ୟୋତିଷ ଓ ପାଠ୍ୟକ୍ରମ ଇତ୍ୟାଦି ଏହାର ଉପାଦାନ। ଚୁମ୍ବକରେ କହିବାକୁ ଗଲେ ଧନୀ ହେବାର ପ୍ରକ୍ରିୟାରେ ବୈଧ ଅର୍ଥନୈତିକ ଉପଦେଶଠାରୁ ଆରମ୍ଭ କରି ପ୍ରତୀକାତ୍ମକ ଓ ଶୋଷଣମୂଳକ ରଣନୀତି ପରିସରଭୁକ୍ତ। ଲୋକମାନେ ଏଠି ଦୁଇପ୍ରକାରରେ ବ୍ୟବହାର କରନ୍ତି। ଯଥା ଧନୀ ହେବାର ସ୍ୱପ୍ନ ଆଡ଼କୁ ଅଗ୍ରସର ହୁଅନ୍ତି କିମ୍ବା କେତେକ ସମୟରେ ଭ୍ରମିତ ମଧ୍ୟ ହୁଅନ୍ତି।

'କିପରି ଧନୀ ହେବେ' କେବଳ ଏକ ବାକ୍ୟ ନୁହେଁ ଏହା ଏକ ଶିଳ୍ପ, ଏକ ବିଶାଳ ଅର୍ଥନୀତି। ଲୋକଙ୍କ ଆକାଂକ୍ଷା ଉପରେ ନିର୍ମିତ ଏକ ମେଟା-ମାର୍କେଟ। ଆମେ ଯେଉଁ ସମାଜରେ ରହୁଛେ, ସେଠାରେ ଉଭୟ ବସ୍ତୁବାଦୀ ଓ ବ୍ୟକ୍ତିଗତ ସଫଳତାକୁ ପ୍ରାଥମିକତା ଦିଆଯାଏ। ସମାଜବିଜ୍ଞାନୀ ମ୍ୟାକ୍ସ ୱେବରଙ୍କ ପ୍ରୋଟେଷ୍ଟାଣ୍ଟ ନୀତି ଏଠି ଖୁବ ପ୍ରାସଙ୍ଗିକ। ୱେବରଙ୍କ ମତରେ ଧନ ହେଉଛି ଶୃଙ୍ଖଳା, ପ୍ରୟାସ ଓ ଭାଗ୍ୟର ଏକ ନୈତିକ ଚିହ୍ନ। ଧନ ଓ ସମ୍ପତ୍ତି ଆମ ନିମନ୍ତେ କେବଳ ବଞ୍ଚିବାର ଏକ ମାଧ୍ୟମ ନୁହେଁ, ବରଂ ସାମାଜିକ ସ୍ଥିତି, ସ୍ୱାଧୀନତା ଏବଂ ଆତ୍ମମୂଲ୍ୟର ପ୍ରତୀକ। କହିବାକୁ ଗଲେ 'ଧନୀ ହେବି' ଏକ ସାଂସ୍କୃତିକ ଆବେଗ। ତେଣୁ ଏହି ଆବେଗକୁ ନେଇ ବେପାର ହେବା ମଧ୍ୟ ସ୍ୱାଭାବିକ। ପୁସ୍ତକ, ଟକ୍ ଶୋ, ପାଠ୍ୟକ୍ରମ ଓ ଜ୍ୟୋତିଷଶାସ୍ତ୍ର ଦ୍ୱାରା ଏକ ବଜାର ସୃଷ୍ଟି ହୁଏ। ପ୍ରତିବଦଳରେ ବଜାର ଦିଏ ଆର୍ଥିକ ସମୃଦ୍ଧିର ପଥ ଓ ସମାଧାନର ପ୍ରତିଶ୍ରୁତି। ଏହା ସତ ଯେ ବ୍ୟକ୍ତିର ଆଶାକୁ ବ୍ୟବସାୟରେ ପରିବର୍ତ୍ତନ କରୁଛନ୍ତି କିଛି ପୁସ୍ତକ ପ୍ରକାଶକ, ପ୍ରେରଣାଦାୟକ ବକ୍ତା ଓ ଗଣମାଧ୍ୟମ। ଏକ ସ୍ୱୟଂ-ସହାୟକ ପୁସ୍ତକ କିମ୍ବା ଏକ ୟୁଟ୍ୟୁବ୍ ସେମିନାରରେ କେବଳ ଶବ୍ଦ ବା ଭାଷଣ ବିକ୍ରି ହୁଏ ନାହିଁ। ବରଂ ପରିବର୍ତ୍ତନର ସମ୍ଭାବନାକୁ ବିକ୍ରୟ କରାଯାଉଛି। ପିଏରେ ବୋର୍ଡିୟୁଙ୍କ 'ସାଂସ୍କୃତିକ ପୁଞ୍ଜି' ବା କଲଚରାଲ୍ କ୍ୟାପିଟାଲ୍‌ର ଧାରଣା ଏଠାରେ ପ୍ରଯୁଜ୍ୟ।

ଯେତେବେଳେ 'ସଫଳତା'ର ଭାଷା ଏକ ପ୍ରତୀକାତ୍ମକ ପୁଞ୍ଜି ହୋଇଯାଏ ସେତେବେଳେ ଗ୍ରାହକମାନେ ଏହାକୁ ଅର୍ଥନୈତିକ ପୁଞ୍ଜିରେ ରୂପାନ୍ତରିତ କରିବା ଆଶାରେ କିଣନ୍ତି। ଉଦାହରଣ ସ୍ୱରୂପ, 'ରିଚ୍ ଡ୍ୟାଡ୍ ପୋର ଡ୍ୟାଡ୍' କିମ୍ବା 'ଥିଙ୍କ୍ ଆଣ୍ଡ ଗ୍ରୋ ରିଚ୍' ଭଳି ପୁସ୍ତକ ସାରା ବିଶ୍ୱରେ କୋଟିକୋଟି ସଂଖ୍ୟାରେ ବିକ୍ରି ହୋଇସାରିଛି। ପ୍ରତିଦିନ ଏହାର ବହୁଭାଷୀ ନକଲ ମଧ୍ୟ ବଜାରକୁ ଆସୁଛି। ଏକ ଆକଳନ ଅନୁଯାୟୀ, ୨୦୨୪ ମସିହାରେ ବିଶ୍ୱ ସ୍ୱୟଂ ସହାୟକ ଶିଳ୍ପର ମୂଲ୍ୟ ପ୍ରାୟ ଚାରିଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା, ଯେଉଁଥିରେ ବ୍ୟକ୍ତିତ୍ୱ ବିକାଶ, ସଫଳତା, ସ୍ୱୟଂ-ସହାୟକ ପୁସ୍ତକ, ପ୍ରଶିକ୍ଷଣ, ପାଠ୍ୟକ୍ରମ ଏବଂ ପ୍ରେରଣାଦାୟକ ଭାଷଣ ଅନ୍ତର୍ଭୁକ୍ତ। ଆଗାମୀ ପାଞ୍ଚ ବର୍ଷରେ ଏହି ଅର୍ଥନୀତି ୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯିବ।

ଏଠାରେ ଦୁଇଟି କଥା ଆଲୋଚନା କରିବା। ଉଭୟ ଆର୍ଲି ହଚସଚିଲ୍ଡଙ୍କ ଭାବପ୍ରବଣ ଶ୍ରମ(ଇମୋସନାଲ୍ ଲେବର) ଏବଂ ଇଭା ଇଲୁଜଙ୍କ ଭାବପ୍ରବଣ ପୁଞ୍ଜିବାଦ(ଇମୋସନାଲ୍ କ୍ୟାପିଟାଲିଜିମ୍) ବ୍ୟାଖ୍ୟା କରେ ଯେ ଧନୀ ହେବାର ବିଷୟବସ୍ତୁ ଆଶା, ଆତ୍ମବିଶ୍ୱାସ ଏବଂ ସମ୍ପର୍କ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି। ତେଣୁ ଏହାକୁ ପାଥେୟ କରି ଇଭେଣ୍ଟ ଏବଂ ଟକ୍ ଶୋ' ଆମ ସାମୂହିକ ଭାବନାକୁ ପରିଚାଳନା କରୁଛନ୍ତି। ଉଦାହରଣ ସ୍ୱରୂପ, ଦର୍ଶକଙ୍କ କରତାଳି, ସାକ୍ଷ୍ୟ, 'ପୂର୍ବ-ପର' କାହାଣୀ ଓ ପରାମର୍ଶର ପ୍ରଭାବ ହେଉଛି ପୁନରାବୃତ୍ତି-କ୍ରୟ କରିବାର ଏକ ଫାଶ। ଏଠି ଜାଣି ରଖନ୍ତୁ ଯେ ଧନ ରୋଜଗାର ଓ ଯୋଜନା ପାଇଁ ହେଉଥିବା ପ୍ରେରଣାଦାୟକ ଭାଷଣର ବଜାର ଅତ୍ୟନ୍ତ ଲାଭଦାୟକ, କୋଡ଼ିଏ ହଜାର କୋଟି ଟଙ୍କାର ବେପାର।

ପୃଥିବୀର ଅଧାରୁ ଅଧିକ ଯୁବବର୍ଗଙ୍କ ଚିନ୍ତା ହେଉଛି ବେକାରୀ ସମସ୍ୟା ଓ ଅନିଶ୍ଚିତ ଚାକିରି। ତେଣୁ ଯେତେବେଳେ ସଂରଚନିକ ବ୍ୟବସ୍ଥା ଏହି ସମସ୍ୟାର ସମାଧାନ ଯୋଗେଇପାରୁନାହିଁ ସେତେବେଳେ ଏହାର ସମାଧାନ ପାଇଁ ବ୍ୟକ୍ତିଗତକୃତ 'ମହାଜାଗତିକ ସମାଧାନ' ଆଡ଼କୁ ଯୁବବର୍ଗ ମୁହାଁଉଛନ୍ତି। ଏହାର ଅର୍ଥ ହେଉଛି, ଜ୍ୟୋତିଷଶାସ୍ତ୍ର, ସଂଖ୍ୟା ବିଜ୍ଞାନ, 'ଭାଗ୍ୟ-ଆଧାରିତ' ଧନ ପରାମର୍ଶ। ସାମାଜିକ ବ୍ୟବସ୍ଥା ଯେବେ ସ୍ଥିରତା ପ୍ରଦାନ କରିବାରେ ବିଫଳ ହୁଏ, ସେସମୟରେ ଲୋକମାନେ ଅର୍ଥ ପାଇଁ କୌଣସି ଏକ ପ୍ରତୀକାତ୍ମକ ପ୍ରଣାଳୀ ଉପରେ ଆସ୍ଥା ରଖନ୍ତି। ସମ୍ଭବତଃ, ସେଇଥିପାଇଁ ସାମଗ୍ରିକ ଜ୍ୟୋତିଷ ବଜାର ଯେମିତିକି ପାଠ, ଆପ୍ସ, ରହସ୍ୟମୟ ସେବା ଇତ୍ୟାଦିର ବଜାର ମୂଲ୍ୟ ପ୍ରାୟ ୯୫ ହଜାର କୋଟି ଟଙ୍କା ବୋଲି ଆକଳନ କରାଯାଇଛି।

ବିଶ୍ୱରେ ଏମିତି ଗୋଟିଏ ମାତ୍ର ବ୍ୟବସାୟ ଯାହା କେବେ ଭାଙ୍ଗିବ ନାହିଁ ତାହା ହେଉଛି ଲୋକଙ୍କୁ ଶିଖାଇବା ଯେ ସେମାନେ କିପରି ଭାଙ୍ଗି ନ ପଡ଼ିବେ। ଏହା ମଜାକଥା ନୁହେଁ। ଉଦାହରଣ ହେଉଛି ଯେ ସର୍ବାଧିକ ବିକ୍ରି ହେଉଥିବା ପୁସ୍ତକର ଲେଖକଙ୍କଠାରୁ ଆରମ୍ଭ କରି ୟୁଟ୍ୟୁବ୍ ଗୁରୁ ପର୍ଯ୍ୟନ୍ତ, ସମସ୍ତେ ଧନୀ ହେବାର ରହସ୍ୟ ଜାଣନ୍ତି। କିନ୍ତୁ ସେ ବହି କିଣୁଥିବା ଲୋକ କିମ୍ବା ଭିଡିଓକୁ ରାତି ଅନିଦ୍ରା ହୋଇ ଦେଖୁଥିବା ଲୋକ ଧନୀ ହେବାର ଫର୍ମୁଲା କେବେବି ଜାଣିପାରେନାହିଁ। ଏଇ ଯେମିତି ଜ୍ୟୋତିଷ ଆପ୍ସ। ପ୍ରତିଶ୍ରୁତି, ମିଳେ ଯେ ଶୁକ୍ର ଆସନ୍ତା ଚନ୍ଦ୍ର ଗ୍ରହଣ ପରେ ଆପଣଙ୍କୁ କୋଟିପତି କରିବ। ପରବର୍ତ୍ତୀ ସୂଚନା ଆସେ କି ଅଧିକ ପ୍ରିମିୟମ୍ ଭବିଷ୍ୟବାଣୀ ପ୍ୟାକ୍ ପାଇଁ ୯୯୯ ଟଙ୍କା ପୈଠ କରନ୍ତୁ। ତେଣୁ ଏଠାରେ ପରାମର୍ଶ ରହିବ ଯେ ଯଦି ଆପଣ ପ୍ରକୃତରେ ଧନୀ ହେବାକୁ ଚାହାନ୍ତି, ତେବେ କେବଳ ସୂତ୍ର ଅନୁସରଣ କରନ୍ତୁ ନାହିଁ। ଏହାକୁ ଲେଖନ୍ତୁ, ପ୍ରକାଶ କରନ୍ତୁ, ପ୍ରୟୋଗ କରନ୍ତୁ ଏବଂ ନିଜ ପ୍ରତିଭା ଓ ଦକ୍ଷତାକୁ ବିକ୍ରୟ କରନ୍ତୁ। କାରଣ ଏହି ସ୍ୱପ୍ନର ବଜାରରେ ବିକ୍ରେତାମାନେ ସର୍ବଦା କ୍ରେତାଙ୍କ ଅପେକ୍ଷା ଅଧିକ ଧନୀ ହୁଅନ୍ତି।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ରୋଷେଇ ଘରର ସ୍ୱାସ୍ଥ୍ୟ ଚିନ୍ତା

ବିଚିତ୍ର ବିଶ୍ୱାଳ

'ଏଇଟି ଆମର ରୋଷେଇ ଘର, ଏ ଘର ଭିତର ସଫାସୁତର / ଏଇଠାରେ ମା' ପରିବା କାଟେ, ବେସର ବାଟେ, ଜାଇ ରଗଡ଼େ, ଶାଗ ଖରଡ଼େ / ଗଡ଼ଇ ପିଠା, ଆରିସା କାକରା ଆହା କି ମିଠା।' ରୋଷେଇ ଘର ବିଷୟରେ ଶୈଶବରେ ପଢ଼ିଥିବା ଏହି ଗୀତଟି ଏବେ ବି ଅନେକଙ୍କ ସ୍ମୃତିରେ ତାଜା ହୋଇ ଥିବ ନିଶ୍ଚୟ। ଇଞ୍ଜିନ୍ ଯେମିତି ଗାଡ଼ିଟିକୁ ଟାଣିଥାଏ, ସେମିତି ରୋଷେଇ ଘର ହିଁ ଘରର ଇଞ୍ଜିନ୍ ଭାବେ କାମ କରିଥାଏ। ଆମ ସଂସ୍କୃତିରେ ରୋଷେଇ ଘରକୁ ଏକ ପବିତ୍ର ସ୍ଥାନ ଭାବେ ବିବେଚନା କରାଯାଏ। ଅପରିଷ୍କାର ହାତ ଓ ଗୋଡ଼ ନେଇ ରୋଷଇ ଘରକୁ ଯିବା ମନା। ଯଦିଓ ଏହାର ବୈଜ୍ଞାନିକ କାରଣ ବି ରହିଛି, କିନ୍ତୁ ଏହାକୁ ସଂସ୍କୃତି ସହିତ ଯୋଡ଼ି ଦିଆଯାଇ ଚଳଣିର ଏକ ଅଭିନ୍ନ ଅଂଶରେ ପରିଣତ କରିଦିଆଯାଇଛି।

ଆଦିବାସୀ ସମାଜରେ ମଧ୍ୟ ରୋଷେଇ ଘରର ଏକ ମହତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଚକୋଟିଆ- ଭୁଞ୍ଜିଆ ଆଦିବାସୀ ସଂପ୍ରଦାୟର ରୋଷେଇ ଘରକୁ 'ଲାଲ୍ ବଙ୍ଗଳା' କୁହାଯାଏ। ନିଜ ପରିବାର ଲୋକଙ୍କ ବ୍ୟତୀତ ବାହାର ଲୋକ ତାଙ୍କ ରୋଷେଇ ଘରକୁ ଛୁଇଁବା ମନା। ସେମାନଙ୍କ ବିଶ୍ୱାସ ଅନୁସାରେ 'ଲାଲ୍ ବଙ୍ଗଳା'ରେ ସେମାନଙ୍କ ଦେବାଦେବୀ ଅବସ୍ଥାନ କରିଥା'ନ୍ତି। ଆମ ଓଡ଼ିଆ ପରମ୍ପରା ଓ ବିଶ୍ୱାସ ଅନୁସାରେ ରୋଷେଇ ଘରେ ବା ଭିତର ଘରେ 'ଦେଇପିଣ୍ଡି' ଅବସ୍ଥାନ କରିଥା'ନ୍ତି, ଯାହାଙ୍କୁ ପୂଜା କରାଯାଏ। ଆମ ଦେଶରେ ରୋଷେଇ ଘରର ପବିତ୍ରତା ବିଷୟ ବଖାଣିଲେ ଅନେକ ହେବ। ଏତଦ୍‌ବ୍ୟତୀତ ଛୋଟରୁ ବଡ଼ ଯାଏଁ ସମସ୍ତଙ୍କ ମନ ଥାଏ ରୋଷେଇ ଘରେ। ଆଜି କ'ଣ ରୋଷେଇ ହେଉଛି ଓ କ'ଣ ଖାଇବାକୁ ମିଳିବ! ଏହି ଦୃଷ୍ଟିରୁ ରୋଷେଇ ଘରର ଗୁରୁତ୍ୱ ଯଥେଷ୍ଟ ଅଧିକ।

ଆଜିକାଲି ରୋଷେଇ ଘରର ପରିଚୟ ଦ୍ରୁତଗତିରେ ବଦଳିବାରେ ଲାଗିଛି। ଆଜିକାଲି ଆମେ ଶରୀରରେ ବହନ କରୁଥିବା ପ୍ରାୟ ସମସ୍ତ ରୋଗର କାରଣ ଖାଦ୍ୟ ବୋଲି ଡାକ୍ତରମାନେ ମତ ଦେଉଛନ୍ତି। ସେହି ଖାଦ୍ୟ ପ୍ରସ୍ତୁତ ହେଉଛି ଆମ ରୋଷେଇ ଘରେ। ଆଜିକାଲି ଆମେ ବ୍ୟବହାର କରୁଥିବା ଖାଦ୍ୟ ସାମଗ୍ରୀ ସବୁ, ତାହା ପ୍ୟାକେଟ୍ ଖାଦ୍ୟ ସାମଗ୍ରୀ ହେଉ କି ପନିପରିବା ହେଉ, ସବୁଥିରେ ପ୍ରଚୁର ପରିମାଣର କୀଟନାଶକର ଅବଶିଷ୍ଟାଂଶର ଉପସ୍ଥିତି ରହୁଛି, ଯାହା ମଣିଷର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମ ରୋଷେଇ ଘରକୁ ଏହି ସବୁ ପନିପରିବା ଓ ଫଳ ଖାଦ୍ୟ ଭାବେ ତ ଆସୁଛି, କିନ୍ତୁ ଅସଲରେ ଏହା ବିଷ ଭାବେ ଆମର ଓ ଆମ ପିଲାମାନଙ୍କର ପେଟକୁ ଯାଉଛି।

ଆମ ଦେଶରେ ଏହିପରି ବିଷାକ୍ତ କୀଟନାଶକର ବ୍ୟବହାର ୧୯୭୦ ମସିହା ସବୁଜ ବିପ୍ଳବ ପରଠାରୁ ବହୁଳ ଭାବେ ବୃଦ୍ଧି ପାଇଛି। ୧୯୯୯-୨୦୦୦ରେ ଆମ ଦେଶରେ କୃଷିକ୍ଷେତ୍ରରେ ୪୬.୨୦ ହଜାର ଟନ୍ କୀଟନାଶକର ବ୍ୟବହାର ହେଉଥିବା ବେଳେ ୨୦୨୨-୨୩ରେ ଏହା ୫୨୪୬୬.୪୫ ଟନରେ ପହଞ୍ଚିଛି। ୨୦୨୪ରେ ଆମ ଦେଶରେ କୀଟନାଶକ ବଜାରର ପରିମାଣ ହେଉଛି ୨୬ ହଜାର କୋଟି ଟଙ୍କା। ଆମ ରୋଷେଇ ଘରକୁ ବଜାରରୁ ଆସୁଥିବା ସମସ୍ତ ପନିପରିବାରେ ଯଥେଷ୍ଟ ପରିମାଣର ବିଷ ଭରିରହିଛି। ଯାହାକୁ ଆମେ ପ୍ରତ୍ୟେକ ଦିନ ଖାଦ୍ୟ ଭାବେ ଖାଉଛନ୍ତି। ଏହିସବୁ ବିଷର ପ୍ରଭାବ ଯୋଗୁଁ ସଂପ୍ରତି କ୍ୟାନ୍ସର, ଉଚ୍ଚ ରକ୍ତଚାପ, ମଧୁମେହ, ହୃଦଘାତ ଓ ସ୍ନାୟବିକ ରୋଗର ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲୁଛି।

ଫସଲରେ ବ୍ୟବହାର ହେଉଥିବା କୀଟନାଶକର ସର୍ବାଧିକ ପ୍ରଭାବ ଶିଶୁ ଓ ଗର୍ଭବତୀଙ୍କ ଉପରେ ପଡ଼ିଥାଏ। ତେଣୁ ଏହି ସବୁ ବିଷ କେବଳ ଯେ ବର୍ତ୍ତମାନ ପିଢ଼ିକୁ ରୋଗଗ୍ରସ୍ତ କରୁଛି ତାହା ନୁହେଁ, ଭବିଷ୍ୟତ ପିଢ଼ିକୁ ମଧ୍ୟ ରୋଗୀଣା କରୁଛି। ଏହାସହିତ ଆଜିକାଲି ବଜାର ଦ୍ୱାରା ବହୁଳ ଭାବେ ପ୍ରଭାବିତ ହୋଇଥିବା ଆମ ରୋଷେଇ ଶୈଳୀ ବି ଆମ ଶରୀରରେ ରୋଗ ସୃଷ୍ଟି କରିବାର ଅନ୍ୟ ଏକ କାରଣ ସାଜିଛି। ପୂର୍ବ ଲୋକମାନେ ଯେଉଁଭଳି ଭାବେ ରୋଷେଇ କରୁଥିଲେ, ସଂପ୍ରତି ସେଥିରେ ବହୁତ ପରିବର୍ତ୍ତନ ଆସିଛି। ଆଜିକାଲି ରୋଷେଇରେ ତେଲ, ଚିକ୍କଣ ମଇଦା, ପଲିସ୍ ଚାଉଳ ଆଦିର ପରିମାଣ ବହୁତ ବଢ଼ିଛି, ଯାହା ଆମ ଶରୀରରେ କୋଲେଷ୍ଟ୍ରଲ ଓ ଶର୍କରା ବଢ଼ିବାର ଅନ୍ୟତମ କାରଣ। ସଂପ୍ରତି ଏମିତି ପରିବାର ନ ଥିବ, ଯେଉଁଠି ଲୋକଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ କିମ୍ବା କୋଲେଷ୍ଟ୍ରଲ ହୋଇନଥିବ। ଏହିସବୁ ରୋଗର ମୂଳ କାରଣ ହେଉଛି ଆମେ ଖାଉଥିବା ଖାଦ୍ୟ।

ସମୟ ଥିଲା, ଜନସଂଖ୍ୟାର ଅଧିକ ଭାଗ ଲୋକ ଭୂତାଣୁ ଜନିତ ରୋଗର ଶିକାର ହେଉଥିଲେ। ଆଜି ଜନସଂଖ୍ୟାର ଅଧାରୁ ଅଧିକ ଭାଗ ଲୋକ ଜୀବନଶୈଳୀ ଜନିତ ରୋଗରେ ଆକ୍ରାନ୍ତ। ଏହି ରୋଗ ମୁଖ୍ୟତଃ ଅନୁପଯୋଗୀ ବିଷାକ୍ତ ଖାଦ୍ୟ ଖାଇବା ଯୋଗୁଁ ହିଁ ହେଉଛି, ଯାହା ରୋଷେଇ ଘର ବାଟ ଦେଇ ଆମ ଶରୀରକୁ ଆସୁଛି। ତେଣୁ ସଂପ୍ରତି ସ୍ୱାସ୍ଥ୍ୟକର ଜୀବନ ବଞ୍ଚିବା ପାଇଁ ପ୍ରଥମେ ଆମ ରୋଷେଇ ଘରକୁ ବିଷାକ୍ତ ଖାଦ୍ୟ ଆଣିବା ବନ୍ଦ କରିବାକୁ ହେବ। ରୋଷେଇ ଘର ବିଷମୁକ୍ତ ରହିଲେ ଆମ ଶରୀର ବି ରୋଗମୁକ୍ତ ରହିବ। ଏଥିପାଇଁ ଆମ ଚାଷବାସ ବ୍ୟବସ୍ଥାକୁ ଜୈବିକ କରିବା ସହିତ ପ୍ରକ୍ରିୟାକୃତ ପ୍ୟାକେଟ୍ ଖାଦ୍ୟକୁ ଆମ ରୋଷେଇଘରୁ ବାହାର କରିବାକୁ ହେବ।

ତିରଣ(ଜଗତସିଂହପୁର),
ମୋ: ୯୪୩୮୪୬୮୪୭୪

# ରାଘବ ଦାସ ମଠ ଓ ଅନବସର ନୀତି

ସ୍ୱପ୍ନେଶ୍ୱର

### ଲୋକକଥାରେ ଲୋକଦେବତା

ମହାରାଜା ଚୋଳଗଙ୍ଗ ଦେବ ଉତ୍କଳର ସିଂହାସନ ଆରୋହଣ କଲା ପରେ ତାଙ୍କର ହୃଦ୍‌ବୋଧ ହେଲା ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ଉତ୍କଳୀୟମାନଙ୍କର ପ୍ରାଣର ପ୍ରାଣ। ହିନ୍ଦୁ, ବୌଦ୍ଧ ଓ ଆଦିବାସୀ ନିର୍ବିଶେଷରେ ସମସ୍ତ ପ୍ରଜା ତାଙ୍କୁ ନିଜର ଇଷ୍ଟ ରୂପେ ଆରାଧନା କରୁଥିଲେ। ଶାସକ ଓ ଶାସିତଙ୍କ ଧର୍ମ ଭିତରେ ସମନ୍ୱୟ ଏକ ଜରୁରୀ ପ୍ରଶାସନିକ ଆବଶ୍ୟକତା ବୋଲି ରାଜାଙ୍କୁ ଜଣା ଥିଲା। ତେଣୁ ସେ ବିଷ୍ଣୁ ଜଗନ୍ନାଥଙ୍କୁ ନିଜର ଇଷ୍ଟରୂପେ ଗ୍ରହଣ କଲେ। ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ର ଯାତ୍ରା କଲେ। ମନ୍ଦିର ଭିତରକୁ ତାଙ୍କର ପ୍ରଥମ ପ୍ରବେଶରେ ସେ ଯଯାତି କେଶରୀଙ୍କ ଦ୍ୱାରା ନିର୍ମିତ ୩୮ ହାତ ମାପର ମନ୍ଦିରର ଭଗ୍ନାବସ୍ଥା ଦେଖି ମର୍ମାହତ ହେଲେ। ମହାପ୍ରଭୁଙ୍କ ମହିମା ଓ ମାହାତ୍ମ୍ୟ ଅନୁରୂପ ଏକ ମନ୍ଦିର ନିର୍ମାଣ କରିବା ପାଇଁ ସଂକଳ୍ପ ନେଲେ।

ମନ୍ଦିର ନିର୍ମାଣର ଦାୟିତ୍ୱ ରାଜା ସେ ସମୟର ବିଖ୍ୟାତ ଶିଳ୍ପାଚାର୍ଯ୍ୟ ହଳଧର ବ୍ରହ୍ମାଙ୍କ ହାତରେ ନ୍ୟସ୍ତ କଲେ। ଓଡ଼ିଶାର ଅଭ୍ୟନ୍ତର ପ୍ରଦେଶରୁ ପଥରସବୁ ଚାପ-ଡଙ୍ଗାରେ ଲଦା ହୋଇ ମହାନଦୀ ଓ ତା'ର ଶାଖା ନଦୀ ଦେଇ ଶ୍ରୀକ୍ଷେତ୍ର ଆସିବା ପରେ ସ୍ୱତନ୍ତ୍ର ଶଗଡ଼ରେ ଲଦା ହୋଇ ନୀଳାଚଳ ପର୍ବତର ପାଦ ଦେଶରେ ପହଞ୍ଚିଲା। ଯୋଜନା ହେଲା ଯେ ପର୍ବତର ପାଦଦେଶରୁ ଶିଖର ପର୍ଯ୍ୟନ୍ତ ଚାର(କାଠ ଓ ଶକ୍ତ କାଠ ପଟାର ଗଡ଼ା) ବନ୍ଧା ଯିବ। କିନ୍ତୁ ମହାରଣାମାନେ ଯେତେ ଚେଷ୍ଟା କଲେ ମଧ୍ୟ ଚାର ଗଡ଼ାଯାଇ ପାରିଲା ନାହିଁ।

ଚାର ଗଣେଶଙ୍କ ମନ୍ଦିର ନିକଟରେ ଗୋପୀନାଥ ମନ୍ଦିର ଥିଲା। ମହାପ୍ରଭୁଙ୍କର ପରମ ଭକ୍ତ ପରମ ବୈଷ୍ଣବ ଗୁରୁ ରାଘବ ଦାସ ନିକଟସ୍ଥ ଏକ ଆଶ୍ରମରେ ଅବସ୍ଥାନ କରି ଗୋପୀନାଥଙ୍କୁ ଆରାଧନା କରୁଥିଲେ। କ୍ଷେତ୍ରବାସୀ ତାଙ୍କୁ ଗୁରୁ ମାନ୍ୟ କରୁଥିଲେ ଏବଂ ଯେକୌଣସି ସମସ୍ୟାର ସମାଧାନ ପାଇଁ ପରାମର୍ଶ ଲୋଡୁଥିଲେ। ଚାର ବାନ୍ଧିବାରେ ବାରମ୍ବାର ଅସଫଳ ହୋଇ ଶିଳ୍ପାଚାର୍ଯ୍ୟ ବ୍ରହ୍ମା ରାଘବ ଦାସଙ୍କ ପାଖକୁ ଯାଇ ପରାମର୍ଶ ଲୋଡ଼ିଲେ। ରାଘବ ଦାସ କିଛିସମୟ ଧ୍ୟାନସ୍ଥ ହେଲେ ଏବଂ ମହାପ୍ରଭୁ ସହୁଥିବା ଯନ୍ତ୍ରଣା କଥା ଦେଖି ଶିଶୁପରି କାନ୍ଦିବାକୁ ଲାଗିଲେ। କିଛି ସମୟପରେ ସେ ପ୍ରକୃତିସ୍ଥ ହେଲେ ଏବଂ କହିଲେ, 'ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ଅନବସର ଘରେ ଚିକିତ୍ସିତ ହେଉଛନ୍ତି। ତୁମର ଚାର ନିର୍ମାଣ ସମୟର କଠୋର ଶବ୍ଦ ଓ ଶ୍ରମିକମାନଙ୍କର ଚିତ୍କାର ମହାପ୍ରଭୁଙ୍କ ରୋଗଯନ୍ତ୍ରଣାକୁ ବହୁଗୁଣିତ କରୁଛି। ତେଣୁ ପ୍ରତିଦିନ ଚନ୍ଦନ ଘୋରି ନେଇ ଅନବସର ଘରେ ଦେବା ପରେ ସ୍ୱର୍ଗବୈଦ୍ୟ ଧନ୍ୱନ୍ତରୀ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରୁଛନ୍ତି। ମହାପ୍ରଭୁଙ୍କ ଅନବସର ଶେଷ ପର୍ଯ୍ୟନ୍ତ ତୁମର ଚାର ବନ୍ଧା କାମ ସ୍ଥଗିତ ରଖିବା ପାଇଁ ମୁଁ ପରାମର୍ଶ ଦେବି।'

ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଜ୍ୱରାକ୍ରାନ୍ତ ହେଉଥିବା କଥା ଶିଳ୍ପାଚାର୍ଯ୍ୟ ସହଜରେ ଗ୍ରହଣ କରିପାରିଲେ ନାହିଁ। ଏହି ସମୟରେ ରାଜଗୁରୁ ଶୈବ ବାସୁଦେବ ରଥ ସେଠାରେ ପହଞ୍ଚିଲେ। ସେ ମଧ୍ୟ ରାଘବ ଦାସଙ୍କ କଥାରେ ବିଶ୍ୱାସ କରିପାରିଲେ ନାହିଁ। ତେଣୁ ପ୍ରମାଣ ଦେବା ପାଇଁ ରାଘବ ଦାସ ଶିଳ୍ପାଚାର୍ଯ୍ୟ ବ୍ରହ୍ମା ଓ ରାଜଗୁରୁ ବାସୁଦେବଙ୍କୁ ନେଇ ମେରଦା ନୃସିଂହଙ୍କ ପାଖରେ ଥିବା ସେତେବେଳର ଅନବସର ଘର ପାଖରେ ପହଞ୍ଚିଲେ। ଧନ୍ୱନ୍ତରୀ ମହାପ୍ରଭୁଙ୍କ ଚିକିତ୍ସା ପରେ ମୁକ୍ତେଶ୍ୱର ମନ୍ଦିର ପଟୁ ବାହାରି ଆସିଲେ। ସେ ଶିଳ୍ପାଚାର୍ଯ୍ୟ ଓ ରାଜଗୁରୁଙ୍କ ସନ୍ଦେହ ଦୂର କରିବା ପାଇଁ କହିଲେ, 'ଆପଣମାନେ ପରମଭକ୍ତ ରାଘବ ଦାସଙ୍କୁ ପରୀକ୍ଷା କରିବା ପାଇଁ ଆସି ମହାପ୍ରଭୁଙ୍କୁ ପରୀକ୍ଷା କରିବାର ଅପରାଧ କରିଛନ୍ତି। ଚାର ଗଡ଼ାହେବା ଦିନଠାରୁ ନିର୍ମାଣର ଶବ୍ଦ ଯୋଗୁଁ ମହାପ୍ରଭୁଙ୍କର ରୋଗଯନ୍ତ୍ରଣା ବହୁଗୁଣିତ ହୋଇଯାଇଛି। ରାଘବ ଦାସଙ୍କ ପ୍ରଦତ୍ତ ଚନ୍ଦନ କିଛି ପରିମାଣରେ ଠାକୁରଙ୍କ ଯନ୍ତ୍ରଣା ଉପଶମ କରିବାରେ ସହାୟକ ହୋଇଛି। ଅନବସର ସମୟରେ କୌଣସି ଶବ୍ଦ ଶାସ୍ତ୍ରର ବିରୁଦ୍ଧାଚରଣ କରେ।' ଏତିକି କହି ସ୍ୱର୍ଗବୈଦ୍ୟ ଅନ୍ତର୍ଦ୍ଧାନ ହୋଇଗଲେ। ବ୍ରହ୍ମା ଓ ରଥ ରାଘବ ଦାସଙ୍କୁ କ୍ଷମା ପ୍ରାର୍ଥନା କଲେ। ଚାର ଗଢ଼ିବା କାମ ଅନବସର ଶେଷ ହେବା ପର୍ଯ୍ୟନ୍ତ ସ୍ଥଗିତ ରହିଲା।

ରାଜାଙ୍କ ଅନୁରୋଧରେ ରାଘବ ଦାସ ଅନବସର ବେଳେ ପାଳନ କରାଯିବାକୁ ଥିବା ନିୟମ ପ୍ରଣୟନ କଲେ। ଅନବସର ଘରେ ବାର୍ତ୍ତାଳାପ, ବାଦ୍ୟ, ଘଣ୍ଟ, ଘଣ୍ଟା, ନୃତ୍ୟ, ସଙ୍ଗୀତ, ମନ୍ତ୍ର ଉଚ୍ଚାରଣ ଆଦି ହେବ ନାହିଁ। ରଙ୍ଗୀନ ଫୁଲ ଲାଗି କରାଯିବ ନାହିଁ କି ପୁରାଣଶାସ୍ତ୍ର ପଢ଼ାଯିବ ନାହିଁ। ଗନ୍ଧ ଦ୍ରବ୍ୟ ଓ ରନ୍ଧା ଦ୍ରବ୍ୟ ସମର୍ପଣ ହେବ ନାହିଁ। ରାଘବ ଦାସ ରହୁଥିବା ଆଶ୍ରମର ନାମ ପରବର୍ତ୍ତୀ କାଳରେ ରାଘବ ଦାସ ମଠ ନାମରେ ଖ୍ୟାତି ଲାଭ କଲା। ଏହି ମଠ ଆଜିପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।


## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୨୫ ● ପାଉଣ୍ଡ ୧୧୯.୦୮
- ୟୁରୋ ୧୦୩.୬୪ ● ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୦୧,୧୦୦ (ନୂଆଦିଲ୍ଲୀ)
- ରୁପା : ୧,୪୦,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୧୦୧.୦୦
- ନିଫ୍ଟି ୨୪,୮୬୮.୦୦

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଜିଏସ୍‌ଟି ହାର ହ୍ରାସ ପରେ | ଅଟୋ ବିକ୍ରେତାଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ

# ସବୁ ସୋ’ ରୁମ୍‌ରେ ଲାଗିବ ମୋଦିଙ୍କ ଫଟୋ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି)

ନିକଟରେ କେନ୍ଦ୍ର ସରକାର ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରରେ ହ୍ରାସ ଘଟାଇଛନ୍ତି। ଏଥିରେ ଅଟୋମୋବାଇଲ କ୍ଷେତ୍ରରେ ମଧ୍ୟ ବଡ଼ ଧରଣର ଟିକସ ହ୍ରାସ ହୋଇଛି। ଜିଏସ୍‌ଟିରେ ଏହି ହ୍ରାସ ପରେ ଏବେ ଏହାର ବାହାବା ନେବାକୁ କେନ୍ଦ୍ର ସରକାର ପ୍ରସ୍ତୁତ। ଏଥିପାଇଁ ବର୍ତ୍ତମାନ ପ୍ରତ୍ୟେକ କାର ଏବଂ ବାଇକ୍ ଡିଲରସିପ୍ ବା ଶୋ’ ରୁମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା ପୋଷ୍ଟର ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଆଇ) ଦେଶର ସମସ୍ତ କାର ଏବଂ ବାଇକ୍ କମ୍ପାନୀଗୁଡ଼ିକୁ ସେମାନଙ୍କ ଡିଲରସିପ୍‌ରେ ପୁରୁଣା ମୂଲ୍ୟ ଏବଂ ଜିଏସ୍‌ଟି ହ୍ରାସ ପରେ ନୂତନ ମୂଲ୍ୟ ଦର୍ଶାଇ ପୋଷ୍ଟର ଲଗାଇବାକୁ କହିଛି।

ଭାରୀ ଶିଳ୍ପ ମନ୍ତ୍ରଣାଳୟ ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକଚର୍ସ (ସିଆମ୍) ମାଧ୍ୟମରେ ଅଟୋ କମ୍ପାନୀଗୁଡ଼ିକୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ପଠାଇଛି। ଏବେ କମ୍ପାନୀଗୁଡ଼ିକର ଅଧିକାରୀମାନେ ପୋଷ୍ଟରଗୁଡ଼ିକୁ ଡିଜାଇନ୍ କରୁଛନ୍ତି ଏବଂ ମନ୍ତ୍ରଣାଳୟରୁ ଅନୁମୋଦନ ପାଇବା ପରେ ହିଁ ସେଗୁଡ଼ିକୁ




ଡିଲରସିପ୍‌ରେ ଲଗାଇବେ। ହେଲେ ଏ କ୍ଷେତ୍ରରେ ପୋଷ୍ଟରଗୁଡ଼ିକର ମୁଦ୍ରଣ ଏବଂ ବଣ୍ଟନ ଖର୍ଚ୍ଚ କମ୍ପାନୀ କିମ୍ବା ଡିଲରସିପ୍ ବହନ କରିବେ କି ନାହିଁ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଅଧିକାରୀମାନେ କହିଛନ୍ତି ଯେ ପୋଷ୍ଟରଗୁଡ଼ିକ ବିଭିନ୍ନ ସ୍ଥାନ ପାଇଁ ସ୍ଥାନୀୟ ଭାଷାରେ ପ୍ରସ୍ତୁତ କରାଯିବ। ଏଭଳି ସ୍ଥଳେ ପ୍ରତ୍ୟେକ ଭାଷାରେ ପୋଷ୍ଟର ପାଇଁ ପୃଥକ ଅନୁମୋଦନ ଆବଶ୍ୟକ ପଡ଼ିବ କି ନାହିଁ ତାହା ଏବେ ବଡ଼ ପ୍ରଶ୍ନ। ଏକ ଶିଳ୍ପ ସୂତ୍ର ଅନୁଯାୟୀ, ଅଟୋମୋବାଇଲ୍ କମ୍ପାନୀଗୁଡ଼ିକ ଏହି ସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ଅତି କମ୍‌ରେ ୨୦-୩୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଚଳିତ ସପ୍ତାହ ଶେଷ ସୁଦ୍ଧା ଏହି ପୋଷ୍ଟରଗୁଡ଼ିକ ଡିଲରସିପ୍‌ରେ ଲଗାଯିବାର ଆଶା କରାଯାଉଛି। ଏହି ନିୟମରୁ ବିଳାସପୂର୍ଣ୍ଣ କାର କମ୍ପାନୀଗୁଡ଼ିକୁ ମୁକ୍ତ କରାଯାଇଛି। ମାରୁତି ସୁଜୁକି, ହ୍ୟୁଣ୍ଡାଇ, ଟାଟା ମୋଟର୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଟୟୋଟା ଏବଂ କିଆ ଭଳି ପ୍ରମୁଖ କାର କମ୍ପାନୀଗୁଡ଼ିକ ପୂର୍ବରୁ କହିସାରିଛନ୍ତି ଯେ ସେମାନେ ଜିଏସ୍‌ଟି ହ୍ରାସର ସମ୍ପୂର୍ଣ୍ଣ ଲାଭ ଗ୍ରାହକମାନଙ୍କୁ ଦେବେ, ଯାହା ଫଳରେ ସମସ୍ତ କାରର ମୂଲ୍ୟ ହ୍ରାସ ପାଇବ। ଜିଏସ୍‌ଟି ପରିଷଦ ସମ୍ପ୍ରତି ଛୋଟ କାର ଉପରେ ଟିକସ ୨୯-୩୧% ରୁ ୧୮% କୁ ହ୍ରାସ କରିଛି। ଅନ୍ୟପକ୍ଷରେ ବଡ଼ କାର ଉପରେ ଟିକସ ହାର ୫୦% ରୁ ୪୦% କୁ ହ୍ରାସ କରାଯାଇଛି ଏବଂ କ୍ଷତିପୂରଣ ସେସ୍ ହଟାଇ ଦିଆଯାଇଛି।

# ହିରୋ ଗ୍ଲାମର ‘ଏକ୍ସ ୧୨୫’ର ବଜାର ପ୍ରବେଶ

ଭୁବନେଶ୍ୱର, ୯।୯ (ସମିସ)



ଏକ୍ସଟ୍ରିମ୍ ୧୨୫ଆର୍‌ର ଅତୁଳନୀୟ ସାଫଲ୍ୟ ପରେ ହିରୋ ମୋଟୋକର୍ପ ପକ୍ଷରୁ ନୂତନ ଗ୍ଲାମର ‘ଏକ୍ସ ୧୨୫’ର ବଜାର ପ୍ରବେଶ କରାଯାଇଛି। ଏହା ଭାରତର ସବୁଠାରୁ ଅତ୍ୟାଧୁନିକ ୧୨୫ସିସି ମୋଟରସାଇକେଲ। ଗ୍ଲାମର ବ୍ରାଣ୍ଡର ଷ୍ଟାଇଲ୍ ଓ ଉଦ୍ଭାବନାର ପରମ୍ପରା ଏବଂ ୫୦ ଲକ୍ଷ ସନ୍ତୁଷ୍ଟ ଗ୍ରାହକଙ୍କ ଭରସା ଉପରେ ଭିତ୍ତି କରି, ଗ୍ଲାମର ‘ଏକ୍ସ ୧୨୫’ ନିର୍ମାଣ କରାଯାଇଛି।

ଏହାର ନୂତନ ଓ ଆକର୍ଷଣୀୟ ଡିଜାଇନ୍, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଅତୁଳନୀୟ ପରଫରମାନ୍ସ ଏବଂ ଅସାଧାରଣ ସୁବିଧା ବୈଶିଷ୍ଟ୍ୟ ଗୁଡ଼ିକ ନୂତନ ଯୁଗର ଉଚ୍ଚାକାଂକ୍ଷୀ ଚାଳକର ପ୍ରୟୋଜନଗୁଡ଼ିକ ସମାଧାନ କରେ। ଡିଲକ୍ସ ୧୨୫ସିସି ସେଗମେଣ୍ଟକୁ ଏକ ନୂତନ ରୂପରେ ଉପସ୍ଥାପନା କରିବା ମାଧ୍ୟମରେ ଗ୍ଲାମର ଏକ୍ସରେ ଅନେକ ଗୁଡ଼ିଏ କ୍ୟାଟେଗରିର ପ୍ରଥମ ଉଦ୍ଭାବନା ସମୂହ ଉପଲବ୍ଧ ଥିବା ହିରୋ ମୋଟୋକର୍ପର ଚିଫ୍ ବିଜନେସ ଅଫିସର୍, ଇଣ୍ଡିଆ, ବିଜନେସ୍ ୟୁନିଟ୍ ଆଶୁତୋଷ ବର୍ମା କହିଛନ୍ତି। ଗ୍ଲାମର ଗ୍ଲାମର ‘ଏକ୍ସ ୧୨୫’ସମଗ୍ର ଦେଶରେ ସମସ୍ତ ହିରୋ ମୋଟୋକର୍ପ ଡିଲରଶିପରେ ଦୁଇଟି ଭାରିଆଣ୍ଟରେ ଉପଲବ୍ଧ। ଡ୍ରମର ମୂଲ୍ୟ(ଏକ୍ସ-ଶୋରୁମ ଦିଲ୍ଲୀ) ୮୯,୯୯୯ ଓ ଓ ଡିସ୍କର ମୂଲ୍ୟ ୯୯,୯୯୯ ଟଙ୍କା।।

## ଡୋରଭେରୀର ପ୍ରଥମ ତ୍ରୈମାସିକ ରାଜସ୍ୱରେ ଅସାଧାରଣ ଅଭିବୃଦ୍ଧି

ଭୁବନେଶ୍ୱର, ୯।୯ (ସମିସ): ବିଟୁବି ଗ୍ରୋସରି ଡିଲିଭେରି ପ୍ଲାଟଫର୍ମ ଡୋରଭେରୀ ଏହାର ସଞ୍ଚାଳନର ପ୍ରଥମ ତ୍ରୈମାସିକରେ ଅସାଧାରଣ ରାଜସ୍ୱ ଅଭିବୃଦ୍ଧି ହାସଲ କରିଛି। କମ୍ପାନୀ ୭.୫ କୋଟି ବାର୍ଷିକ ଆବର୍ତ୍ତିତ ରାଜସ୍ୱ (ଏଆର୍‌ଆର୍) ପ୍ରାପ୍ତ କରିଛି ଏବଂ ପ୍ରତିମାସ ୮୫-୯୦% ବୃଦ୍ଧି ରେକର୍ଡ କରୁଛି। ଏହା ଭାରତର ଶୀଘ୍ର ହେଉଥିବା ବିଟୁବି ଗ୍ରୋସରି ପ୍ରକ୍ୟୋରମେଣ୍ଟ କମ୍ପାନୀର ମଜବୁତ ସ୍ଥିତିକୁ ପ୍ରକାଶ କରୁଛି। ଭାରତର ବିଟୁବି ଗ୍ରୋସରି ସପ୍ଲାଇ ଇଣ୍ଡଷ୍ଟ୍ରିରେ ବିକଶିତ ସେକ୍ଟରରେ ଡୋରଭେରୀ ହେଉଥିବା ପରିବର୍ତ୍ତନରୁ ଲାଭ ଉଠାଇବା ପାଇଁ କୌଶଳମୂଳକ ଭାବରେ ସ୍ଥାନିତ ଅଛି ଏବଂ ରିଟେଲ ଓ ହସ୍ପିଟାଲିଟି କ୍ଷେତ୍ର ସହିତ ବିଭିନ୍ନ ବ୍ୟବସାୟ ପାଇଁ ପ୍ରୟୋଜନମୂଳକ ପ୍ରକ୍ୟୋରମେଣ୍ଟ ସମାଧାନ ପ୍ରଦାନ କରୁଛି। ଡୋରଭେରୀର ନିର୍ଦ୍ଦେଶକ ଜି. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି, ପ୍ରାରମ୍ଭିକ ସଫଳତା ଆମର ବ୍ୟବସାୟ ମୋଡେଲର ମଜବୁତି ଏବଂ ସୁସଂଗଠିତ ଗ୍ରୋସରି ପ୍ରକ୍ୟୋରମେଣ୍ଟର ବଢ଼ୁଥିବା ଚାହିଦାକୁ ପ୍ରତିଫଳିତ କରେ।

DOORVERY



## ଟାଟା ପାୱାର ପକ୍ଷରୁ ଗ୍ରାହକଙ୍କ ପାଇଁ ବହୁବିଧ ଟଚ୍ ପଏଣ୍ଟ

ଭୁବନେଶ୍ୱର, ୯।୯ (ସମିସ): ଦ୍ରୁତ ଗତିରେ ରୂପାନ୍ତରିତ ହୋଇଥିବା ଓଡିଶାରେ ବିଦ୍ୟୁତ୍ ଆଉ କେବଳ ଏକ ଉପଯୋଗିତା ନୁହେଁ, ଏହା ହେଉଛି ଏକ ସେବା ଅନୁଭୂତି। ଟାଟା ପାୱାର ନେତୃତ୍ୱାଧୀନ ଓଡିଶା ଡିସକମ୍ ଯଥା ଟିପିସିଓଡିଏଲ, ଟିପିଏସଓଡିଏଲ, ଟିପିଏନଓଡିଏଲ ଏବଂ ଟିପିଡବ୍ଲ୍ୟୁଓଡିଏଲର ନେତୃତ୍ୱ ଅଧୀନରେ ରାଜ୍ୟରେ ବିଲିଂଠାରୁ ବହୁ ଆଗକୁ ବଢ଼ି ଗ୍ରାହକ ସେବା କ୍ଷେତ୍ରରେ ଏକ ବିପ୍ଳବ ଦେଖିବାକୁ ମିଳିଛି, ଯାହା ସେବା ହାସଲ କରିବା, ସହାନୁଭୂତି ଓ ନବସୃଜନ ପାଇଁ ଗଭୀର ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ହେଉଛି। ଓଡିଶାରେ ପ୍ରାୟ ୧୦ ନିୟୁତ ଗ୍ରାହକଙ୍କୁ ସେବା ପ୍ରଦାନ କରୁଥିବା ଏହି ଡିସକମଗୁଡିକ ଭାରତର ସବୁଠାରୁ ବ୍ୟାପକ ଏବଂ ଗ୍ରାହକ କୈନ୍ଦ୍ରୀକ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଗଠନ କରିଛନ୍ତି। ମୋବାଇଲ୍ ଆପ୍ ଏବଂ ହ୍ୱାଟସ୍‌ଆପ୍ ବିଲିଂରୁ ଆରମ୍ଭ କରି ଗ୍ରାମାଞ୍ଚଳ ସେବା ଶିବିର ଏବଂ ସ୍ଥାନୀୟ ସେବା କେନ୍ଦ୍ର ପର୍ଯ୍ୟନ୍ତ ଟାଟା ପାୱାର ଓଡିଶାରେ ବିଦ୍ୟୁତ୍ ସେବା ପ୍ରଦାନ, ବିଦ୍ୟୁତ୍ ସେବା ଅନୁଭୂତିକୁ ପୁନଃବ୍ୟାଖ୍ୟା କରିଛି। ଗ୍ରାହକମାନେ ଅନଲାଇନ୍ କିମ୍ବା ଏକ ମିସ୍ କଲ୍ ସେବା ମାଧ୍ୟମରେ ନୂତନ ସଂଯୋଗ ପାଇଁ ମଧ୍ୟ ଆବେଦନ କରିପାରିବେ ଯାହାଦ୍ୱାରା କାଗଜପତ୍ର ଏବଂ ଅଫିସ୍ ପରିଦର୍ଶନ ଏବେ ଅତୀତ ହୋଇଛି।



# ନେପାଳ ସଙ୍କଟ; ଆଶଙ୍କାରେ ସୀମା ପାର ବାଣିଜ୍ୟ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ନେପାଳ ଏବଂ ଭାରତ ମଧ୍ୟରେ ବାଣିଜ୍ୟ ସମ୍ପର୍କ ବହୁତ ପୁରୁଣା। ନେପାଳ ଏହାର ଅଧିକାଂଶ ଅତ୍ୟାବଶ୍ୟକୀୟ ସାମଗ୍ରୀ ଭାରତରୁ କିଣେ। ଜେନ୍ ଜେଡ୍‌ର ପ୍ରତିବାଦ ଏବଂ ସରକାରର ପତନ ଏହି ବାଣିଜ୍ୟକୁ ପ୍ରଭାବିତ କରିବାର ସମ୍ଭାବନା ଅଛି। ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ବିରୋଧରେ ନେପାଳରେ ଏହି ପ୍ରତିବାଦ। ପରେ ଏଥିରେ ଦୁର୍ନୀତି ଏବଂ ବେକାରୀ ଭଳି ପ୍ରସଙ୍ଗ ଜୋରଦାର ହେଲା। ଏହି କାରଣରୁ ଭାରତର ସୀମାପାର ବାଣିଜ୍ୟରେ ବାଧା ସୃଷ୍ଟି ହୋଇପାରେ। ଅର୍ଥାତ୍, ନେପାଳ ପାଇଁ ଏବେ ଭାରତର ଅର୍ଥନୈତିକ ‘ଜୀବନରେଖା’ ବିପଦରେ। ତେବେ ଭାରତ ଏବଂ ନେପାଳ ଉଭୟ ବାଣିଜ୍ୟକୁ ସ୍ୱାଭାବିକ ରଖିବାକୁ ଚେଷ୍ଟା କରୁଛନ୍ତି।

ନେପାଳ ଏହାର ଅନେକ ଅତ୍ୟାବଶ୍ୟକୀୟ ସାମଗ୍ରୀ ଭାରତରୁ ମଗାଇଥାଏ। ଏଥିରେ ଔଷଧ, ଲୁହା, ମେସିନ, ପେଟ୍ରୋଲିୟମ ଉତ୍ପାଦ, ଚାଉଳ ଏବଂ ପନିପରିବା ଭଳି ଖାଦ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ। ଭାରତ ଏବଂ ନେପାଳ ମଧ୍ୟରେ ଭଲ ବାଣିଜ୍ୟ କାରବାର ରହିଛି। ଏପରି ପରିସ୍ଥିତିରେ ଦୁଇ ଦେଶ ମଧ୍ୟରେ ଦୃଢ଼ ଆର୍ଥିକ ସମ୍ପର୍କ ରହିଛି। ନେପାଳ ଭାରତରୁ ଚାଉଳ, ଶସ୍ୟ, ପନିପରିବା, ମସଲା ଏବଂ ଚିନି ଭଳି ଅଧିକାଂଶ ଖାଦ୍ୟ ସାମଗ୍ରୀ ଆମଦାନୀ କରେ। ନେପାଳରେ ଭାରତୀୟ ଔଷଧର ମଧ୍ୟ ବହୁତ ଚାହିଦା ଅଛି। ଏହା ବ୍ୟତୀତ ନେପାଳ ଭାରତରୁ ବୈଦ୍ୟୁତିକ ଉପକରଣ ସହ ଶକ୍ତି ଏବଂ ଇନ୍ଧନ ମଧ୍ୟ ଆମଦାନୀ କରିଥାଏ। ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ତାଲିକାରେ ପେଟ୍ରୋଲିୟମ୍ ଉତ୍ପାଦ ଶୀର୍ଷରେ ରହିଥିବାବେଳେ ପ୍ଲାଷ୍ଟିକ୍, ରବର ଭଳି କଞ୍ଚାମାଲ ଏବଂ କପଡ଼ା ଏବଂ କାଗଜ ଭଳି ଜିନିଷ ମଧ୍ୟ ରହିଛି ଆର୍ଥିକ ଦୃଷ୍ଟିରୁ, ଭାରତ ନେପାଳ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ନେପାଳରେ ଅନେକ ଜିନିଷ ତିଆରି ହୁଏ ନାହିଁ। ଏପରି ପରିସ୍ଥିତିରେ, ଭାରତରୁ ଆସୁଥିବା ସାମଗ୍ରୀ ନେପାଳର ଲୋକଙ୍କ ଶିଳ୍ପ ଏବଂ ଦୈନନ୍ଦିନ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ଆର୍ଥିକ ସମ୍ପର୍କ ଦୁଇ ଦେଶ ମଧ୍ୟରେ ସହଯୋଗ ଏବଂ ବାଣିଜ୍ୟକୁ ମଜବୁତ କରେ।


**AFFIDAVIT**

By virtue of an affidavit sworn before the Executive Magistrate, Tangi, Dist.: Khordha, **I, Fakir Charan Panda,** aged about 68 years, S/o: Bhramarbar Panda of Village: Balarampur, PO.: Rameswar, PS: Nirakarpur, Dist.: Khordha declare by this Affidavit No.: 1166, Dated: 29.07.2025 that now onwards my wife's name will be known as **Susama Rani Panda** for all future purposes.
**Fakir Charan Panda**

**AFFIDAVIT**

By virtue of an affidavit C.F No.-22, dtd. 01.09.2025 in the court of the Executive Magistrate, Bhubaneswar, I , Pratap Kumar Dash have changed my name from Swadhin Kumar Das to Pratap Kumar Dash. Henceforth I shall be known as Pratap Kumar Dash for all purposes.
**Sd/-Pratap Kumar Dash**

**AFFIDAVIT**

By virtue of an Affidavit before Notary Public, Malkangiri, I, **Suruja Hembram**, aged about 60 years, W/o.: Rupae Hembram resident of Village: M.V-03, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1253/25, Dated: 02.09.2025 that I have changed my & my husband surname from Suraj Mardi, W/o.: Rupae Mardi to **Suruja Hembram, W/o.: Rupae Hembram**. Henceforth I shall be known as **Suruja Hembram, W/o.: Rupae Hembram** for all future purposes.

**AFFIDAVIT**

By virtue of an affidavit C.F No.-23, dtd. 01.09.2025 in the court of the Executive Magistrate, Bhubaneswar, I , Manguli Charan Dash have changed my name from Manguli Bhoi to Manguli Charan Dash. Henceforth I shall be known as Manguli Charan Dash for all purposes.
**Sd/-Manguli Charan Dash**

**AFFIDAVIT**

By virtue of an Affidavit before Notary Public, Malkangiri, I, **Lachmi Padiami**, aged about 25 years, W/o.: Ram Padiami, D/o.: Muka Madkami, resident of Village/PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1540/2025, Dated: 08.09.2025 that I have changed my name from Lachmi Madkami to **Lachmi Padiami**. Henceforth I shall be known as **Lachmi Padiami**, for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Rairangpur, Mayurbhanj dated-30/07/2025. I, Paresh Hembram, S/o Late Lalmohan Hembram, Address: Village- Kalimati, PO- Sanpurunapani, PS- Bisoi, Dist- Mayurbhanj, Odisha, PIN-757033 declare that I have changed my daughter's name from Dangi Hembram (old name) to Basanti Hembram (new name). Henceforth, she shall be known as **Basanti Hembram** (new name) for all future purposes.

**AFFIDAVIT**

By virtue of an affidavit sworn before The Notary Public, Sunabeda dated 05/09/2025 I, Sri Abhimanyu Patra, S/o-Late Madhab Patra, Vill.- M Luhaba, Po.- Subai, Ps.- Nandapur, District- Koraput declare that I have changed my son's name from **Badant Patra** to **Bedant Patra**. Henceforth, my son shall be known as **Bedanta Patra** for all purposes.
Sd/-
Abhimanyu Patra

**LOST**

By virtue of an affidavit before the notary, Govt. of India, Titilagarh on 7/9/25 and a complain lodged in Titilagarh police station on 3/9/25, I, **Hifzul Rahman,** S/o Hafiji Habibula Rahman resident of At- Neherunagar Ward No.7, PO/PS- Titilagarh, Dist- Balangir, Odisha do hereby declare that, my original ROR of Mouza Titilagarh KHA PS. Titilagarh, PS. No.84 purchased holding No. 463/460 (Plot No. 475/2862/4153 & Plot No. 475/2862) has been lost some where in Titilagarh market on 03/09/2025, If any person finds the same, may please contact My Advocate Mr. Manoj Kumar Hati mobile no. 8598911191.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd-03.09.2025 I, **Kiran Das,** W/o Abhaya Kumar Panda, resident of At/Po- Kalarahanga, PS- Mancheswar, Bhubaneswar, Dist- Khordha, Odisha, PIN- 751024 declare that I have changed my minor daughter's name from **Adyasha Das** to **Adyasha Panda.** Henceforth she shall be known as **Adyasha Panda** (new name) for all purposes.
**Kiran Das**

**AFFIDAVIT**

I, Monoranjan Parida, S/o- Udyanath Parida, resident of At-Bhikapada, Ps-Khalikote, Dist-Ganjam, Pin- 761029, Odisha declared by this affidavit No. 730, dtd-08/09/2025 that now onwards I shall be known as **MANOJ KUMAR PARIDA** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd-04.09.2025 I, **Akhila Kumar Sahoo,** S/o- Bhikari Charan Sahoo, resident of New Forest park, Ashok Nagar, PS.-Capital, Bhubaneswar, Dist.-Khordha, Odisha, 751009 declare that I have changed my minor daughter's name from **Sai Anwesha Sahoo** to **Saianwesaa Sahoo.** Henceforth she shall be known as **Saianwesaa Sahoo** (new name) for all purposes.
**Akhila Kumar Sahoo**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd-03.09.2025 I, **Muralidhar Sasmal,** S/o Budhiram Sasamal, resident of At-Pendurapalli, PO- Bheteswar, PS- Banapur, Dist- Khorda, Odisha, PIN- 752031 declare that I have changed my name from **Murali Sasamal** to **Muralidhar Sasmal.** Henceforth I shall be known as **Muralidhar Sasmal** (new name) for all purposes.
**Muralidhar Sasmal**

**AFFIDAVIT**

By virtue of an affidavit sworn before The Executive Magistrate, Dhenkanal dated- 22/04/2025. I, **Avanti Samal,** D/o- Trinath Samal, Address: Village-Krushnakumarpur, PO-Kaimati, PS- Sadar, Dist-Dhenkanal, PIN- 759027, Odisha declare that I have changed my name from **Abanti Samal** to **Avanti Samal.** Henceforth, I shall be known as **Avanti Samal** (new name) for all purposes.
**Avanti Samal**

**AFFIDAVIT**

By virtue of an affidavit No-5384 sworn before the Executive Magistrate Champua on dated-06/09/2025. I Rebati Naik, W/O- Netrananda Naik, Resident of Vill/PO- Asanpat, PS- Baria, Dist- Keonjhar, Odisha, Pin- 758044 declare that I have changed my minor daughter's name from **CHANPI NAIK** (old name ) to **CHAMPI NAIK** (new name) Henceforth she shall be known as **CHAMPI NAIK** all future purposes .
**REBATI NAIK**

**AFFIDAVIT**

By virtue of an affidavit (CF No. 83, dtd- 07/10/2024) before The Exeutive Magistrate, Bhubaneswar. I, **Sourajit Acharya**, S/o Sashikanta Acharya, resident of At- Sariabarpatna, PO-Debidol, Dist- Jagatsinghpur, Odisha (Aadhar Card No: 8408 2004 2789) declares that, Sourajit Acharya and Sourjit Acharya is one and same person who is myself and Sashikanta Acharya and Sasikanta Acharya is one and same person who is my father.

**AFFIDAVIT**

I, Sudhanshu Sekhar Samal, aged about 46 years, S/o-Dhaneswar Samal, resident of At-Haladibasanta, Po-Sahupada, Ps-Bariramachandrapur, Dist-Jajpur, Pin- 755003, Odisha, do hereby declare by this affidavit No.1838, dtd- 08/09/2025, that now onwards I shall be known as **SUDHANSU SEKHAR SAMAL** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd-04.09.2025 I, **Sudarsan Jena,** S/o Ratha Jena, resident of At/Po- Chanarpur, PS- Balikuda, Dist-Jagatsinghpur, Odisha, PIN-754107 declare that I have changed my minor daughter's name from **Sonakshi Nayak** to **Sonakshi Jena.** Henceforth she shall be known as **Sonakshi Jena** (new name) for all purposes.
**Sudarsan Jena**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd-04.09.2025 I, **Susanta Khatua,** S/o Sudhira Chandra Khuntia, resident of At-Chakeisiani, PO- Rasulgarh, PS- Mancheswar, Bhubaneswar, Dist- Khordha, Odisha, PIN- 751010 declare that I have changed my name from **Susanta Kumar Khuntia** to **Susanta Khatua.** Henceforth I shall be known as **Susanta Khatua** (new name) for all purposes.
**Susanta Khatua**



**ପୂର୍ବ ତଟ ରେଳପଥ**

**ପାର୍ସଲ ସ୍ଥାନ ଲିଜ୍‌ରେ ଦେବା ପାଇଁ ଇ-ନିଲାମ**

**08 SLRs ଏବଂ 04 VPs ର ଲିଜ୍ ଦେବା ନିମନ୍ତେ**

| କ୍ର. | ଟ୍ରେନ୍ ନଂ. ଏବଂ CC ଟନ୍ ରେ | ଠାରୁ - ପର୍ଯ୍ୟନ୍ତ | SLR ଆଗ/ପଛ | ଆବୃତ୍ତି | ଲଟ୍ ସମାପ୍ତି ସମୟ |
|---|---|---|---|---|---|
| 1 | 22974-73 | ପୁରୀ-ଗାନ୍ଧୀଧାମ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1130 ଘଟିକା |
| 2 | 20851-52 | ଭୁବନେଶ୍ୱର-ପୁଡୁଚେରୀ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1140 ଘଟିକା |
| 3 | 22805-06 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ୍ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1150 ଘଟିକା |
| 4 | 12146-45 | ପୁରୀ-ଲୋକମାନ୍ୟ ତିଳକ ଟର୍ମିନସ୍ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1200 ଘଟିକା |
| 5 | 12074 | ଭୁବନେଶ୍ୱର - ହାଉଡ଼ା | F-1 | 7 ଦିନ | 17.09.2025,1130 ଘଟିକା |
| 6 | 12281 | ଭୁବନେଶ୍ୱର-ନୂଆଦିଲ୍ଲୀ | F-1 | 1 ଦିନ | 17.09.2025,1140 ଘଟିକା |
| 7 | 22805 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ | F-1 | 1 ଦିନ | 17.09.2025,1150 ଘଟିକା |
| 8 | 18425 | ପୁରୀ-ଦୁର୍ଗ | R-1 | 7 ଦିନ | 17.09.2025,1200 ଘଟିକା |
| 9 | 20472 | ପୁରୀ-ଶ୍ରୀ ଗଙ୍ଗାନଗର | R-1 | 1 ଦିନ | 17.09.2025,1210 ଘଟିକା |
| 10 | 22890 | ପୁରୀ - ଦୀଘା | R-1 | 1 ଦିନ | 17.09.2025,1220 ଘଟିକା |
| 11 | 12278 | ପୁରୀ - ହାଉଡ଼ା | R-1 | 7 ଦିନ | 17.09.2025,1230 ଘଟିକା |
| 12 | 22974 | ପୁରୀ-ଗାନ୍ଧୀଧାମ | R-1 | 1 ଦିନ | 17.09.2025,1240 ଘଟିକା |

ଲଟ୍ ଆରମ୍ଭ ହେବା ତାରିଖ ଓ ସମୟ : **16.09.2025, 1100 ଘଟିକା** (କ୍ରମ ସଂ. 1 ରୁ 4 ପାଇଁ), **17.09.2025, 1100 ଘଟିକା** (କ୍ରମ ସଂ. 5 ରୁ 12 ପାଇଁ), ସର୍ବନିମ୍ନ ବୃଦ୍ଧି : **0.20%** (ସମସ୍ତ କ୍ରମ ସଂ. ପାଇଁ), ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟାଲଗ୍‌ରେ ନୂଆ (ସମସ୍ତ କ୍ରମ ସଂ. ପାଇଁ)।
କ୍ରମ ସଂ. 1 ରୁ 4 : ନିଲାମ କ୍ୟାଟାଲଗ୍ ସଂ. **KUR-VP-Sept-25**, କ୍ରମ ସଂ. 5 ରୁ 12 : ନିଲାମ କ୍ୟାଟାଲଗ୍ ସଂ. **KUR-SLR-Sept-02** ଏବଂ ତା.**01.09.2025**ରିଖ ରେ ପ୍ରକାଶ ପାଇବ **(VPs & SLRs)**।
ଉପରୋକ୍ତ ଇ-ନିଲାମ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ।
**PR-569/Q/25-26** ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍



**AFFIDAVIT**

By virtue of an affidavit sl No.-705/25, dtd. 01.09.2025 before the Notary Public, Bhubaneswar, I, Jitan Sahoo,, At/Po- Talabasta, Ps- Banki, Dist.- Cuttack-754007 have changed my name from Jitrndra Kumar Sahoo to Jitan Sahoo. Henceforth I shall be known as Jitan Sahoo for all purposes.
**Sd/- Jitan Sahoo**

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 09.09.2025, I, Nabina Barik resident At- Khajuria,Ps-Kamakshya Nagar, Dist: Dhenkanal, PIN- 759018, Odisha, , declare that I have changed the name of my Son from Prenes Barik to Prince Barik. Henceforth He shall be known as **PRINCE BARIK** for all future purposes.

**Notice**
**(Above 18 years of age)**

By virtue of an Affidavit sworn before the Notary Public, Udala, Mayurbhnaj, dated 09-09-2025 I, Thibu Murmu, Address At-Dahanibuda, Po- Silaghati, Ps-Khunta, Dist- Mayurbhanj, Pin-757019 declare that I have changed my name Thiburam Murmu to Thibu Murmu . Henceforth I shall be known as Thibu Murmu for all purposes.
**Thibu Murmu**

**AFFIDAVIT**

By virtue of an affidavit sworn before the Executive Magistrate, Delanga, AF No. 1522, on dated 22/08/2025, I **SUMANTA PRADHAN**, S/o Banambar Pradhan resident of Village At-Rench, Po- Berboi, Ps - Delanga, Via- Berboi, Dist- Puri, State-Odisha, Pin- 752016 declare that I have changed my minor son's name from **ISWARAJITI PRADHAN** to **SURYANSHU PRADHAN.** Henceforth, he shall be known as **SURYANSHU PRADHAN** for all future purposes.
Sd- **SUMANTA PRADHAN**

**AFFIDAVIT**

I, Puspanjali Nayak, W/o-Shri Sridhar Nayak, resident of Village - Ostia, Po-Rasanga, PS Gania, Dist - Nayagarh, Pin - 752085, Odisha, declare by this affidavit No - 43932, dated - 09.09.2025, that now on wards I shall be known as Mrs.**PUSPANJALI NAIK** for all future purposes.

**NOTICE**

By virtue of an affidavit sworn before the Executive Magistrate, Bhubaneswar, CF No. 47, on dated 09/09/2025, I **MANASI BEHERA**, W/o Kalandi Behera resident of Village At- Balipada, Po- Binayakpur, Ps - Pipili, Dist-Puri, State- Odisha, Pin- 752104 declare that I have changed my name from **MANASI BHOI** to **MANASI BEHERA.** Henceforth, I shall be known as **MANASI BEHERA** for all future purposes.
(Sd- **MANASI BEHERA**)



CAD-1702

ଟି.ଡି.ସି.ସି

**TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)**
Tel. 0674-2542475 / 2542617. Fax-2544828. Email: admin@tdccorissa.org,
website: www.tdccodisha.org

No.2462/TPCCOL Date- 08.09.2025

**Detail Tender Call Notice for Supply of a complete set up for Mustard Oil Expelling Machine along with seeds cleaning machine, Oil filter machine, bottling & labeling machine.**

Sealed Tender(s) are invited from only registered dealers/ manufacturers/ authorized suppliers for supply, installation, testing and commissioning of one **Cold Pressed Mustard Oil Expelling Machine along with seeds cleaning machine, Oil filter machine, bottling & labeling machine with crushing capacity up to 100Kg-120kg/Hr.,** with electrical and tools on turnkey basis to be installed at the following place:

| Sl | Machine to be installed | District | TDCCOL Branch |
|---|---|---|---|
| 1 | Oil Expelling Machine (with cleaning and bottling unit) | KANDHAMAL | BALLIGUDA |

The bidder(s) must submit Demand Draft for Rs. 50, 000/- (Rupees Fifty Thousand) only, drawn in favor of "Managing Director", TDCCOL, payable at Bhubaneswar" towards Earnest Money Deposit (EMD) for the machine. The Tender must be accompanied with brochure containing technical specifications of the machine. The details of the Tender call notice can be downloaded from www.tdccorissa.org.

The bidder(s) should quote their basic rate, taxes, installation charges, freight FOR destination, packing/ forwarding charges, training charges (maximum for 2 days) at site and other charges if any. The supply of the Machines including installation, testing and commissioning is to be completed within 20 days from receipt of the order. The last date for acceptance of Tender is up to **2:00 pm on dated-10.10.2025**

The undersigned reserves the right to accept or reject any or all Tenders without assigning any reason thereof.

OIPR-26005/11/0009/2526 **Managing Director**

## ବ୍ରାଉନସୁଗର ଜବତ, ବାପପୁଅ ଗିରଫ

ଜଗତସିଂହପୁର, ୯।୯ (ସମିସ): ଜଗତସିଂହପୁର ସଦର ଥାନା ପୁଲିସ ଆଜି ସକାଳେ ୫୫ ନମ୍ବର ଜାତୀୟ ରାଜପଥର ଇଟାପଡ଼ା ନିକଟରେ ଚଢ଼ଉ କରି ୪୦ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି। ଏଥିସହିତ ବ୍ରାଉନସୁଗାର ବ୍ୟବସାୟ କରୁଥିବା ଅଭିଯୋଗରେ ସ୍ଥାନୀୟ ଅଞ୍ଚଳର ପବିତ୍ର ମହାନ୍ତି ଓ ତା'ର ପିତା ନିରଞ୍ଜନ ମହାନ୍ତିଙ୍କୁ ଗିରଫ କରାଯାଇଛି। ଏଥିସହିତ ଏକ ମୋବାଇଲ ଜବତ କରାଯାଇଥିବା ସଦର ଥାନା ସୂତ୍ରରୁ ସୂଚନା ମିଳିଛି। କୌଣସି ଏକ ସୂତ୍ରରୁ ଖବର ପାଇ ସଦର ଥାନା ଆଇଆଇସି ସରୋଜ ସାମଲଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମିତ୍ରଭାନୁ ଓଝାଙ୍କ ନେତୃତ୍ୱରେ ଏକ ଟିମ୍ ଇଟାପଡାରେ ଚଢ଼ଉ କରିଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪ ଲକ୍ଷ ହେବ ବୋଲି ସୂଚନା ଦିଆଯାଇଛି। ପବିତ୍ର ମହାନ୍ତି ନାମରେ ପୂର୍ବରୁ ସଦର ଥାନାରେ ଏକ ଫୌଜଦାରୀ ମାମଲା ରହିଥିବା ଏସ୍‌ଡିପିଓ ଆଜିଙ୍କ୍ୟା ମାନେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୂର୍ବରୁ ମଧ୍ୟ ଏକାଧିକ ଥର ବ୍ରାଉନସୁଗର ବିକ୍ରି ଅଭିଯୋଗରେ ଗିରଫ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଦର ଥାନା ଆଇଆଇସି ସରୋଜ ସାମଲ ଓ ସଦର ଥାନା ପୁଲିସ କର୍ମଚାରୀ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସାହିତ୍ୟିକ ମହେଶ୍ୱର ସେଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ରାଜନଗର, ୯।୯ (ସମିସ): ବିଶିଷ୍ଟ ସାହିତ୍ୟିକ, ପ୍ରବୀଣ ଶିକ୍ଷାବିତ୍ ସ୍ୱର୍ଗତ ମହେଶ୍ୱର ସେଠୀଙ୍କ ଏକାଦଶାହରେ ତାଙ୍କ ଜନ୍ମମାଟି ଓସ୍ତିଆ ପଞ୍ଚାୟତ ଅନ୍ତର୍ଗତ ବାଲିକଣାସ୍ଥ ବାସଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କବି ପ୍ରମୋଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ପ୍ରାବନ୍ଧିକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ମହାପାତ୍ର, କଥାକାର ପ୍ରଦୀପ ନାୟକ, କବି ଅଭିରାମ ସାହୁ, ଗାଳ୍ପିକ ରତ୍ନାକର ନାୟକ, ଶିକ୍ଷାବିତ୍ ସୁକାନ୍ତ ତ୍ରିପାଠୀ, ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ନଳିନୀ ରାଉତରାୟ, ଶିକ୍ଷାବିତ୍ ଅଜାମର ରାଉତ, ଶିକ୍ଷାବିତ୍ ଆଦିକନ୍ଦ ତ୍ରିପାଠୀ, କବି ଭବାନୀ ମହାପାତ୍ର, ବାଟୋଇର ସମ୍ପାଦକ ଶତ୍ରୁଘ୍ନ ତରାଇ, ସମାଜସେବୀ କୃପାସିନ୍ଧୁ ସାମଲ, ରାଜନଗର ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ମାନସ ମିଶ୍ର, ସମ୍ପାଦକ ସମୀରଣ ମଣ୍ଡଳ, ନୃତ୍ୟଗୁରୁ ପ୍ରଫୁଲ୍ଲ ଦାସ, ଶିକ୍ଷକ ନେତା ହେମନ୍ତ ବାରିକ, ବାୟାବାବ ମଠ ପରିଚାଳକ ପାରେଶ୍ୱର ଦାସ ପ୍ରମୁଖ ଯୋଗଦେଇ ମହେଶ୍ୱର ସେଠୀ ଜଣେ ବ୍ୟକ୍ତି କହିଲେ ତାହା ଭୁଲ ହେବ। କାରଣ ବହୁ ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ସଂଗଠନ ତିଆରି କରିବାରେ ତାଙ୍କର ନିଷ୍ଠାପର ଉଦ୍ୟମ ଓ ସହଯୋଗ ଖୁବ୍ ପ୍ରଶଂସନୀୟ। ସେ ବ୍ୟକ୍ତି ନଥିଲେ ଥିଲେ ଏକ ଅନୁଷ୍ଠାନ ବୋଲି ମତ ରଖିଥିଲେ। ବଡ଼ପୁଅ ମନୋରଞ୍ଜନ ଧନ୍ୟବାଦ ଦେଇଥିଲେ।

## ଅସହାୟ ପରିବାରକୁ ସହାୟତା



ମହାକାଳପଡ଼ା, ୯।୯ (ସମିସ): ମହାକାଳପଡ଼ା ବ୍ଲକ୍ ବାରଡାଙ୍ଗ ପଞ୍ଚାୟତ ବଡ଼ମଠ ଗ୍ରାମର ଅସହାୟ ବିଧବା ମହିଳା ସାନ୍ଧ୍ୟରାଣୀଙ୍କୁ ସହାୟତାର ହାତ ବଢ଼ାଇଛି ଭିତର ସୋବଲା ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ସଦାଶିବ ହେଲ୍ପ ଫାଉଣ୍ଡେସନ। ଲଘୁଚାପଜନିତ ଲଗାଣ ବର୍ଷାରେ ସନ୍ଧ୍ୟାରାଣୀଙ୍କ ମାଟିଘର କାନ୍ଥ ଭୁଶୁଡି ପଡିଥିଲା। ସନ୍ଧ୍ୟାରାଣୀ ତାଙ୍କର ଦୁଇ ନାବାଳିକା ଝିଅଙ୍କୁ ନେଇ ପଡୋଶୀ ଘରେ ରହୁଛନ୍ତି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସଂଗଠନର କର୍ମକର୍ତ୍ତା ଗୌତମ ସାମଲ, ରଶ୍ମିରଞ୍ଜନ ସାମଲ, ପ୍ରିୟରଞ୍ଜନ ଦାସ, ପିଣ୍ଟୁ ରାଉତ, ଶଙ୍କର ଦାସ, ସିଲୁ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ରଞ୍ଜନ ରାଉତ, ଦେବଦତ୍ତ ସାମଲ ପ୍ରମୁଖ ବଡ଼ମଠରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ମଧୁସାଗର ବିଦ୍ୟାପୀଠରେ ବକ୍ତୃତା ପ୍ରତିଯୋଗିତା

ମାର୍ଶାଘାଇ, ୯।୯ (ସମିସ): ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠରେ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମଲ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସର୍ବପଲ୍ଲୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦେଶ ଓ ଜାତି ପାଇଁ ଉତ୍ସର୍ଗୀକୃତ ତ୍ୟାଗ ପାଇଁ ସେ ଚିରସ୍ମରଣୀୟ ରହିବେ ବୋଲି ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ସାମଲ କହିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମାଧୁରୀ ଭଦ୍ର, ସ୍ୱନମିତ୍ରା ଦ୍ୱିବେଦୀ, ସୁନୀତା ମହାନ୍ତି, ମାଧବିକା ସାହୁ, ସୁଚିସ୍ମିତା ଦାସ, ରଶ୍ମୀରେଖା ଦାସ, ମରୁତ ସାମଲ, ସଂଗ୍ରାମ ପରିଡ଼ା, ବୈଷ୍ଣବ ଖଣ୍ଡୁଆଳ ପ୍ରମୁଖ ସହଯୋଗ କରିଥିଲେ।

## ଦକ୍ଷିଣ ଆଫ୍ରିକାରେ ଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା

ରାଜନଗର, ୯।୯ (ସମିସ): ରାଜନଗର ବ୍ଲକ ଡାଙ୍ଗମାଳ ଗ୍ରାମର ବସୁଦେବ ବେହେରାଙ୍କ ବଡ଼ପୁଅ ନିଶିଦେବ ବେହେରା (୨୭ ବର୍ଷ) ଆତ୍ମହତ୍ୟା କରିଛନ୍ତି। ଦକ୍ଷିଣ ଆଫ୍ରିକାରେ ନିଶିଦେବ ଆତ୍ମହତ୍ୟା କରିଛନ୍ତି। ନିଶିଦେବ ୧୮ ମାସ ତଳେ ଦକ୍ଷିଣ ଆଫ୍ରିକାକୁ କାମ କରିବାକୁ ଯାଇଥିଲେ। ଗତକାଲି ରାତି ପ୍ରାୟ ୩ ଘଟିକା ସମୟରେ ଘରକୁ ଫୋନ କରି କଥା ହୋଇଥିଲେ। ମାତ୍ର ଭୋରୁ ଭୋରୁ ସେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଘରକୁ ଫୋନ ଆସିଥିଲା। ସେଠାରେ ରହୁଥିବା ରାଜକନିକା ଅଞ୍ଚଳର ଯୁବକ ନିଶିଦେବଙ୍କ ଘରକୁ ଫୋନ କରି ଜଣାଇଥିଲେ। ନିଶିଦେବ ଅଢେଇ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଦେଢବର୍ଷର ଗୋଟିଏ ପୁଅ ଅଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ।

### ବନ୍ୟା ଧୋଇନେଲା ପିଚୁ

# ବିଲିକଣା-ନରେନ୍ଦ୍ରପୁର ରାସ୍ତା ବିପର୍ଯ୍ୟସ୍ତ

ଆଳି, ୯।୯ (ସମିସ)

ବିଲିକଣାଠାରୁ ନରେନ୍ଦ୍ରପୁର ରାସ୍ତାର ସାଢ଼େ ୪ କିମି ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ଏହି ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ରାସ୍ତା ବଦଳରେ ଗର୍ତ୍ତର ଭ୍ରମ ସୃଷ୍ଟି କରୁଛି। ବନ୍ୟାରେ ପିଚୁ ଧୋଇଯାଇଥିବାରୁ ରାସ୍ତାର ଏଭଳି ଅବସ୍ଥା ସୃଷ୍ଟି ହୋଇଛି।



ନରେନ୍ଦ୍ରପୁର ପଞ୍ଚାୟତକୁ ସଂଯୋଗ କରୁଥିବା କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ବିଲିକଣାଠାରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ରାସ୍ତାର କିଛି କିଛି ସ୍ଥାନ ପ୍ରତ୍ୟେକ ବର୍ଷ ବନ୍ୟାରେ ବୁଡ଼ି ପାଣି ଚାଲିଥାଏ। ଚଳିତ ବର୍ଷ ଦୀର୍ଘଦିନ ଧରି ବନ୍ୟା ଲାଗିରହିଥିବାବେଳେ ଉକ୍ତ ପିଚୁ ରାସ୍ତା ଧୋଇଯାଇଛି। ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକାଦାର ପୋଷଣ ନୀତି ଯୋଗୁଁ ସାଧାରଣ ଲୋକ ପ୍ରତିବର୍ଷ ହନ୍ତସନ୍ତ ହେଉଛନ୍ତି। ଦୁଃଖର ବିଷୟ ଏହି ରାସ୍ତାର ବିଲିକଣା ନଦୀବନ୍ଧଠାରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପର୍ଯ୍ୟନ୍ତ ଓ ସେଠାରୁ ଗ୍ରାମ ଶେଷ ପର୍ଯ୍ୟନ୍ତ ପିଚୁ ରାସ୍ତା ମରାମତିର କିଛି ମାସ ନ ପୂରୁଣୁ ସାମାନ୍ୟ ବର୍ଷା ଓ ବନ୍ୟାରେ ଧୋଇଯାଇଛି। ଫଳରେ ଏହା ମରଣଯନ୍ତା ପାଲଟିଛି। ସେହିପରି ବିଲିକଣାଠାରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଶତାଧିକ ଖାଲ ହୋଇଥିବାରୁ ଯାତାୟାତରେ ବହୁ ସମସ୍ୟା ହେଉଛି। ନରେନ୍ଦ୍ରପୁର, ତରିପାଟଣା ଓ କଅଁରପୁର ଗ୍ରାମର ଲୋକଙ୍କ ସହ ସ୍କୁଲ କଲେଜ ଛାତ୍ରଛାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ବିଲିକଣାଠାରୁ ନରେନ୍ଦ୍ରପୁର ସରସ୍ୱତୀ ବିଦ୍ୟାମନ୍ଦିର ପୋଲ ଓ କଅଁରପୁର ଗ୍ରାମ ପର୍ଯ୍ୟନ୍ତ ରାସ୍ତାରେ ଅଧିକ ସଂଖ୍ୟକ ଯାନବାହନ ଚଳାଚଳ କରୁଥିବାବେଳେ ବନ୍ୟାରେ ବୁଡ଼ିଯାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ବିଭାଗ ରାସ୍ତା ନିର୍ମାଣ କରୁନି। ଫଳରେ ବନ୍ୟା ପୂର୍ବରୁ ଯେଉଁଠି ଖାଲଖମା ହୋଇଥିଲା ସେଠାରେ ଏବେ ଆଣ୍ଠୁଏ ଖାଲ ସହ ରଡ୍ ଦେଖାଯାଉଛି। ବର୍ଷକୁ ତିନିଥର ଏହି ରାସ୍ତା ମରାମତି ହେଉଥିଲେ ହେଁ ଅବସ୍ଥା ସୁଧୁରି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି। ଏ ରାସ୍ତା ଉପରେ ନରେନ୍ଦ୍ରପୁର ପଞ୍ଚାୟତର ତିନିଟି ଗ୍ରାମର ଲୋକେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି। ଏହାର ସ୍ଥାୟୀ ପ୍ରତିକାର ନ ହେଲେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ରାଜମୋହନ ସ୍ୱାଇଁ, ପ୍ରକାଶ ଭୂୟାଁ, ନକୁଳ ପରିଡ଼ା, ମହେଶ୍ୱର ଭୂୟାଁ, ରଞ୍ଜନ ଭୂୟାଁ, ଅରୁଣ ରାଉତ, ସ୍ମୃତିଜିତ ନାୟକ, ଅମର ସ୍ୱାଇଁ, ଅଭିଷେକ ସ୍ୱାଇଁ, ଓମ ରାଉତ, ଗୌତମ ଧଳ, ମନୋଜ ଧଳ, ଜ୍ଞାନେନ୍ଦ୍ର ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବୋଇତାଲୁପାଟଣା-ଅଳପୁଆ ନିକଟରେ କାଣୀନଦୀ ସେତୁ ନିର୍ମାଣ ଦାବି

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୯।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ସହିତ ଯାଜପୁର ଓ ଭଦ୍ରକ ଜିଲ୍ଲାକୁ ସିଧାସଳଖ ସଡ଼କ ପଥରେ ଯୋଗାଯୋଗ ଓ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବୋଇତାଲୁପାଟଣା-ଅଳପୁଆ ନିକଟରେ କାଣୀନଦୀ ଉପରେ ସେତୁ ନିର୍ମାଣ ପାଇଁ ଧୋୟାଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଧୋୟାଞ୍ଚଳରେ ଗମନାଗମନ ଏକ ମୁଖ୍ୟ ସମସ୍ୟା ହୋଇଥିବାବେଳେ ବ୍ରାହ୍ମଣୀ ସେତୁ ନିର୍ମାଣ କରାଯାଇ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ସିଙ୍ଗଗାଁ, ଅମୃତମଣୋହି, ବଲୁରିଆ ଆଦି ଧୋୟାଞ୍ଚଳର ସାତୋଟି ପଞ୍ଚାୟତକୁ ପଟ୍ଟାମୁଣ୍ଡାଇ ସଦର ମହକୁମା ସହିତ ସଂଯୋଗ କରାଯାଇଛି। ଏବେ ମଧ୍ୟ ଦୁର୍ଗମ ଧୋୟାଞ୍ଚଳର ଅନ୍ୟ ବ୍ଲକ୍ ସଦର ମହକୁମା ସହିତ ସ୍ଥଳ ପଥରେ ସଂଯୋଗୀକରଣ ପାଇଁ ବିଭିନ୍ନ ପ୍ରତିବନ୍ଧକ ରହିଛି। ବୋଇତାଲୁପାଟଣା-ଅଳପୁଆ ନିକଟରେ କାଣୀନଦୀରେ ସେତୁ ନିର୍ମାଣ କରାଗଲେ ଧୋୟାଞ୍ଚଳର ଅନ୍ୟ ବ୍ଲକ୍ ସଦର ମହକୁମା ସହିତ ସଂଯୋଗୀକରଣ ହୋଇପାରିବ ବୋଲି ଦାବି ହେଉଛି। ଏଥିପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି।

## ଶିକ୍ଷକ ଘନଶ୍ୟାମ ବଳଙ୍କୁ ଗୁରୁଗୌରବ ସମ୍ମାନ

ରାଜନଗର, ୯।୯ (ସମିସ): ଆଦର୍ଶ ଓ ଛାତ୍ର ବତ୍ସଳ ଶିକ୍ଷକ ଭାବେ ରାଜନଗର ବ୍ଲକ୍ ଅନ୍ତର୍ଗତ ପେଣ୍ଠ ଗ୍ରାମର ଘନଶ୍ୟାମ ବଳଙ୍କୁ ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। କଟକ ଟାଉନ ହଲ୍‌ରେ ଉତ୍କଳ ବିଦ୍ୟା ଗୌରବ ପରିଷଦ ଆନୁକୂଲ୍ୟରେ ସଭାପତି ପ୍ରଫେସର ନଟବର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ରାଜ୍ୟସ୍ତରୀୟ ଗୁରୁପୂଜନ ଓ ଗୁରୁ ଗୌରବ ସମ୍ମାନ ପ୍ରଦାନ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର କଳ୍ପତରୁ ଆଶ୍ରମ ମୁଖ୍ୟ ପରମହଂସ ଶ୍ରୀମଦ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଶ୍ରୀ ବଳଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରାକ୍ତନ କୁଳପତି ପ୍ରଫେସର ଓଁକାର ମହାନ୍ତି ମୁଖ୍ୟଅତିଥି, ଡାକ୍ତର ନିରଞ୍ଜନ ତ୍ରିପାଠୀ ମୁଖ୍ୟବକ୍ତା, ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ବିଶିଷ୍ଟ ଅତିଥି, ଡାକ୍ତର ଦୀପ୍ତିରାଣୀ ସାମନ୍ତ ଓ ଆଡଭୋକେଟ ଗୋକୁଳାନନ୍ଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## 'ଓଡ଼ିଆ ଭାଷା ସାହିତ୍ୟକୁ ରାମଚନ୍ଦ୍ର ମହାନ୍ତିଙ୍କ ଅବଦାନ ଅତୁଳନୀୟ'

ପାରାଦୀପ, ୯।୯ (ସମିସ): ସାହିତ୍ୟକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ ରାମଚନ୍ଦ୍ର ମହାନ୍ତି। ତାଙ୍କର ଓଡ଼ିଆ ଭାଷା ସାହିତ୍ୟକୁ ଅବଦାନ ଅତୁଳନୀୟ। ସେ ଥିଲେ ଲୋକଙ୍କ ଲେଖକ ବୋଲି ରାମଚନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଖ୍ୟାତ ଲେଖକ ରାମଚନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ ସ୍ଥାନୀୟ ପୋର୍ଟ କ୍ଲବଠାରେ ନାଟ୍ୟକାର ଡଃ ରଘୁନାଥ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୟାଗଡ ଜିଲ୍ଲାର ପ୍ରାକ୍ତନ ଜିଲ୍ଲାପାଳ ତଥା ବିଶିଷ୍ଟ ସ୍ତମ୍ଭକାର ସରୋଜକାନ୍ତ ଚୌଧୁରୀ ଯୋଗଦେଇ ରାମଚନ୍ଦ୍ର ମହାନ୍ତି ହେଉଛନ୍ତି ଲୋକଙ୍କ ଲେଖକ। କଥା ସାହିତ୍ୟରେ ଗ୍ରାମୀଣ ମଣିଷର ଜୀବନ ଚିତ୍ର ଅତ୍ୟନ୍ତ ବାସ୍ତବ ଭାବେ ଲିପିବଦ୍ଧ କରିଥିବାରୁ ସେ କାଳଜୟୀ ସ୍ରଷ୍ଟା ଭାବେ ଜନମାନସରେ ବଞ୍ଚି ରହିବେ ବୋଲି କହିଥିଲେ। ବକ୍ତା ଭାବେ ବିଶିଷ୍ଟ ଲେଖକ ସୁଧାଂଶୁ ମୋହନ ଶତପଥୀ, ସମ୍ମାନିତ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇ ଯୋଗ ଦେଇଥିଲେ। ନଗେନ୍ଦ୍ର ନାଥ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଲେଖକଙ୍କ ପୁତ୍ର ଇଂ ରାଜେଶ ମହାନ୍ତି ସୂଚନା ପ୍ରଦାନ କରିଥିଲେ। କବି ପ୍ରଭାତୀ ମାଝୀ ସଭା ସଂଯୋଜନା କରିଥିଲେ। ମୋନାଲିସା ସମ୍ପାଦିକା ସଂଘମିତ୍ରା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।




## ଗିରିବନ୍ଧରେ ଭାଗବତ ପାରାୟଣ ଓ ସମ୍ବର୍ଦ୍ଧନା ଉତ୍ସବ



ଆଳି, ୯।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ଦେମାଳ ପଞ୍ଚାୟତ ଆଦର୍ଶ ଗ୍ରାମ ଗିରିବନ୍ଧରେ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଓଁ ନମୋ ଭଗବତେ ବାସୁଦେବାୟ ସପ୍ତା କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ୨୦୨୪ ଓପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଗିରିବନ୍ଧ ଗ୍ରାମର ରବୀନ୍ଦ୍ର ସେନାପତି ଓ ଉର୍ମିଳା ସେନାପତିଙ୍କ ଝିଅ ବର୍ଷା ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର, ଜଗନ୍ନାଥଙ୍କ ଫଟୋଚିତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଯୁବ ଚିତ୍ର କଳାକାର ସତ୍ୟଜିତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ସାମଲ ପରିଚାଳନା କରିଥିବାବେଳେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁଭାଶିଷ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଦୀପକ ନାୟକ, ବିଜୟ ସେନାପତି, ସୁରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। କମିଟି ସଭାପତି ସନାତନ ପାତ୍ର, ସମ୍ପାଦକ ମହେଶ୍ୱର ପାତ୍ର, ବିଷ୍ଣୁଚରଣ ପାତ୍ର, ଝଙ୍କାମଣି ସାମଲ, ଲକ୍ଷ୍ମଣ ପାତ୍ର, ମାନସ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭିତରକନିକା ଜଙ୍ଗଲରେ ୬ ଦିନ ମାଆପୁଅ

## ଜୁଆର ପାଣି ପିଇ, ଗଛ ଉପରେ ବସି ରହିଥିଲେ

ରାଜନଗର, ୯।୯ (ସମିସ): ଭିତରକନିକା ଜଙ୍ଗଲରେ ବାଟବଣା ହୋଇ ୬ ଦିନ ଧରି ନିଖୋଜ ହୋଇଯାଇଥିବା ମାଆପୁଅଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବନ ବିଭାଗ ପକ୍ଷରୁ ୧୦ଟି ଟିମରେ ପ୍ରାୟ ୧୦୦ ଜଣ ତନଖି କରି ମାଆପୁଅଙ୍କୁ ଠାବ କରି ସୁରକ୍ଷିତ ଉଦ୍ଧାର କରିଥିଲେ। ନିଘଞ୍ଚ ଜଙ୍ଗଲ ମଧ୍ୟରେ ଗାଁଠାରୁ ପ୍ରାୟ ୨୦ କିମି ଦୂରରେ ମାଆପୁଅଙ୍କୁ ଠାବ କରାଯାଇଥିଲା। ଜଙ୍ଗଲ ମଧ୍ୟରେ ୫ ଦିନ କିଛି ନ ଖାଇ କେବଳ ପାଣିପିଇ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିଲେ। ଉଦ୍ଧାର ହୋଇଥିବା ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗ୍ରାମର ଦିଲ୍ଲୀପ ମିର୍ଦ୍ଧାଙ୍କ ପତ୍ନୀ ଅଞ୍ଜନା ମିର୍ଦ୍ଧା ଓ ତାଙ୍କ ପୁଅ ରତିକାନ୍ତ ମିର୍ଦ୍ଧାଙ୍କ କହିବା କଥା ହେଲା ସେମାନେ କଙ୍କଡା ଧରିବାକୁ ଯାଇ ବାଟବଣା ହୋଇଯାଇଥିଲେ। ବାଟ ଖୋଜୁ ଖୋଜୁ ନିଘଞ୍ଚ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ। ରାତି ହେବା ପରେ ବାଟ ପାଇ ନ ଥିଲେ। କୌଣସି ପ୍ରକାରେ ପ୍ରଥମ ଦିନ ଗଛ ଉପରେ ରହିଥିଲେ। ପରଦିନ ବାଟ ଖୋଜି ଖୋଜି ୧୦/୧୫ କିମି ଚାଲିବା ପରେ ବି ବାଟ ପାଇଥିଲେ। ଏହାପରେ ଜୁଆର ପାଣି ପିଇ ଗଛ ଉପରେ ବସି ରହିଥିଲେ। ବଞ୍ଚିବାର ସବୁ ଆଶା ଛାଡ଼ିଦେଇଥିଲେ। ଷଷ୍ଠ ଦିନ ବୋଟ ଶବ୍ଦ ଶୁଣି ଡାକିଥିଲୁ। ଆମ ଡାକ ବୋଟ ପାଖରେ ପହଞ୍ଚିଥିଲା। ସେମାନେ ଆମକୁ ଉଦ୍ଧାର କରି ଆଣିଥିଲେ। ଭଗବାନଙ୍କ ଦୟାରୁ ଆମେ ନୂଆ ଜୀବନ ପାଇଛୁ ବୋଲି ଅଞ୍ଜନା ଓ ରତିକାନ୍ତ କହିଛନ୍ତି।

### ଏଣ୍ଟୁଳାପୁର ଗାଁରେ ପାନୀୟଜଳ ଅଭାବ

# ପୋଖରୀ ପାଣି ପିଉଛନ୍ତି ୭୦ ପରିବାର

ରାଜକନିକା, ୯।୯ (ସମିସ)



ସବୁ ଘରକୁ ପିଇବା ପାଣି ଯୋଗାଇ ଦେବାକୁ ସରକାର ଘୋଷଣା କରିଛନ୍ତି। ତେବେ ଏହା କାର୍ଯ୍ୟକାରୀ ହୋଇନି। ଫଳରେ ଏଣ୍ଟୁଳାପୁର ଗ୍ରାମର ଲୋକେ ଏବେ ବି ପିଇବା ପାଣି ପାଇଁ ପୋଖରୀ ଉପରେ ନିର୍ଭର କରୁଛନ୍ତି। ଏହି ଗ୍ରାମର ୭୦ ପରିବାରର ୩ ଶହ ଲୋକ ପୋଖରୀ ପାଣି ପିଉଛନ୍ତି। ଏକମାତ୍ର ଉତ୍ସ ନଳକୂପ ଖରାପ ହେବା ନୂଆ ନଳକୂପ ଖୋଳିବାକୁ ବହୁବାର ଦାବି ପରେ ପାନୀୟଜଳ ଓ ପରିମଳ ବିଭାଗ ଶୁଣୁନାହିଁ। ଏକାଧିକ ଥର ବ୍ଲକ, ଜିଲ୍ଲାପାଳଙ୍କୁ ଜଣାଇ ଆସୁଥିବା ଗାଁ ଲୋକେ ଆଜି ଆଳିରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ପୁଣି ଅଭିଯୋଗ କରିଛନ୍ତି।

ଏଣ୍ଟୁଳାପୁର ଗ୍ରାମରେ ନଳକୂପ ନ ଥିବାରୁ ବାଧ ହୋଇ ଏହି ଗାଁ ଲୋକେ ପୋଖରୀ ପାଣି ପିଇବାକୁ ବାଧ ହେଉଥିବା କହିଛନ୍ତି। ଏ ସମ୍ପର୍କରେ ରାଜକନିକା ଆରଡବ୍ଲ୍ୟୁଏସଏସ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏକମାତ୍ର ନଳକୂପ ଖରାପ ହେବା ସ୍ୱୀକାର କରିଥିବାବେଳେ ମୁଁ ଉପରିସ୍ଥ

**ଜିଲ୍ଲାପାଳଙ୍କୁ ଅଭିଯୋଗକଲେ ଗ୍ରାମବାସୀ**

ଅଧିକାରୀଙ୍କୁ ଜଣାଇଛନ୍ତି। ଅନୁମୋଦନ ଆସିଲେ ନିଶ୍ଚିତ ସେଠାରେ ନଳକୂପ ସ୍ଥାପନ କରାଯିବ। ଏହି ଗାଁକୁ ସ୍ୱଜଳ ଧାରା ଯୋଜନାରେ ପାଇପ ପାଣି ଯୋଗାଇ ଦିଆଯାଉଛି। ଲୋକେ କ'ଣ ପାଇଁ ପୋଖରୀ ପାଣି ପିଇବେ ବୋଲି ପ୍ରଶ୍ନ କରିଛନ୍ତି। ବଜରପୁରରେ ଥିବା ଟାଙ୍କିରୁ ଏହି ଗାଁକୁ ସ୍ୱତନ୍ତ୍ର ଭାବେ ନିର୍ଦ୍ଦିଷ୍ଟ ସମୟରେ ପାଇପ ପାଣି ଯୋଗାଇ ଦିଆଯାଉଛି। ଲୋକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ଆମେ ସେଠାରେ ଯଦି ନୂଆ ନଳକୂପ ଆସେ ବସାଇବୁ ବୋଲି କହିଛନ୍ତି।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

ଡେରାବିଶ, ୯।୯ (ସମିସ): ଡେରାବିଶ ବ୍ଲକ୍ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଅନୁଆପଡ଼ା ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ ମୁରଲୀଧର ଆଚାର୍ଯ୍ୟଙ୍କ ପତ୍ନୀ ସରସ୍ୱତୀ ଆଚାର୍ଯ୍ୟ (୯୬)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ମୁରଲୀଧର ଆଚାର୍ଯ୍ୟ ଦୋହଳି ମଡ଼େଲ ହାଇସ୍କୁଲ, ଯାଜପୁର ଜିଲ୍ଲାର ନନ୍ଦକିଶୋର ବିଦ୍ୟାମନ୍ଦିର, କଟକ ଜିଲ୍ଲାର ଅସୁରେଶ୍ୱର ହାଇସ୍କୁଲ ପରେ ଇନ୍ଦୁପୁର ହାଇସ୍କୁଲ, କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ କୋରୁଅ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ ଅବସ୍ଥାପିତ ଥିବାବେଳେ ସରସ୍ୱତୀ ଅଚାର୍ଯ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମାଆ ଭଳି ସ୍ନେହ ଓ ଆଦର କରୁଥିଲେ। ସନ୍ଧ୍ୟାରେ ପଡ଼ିଶା ଗାଁରେ ଧର୍ମଚର୍ଚ୍ଚା କରୁଥିଲେ। ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ରମାକାନ୍ତ ମୁଖାଗ୍ନି ଦେଇଥିଲେ।

## ଲକ୍ଷ୍ମୀନାରାୟଣପୁର-ବେଲାରପୁର ରାସ୍ତା ମରଣଯନ୍ତା



ପଞ୍ଚୁପାଣ୍ଡବ, ୯।୯ (ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭୁଜବଳ ଗ୍ରାମ ଦେଇ ଯାଇଥିବା ଲକ୍ଷ୍ମୀନାରାୟଣରୁ ବେଲାରପୁର ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଏତେ ବଡ଼ ବଡ଼ ଖାଲ ହୋଇଛି ଯେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ପ୍ରତିଦିନ ହଜାର ହଜାର ଲୋକ ଓ ଗାଡ଼ି ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ବେଣୀପୁର, ମଙ୍ଗଳପୁର, ଛୋଟି, ରଘୁଦେଇପୁର, କୁରୁଜଙ୍ଗା ଓ ନହଙ୍ଗ ପଞ୍ଚାୟତରର ଲୋକେ ଚାଟରାଚକଡା ପଞ୍ଚାୟତର ଛତାରେ ଥିବା ଡେରାବିଶ ତହସିଲ ଅଫିସ, ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବାବେଳେ ସାଇକଲରେ ଛାତ୍ରଛାତ୍ରୀ ସ୍କୁଲ ଓ କଲେଜ ଯାଉଛନ୍ତି। ଏହି ରାସ୍ତାରେ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିବାବେଳେ କାହା ଆଖିରେ ଏହା ପଡୁନି। ରାସ୍ତା କାମ ହେଉଥିବାବେଳେ ଆରଡି ବିଭାଗ ଅଧିକାରୀ ମାନେ ଉପସ୍ଥିତ ନ ରହୁ ଥିବାରୁ କେତେକ ରାସ୍ତାରେ ପିଚୁ ଫାଟି ଆଁ କରିଥିବା ବେଳେ କେତେକ ରାସ୍ତା ଦବିଯାଇଥିବା ଦେଖିବାକୁ ମିଳୁଛି। ଡେରାବିଶ ବ୍ଲକର ବହୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ଯେତେ ଅଭିଯୋଗ କଲେ ମଧ୍ୟ ସରକାର ହେଉ କି ପ୍ରଶାସନିକ ଅଧିକାରୀ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ରାସ୍ତା ମରାମତି କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନିହଳପ୍ରସାଦରେ ବେଆଇନ ଖଣି ବନ୍ଦ ଦାବି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ମହିଳା ଓ ପୁରୁଷ

ଢେଙ୍କାନାଳ, ୯।୯ (ସମିସ): ନିହଳପ୍ରସାଦ ଥାନା ଅଧୀନ ବାଘଲପୁର-ନିହଳପ୍ରସାଦରୋଡ୍ ମେଟାଲ-୧ କଳାମୁଗୁନି




ପଥର ଖଣିକୁ ବନ୍ଦ କରିବା ସହିତ ବେଆଇନ ବ୍ଲାଷ୍ଟିଂକୁ ନେଇ ଶତାଧିକ ମହିଳା ଓ ପୁରୁଷ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି। ନିହଳପ୍ରସାଦ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବାଘଲପୁରରେ ଥିବା ନିହଳପ୍ରସାଦରୋଡ ମେଟାଲ-୧ କଳା ମୁଗୁନି ପଥର ଖଣି ଅଜିତ ସାହୁ ୫ବର୍ଷ ପାଇଁ ନିଲାମ ପାଇଛନ୍ତି। ବ୍ଲାଷ୍ଟିଂ ଅନୁମତି ନଥାଇ ସେ ଖଣିରେ ବେଆଇନ ଭାବରେ ବ୍ଲାଷ୍ଟିଂ କରିବା ସହିତ ପ୍ରଶାସନକୁ ଡଞ୍ଚକତା କରି ଭୁଲ ତଥ୍ୟପ୍ରଦାନ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ସେ ପାଇଥିବା ଖଣି ୨୦୨୧-୨୨ରେ ହୋଇ ମଧ୍ୟ ୨୦୧୯ରେ କିପରି ଜିଲ୍ଲାପାଳଙ୍କ ଆଦେଶ କାର୍ଯ୍ୟକାରୀ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଆଦେଶରେ ନିହଳପ୍ରସାଦରୋଡ ମେଟାଲ-୧ରେ ବିସ୍ଫୋରକ ବ୍ୟବହାର ପାଇଁ ଆଦେଶ ଥିବା ବେଳେ ବ୍ୟବହାର ପାଇଁ କୌଣସି ଆଦେଶ ନଥିଲା। କିନ୍ତୁ ସେ ପ୍ରଶାସନକୁ ପେସୋର ଆଦେଶ ଦେଖାଇ ପୁରୁଣା ଖଣିରେ ବିସ୍ଫୋରକ ସାମଗ୍ରୀ ରଖିବାର ଆଦେଶ ଥିଲା। ଆରଟିଆଇ ମାଧ୍ୟମରେ ମିଳିଥିବା ସୂଚନା ଅନୁସାରେ ଡିଡିଏମଙ୍କ ଠାରୁ ମିଳିଥିବା ପତ୍ର ସଂଖ୍ୟା ୧୨୦୪/୨୦୨୫ରେ କେବଳ ଜଣକୁ ଛାଡିଦେଲେ ଅନ୍ୟ କୌଣସି ଲିଜଧାରୀଙ୍କୁ ଜିଲ୍ଲାପାଳ ବ୍ଲାଷ୍ଟିଂ ଅନୁମତି ପ୍ରଦାନ କରିନଥିବାର ଜଣାପଡିଛି। ଆଦେଶକୁ ଉଲଙ୍ଘନ କରି କିପରି ବ୍ଲାଷ୍ଟିଂ କରାଯାଉଛି ତାହାର ତଦନ୍ତ ଦାବି କରାଯାଇଛି। ସେହିପରି ବ୍ଲାଷ୍ଟିଂ ସ୍ଥାନଠାରୁ ମାତ୍ର ୨ଶହ ମିଟରରେ ଜନବସତି ଥିବାରୁ ଘର ଭାଙ୍ଗିବା ସହିତ ଧନଜୀବନ ପ୍ରତି ବିପଦ ରହୁଛି। ଲଘୁ ଖଣିଜ ନିଲାମ ପାଇଁ ୫ବର୍ଷ ସମୟ ଥିବା ବେଳେ ତାହା କିପରି ୨୦୨୭କୁ ବୃଦ୍ଧି କରାଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ହୋଇଛି। ଲିଜଧାରୀ ଓଏମଏମସି ନିୟମ ୨୦୧୬ ଧାରା ୨୭(୧୩) ଅନୁସାରେ ଫର୍ମ-ଏନ ଅନୁଯାୟୀ ନିର୍ଣ୍ଣୟ ହୋଇଥିବା ଟଙ୍କାଠାରୁ କମ ଟଙ୍କାରେ ରେଜିଷ୍ଟ୍ରେସନ ହୋଇଥିବାରୁ ସରକାରଙ୍କ ରାଜସ୍ୱହାନୀ ହେଉଛି ବୋଲି ଅଭିଯୋଗ ହେଉଛି। ଲିଜଧାରୀ ନିହଳପ୍ରସାଦରେ ପାଇଥିବା ପ୍ଲଟ ବ୍ୟତିତ ରଖିତ ଖାତାର ପ୍ଲଟ ନଂ ୨୧୦୬/୨୧୦୦/୨୦୯୪/୧୯୨୦/୧୯୨୧/୧୯୩୩/୧୯୩୪/୧୯୨୩/୧୯୨୪/୨୦୯୦ରୁ ବେଆଇନ ଭାବରେ ଖଣି ଖାଦାନ କରୁଥିବାର ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ଏହାର ତଦନ୍ତ ସହିତ ଖଣିକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ ଦାବି କରିଛନ୍ତି।

### କଳାମୁଗୁନି ପଥର ଓ ରୋଡ୍ ମେଟାଲ କ୍ୱାରୀ ବନ୍ଦ ନିର୍ଦ୍ଦେଶ



ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲାରେ ବେଆଇନ ଭାବରେ ବିଭିନ୍ନ ଖଣି ଖାଦାନରେ ମାଫିଆମାନେ ବିସ୍ଫୋରଣ କରୁଥିବାର ଜଣାପଡିଥିଲା। ଜିଲ୍ଲାରେ ବିସ୍ଫୋରଣ ପାଇଁ ଅନୁମତି ପ୍ରଦାନ କରାଯାଇନଥିବା ବେଳେ ତୁରନ୍ତ ଖଣି ଖାଦାନରେ ବିସ୍ଫୋରଣକୁ ବନ୍ଦ କରିବାକୁ ଖଣି ଅଧିକାରୀଙ୍କ ପତ୍ରସଂଖ୍ୟାରେ ସମସ୍ତ ଲଘୁଖଣି ଲିଜଧାରୀ ଏବଂ କଳାମୁଗୁନି ପଥର, ରୋଡ ମେଟାଲ କ୍ୱାରୀ ମାଲିକମାନଙ୍କୁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଖଣି ଲିଜଧାରୀଙ୍କ ଅଧିକାରୀଙ୍କ ତରଫରୁ ବାରମ୍ବାର ଖଣି ଅନୁମତି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ତାହାକୁ ଖାତିର ନକରି ଲିଜଧାରୀମାନେ କାର୍ଯ୍ୟ କରିଆସୁଛନ୍ତି। ଫଳରେ ଖଣି ଅଧିକାରୀଙ୍କ ତରଫରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯିବା ସହିତ ଜିଲ୍ଲାପାଳ ଓ ତହସିଲଦାରମାନଙ୍କୁ ଅବଗତ କରାଯାଇଛି।

## ମା' ତାରେଣୀଙ୍କ ବିଶେଷ ପୂଜାର୍ଚ୍ଚନା



ଢେଙ୍କାନାଳ, ୯।୯ (ସମିସ): ସ୍ଥାନୀୟ ଗାନ୍ଧୀମନ୍ଦିର ରୋଡସ୍ଥିତ ମା'ତାରିଣୀଙ୍କ ପୀଠରେ ଆଜି ଆଶ୍ୱିନ ମାସର ନିଶା ମଙ୍ଗଳବାର ଥିବାରୁ ମା'ଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଇଛି। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲହାର, ବିଭିନ୍ନ ପ୍ରକାରର ଭୋଗ ସହ ମଧ୍ୟାହ୍ନରେ ପଣା ଲାଗି ହୋଇଥିଲା। ସନ୍ଧ୍ୟାରେ ଆଳତୀ ପରେ ପହଡ଼ ପଡ଼ିଥିଲା।

## ସହିଦ ବାଜିରାଉତଙ୍କ ଶତବାର୍ଷିକ ଜୟନ୍ତୀ ପାଳନ ପ୍ରସ୍ତୁତି



ଢେଙ୍କାନାଳ, ୯।୯ (ସମିସ): ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ସହିଦ ବାଜିରାଉତଙ୍କ ଶତବାର୍ଷିକୀ ଜନ୍ମ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ ସହିଦ ବାଜି ରାଉତଙ୍କ ଢେଙ୍କାନାଳ ମାଟି ପାଇଁ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କିଭଳି ତାଙ୍କର ଜନ୍ମ ଜୟନ୍ତୀକୁ ମହାଆଡ଼ମ୍ବର ସହ ପାଳନ କରାଯିବ ସେନେଇ ଆଲୋଚନା କରିଥିଲେ। ଶତବାର୍ଷିକୀ ଜନ୍ମ ଜୟନ୍ତୀ ଅକ୍ଟୋବର ୫, ୨୦୨୫ରୁ ଆରମ୍ଭ ହୋଇ ଅକ୍ଟୋବର ୫,୨୦୨୬ ପର୍ଯ୍ୟନ୍ତ ଚାଲିବ। ତେବେ ଏହି ବର୍ଷ ତମାମ ଜୟନ୍ତୀ ସମାରୋହର ରୂପରେଖ କଣ ରହିବ, ତାହାର ବିସ୍ତୃତ ବିବରଣୀ ଦେବା ପାଇଁ ସେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ସେ ସହିଦ ବାଜି ରାଉତଙ୍କ ନାମରେ ପାର୍କ, ସଂଗ୍ରହାଳୟ, ମାର୍ଗ ଇତ୍ୟାଦି କରିବା ପାଇଁ ନିଜର ମତାମତ ପ୍ରଦାନ କରିଥିଲେ। ଏଥିସହିତ ସେ କହିଥିଲେ ସହିଦ ବାଜି ରାଉତଙ୍କ ବଳିଦାନ ସମ୍ପର୍କରେ ପରପିଢ଼ିଙ୍କୁ ଜଣାଇବା ଆମର କର୍ତ୍ତବ୍ୟ, ତେଣୁ ଆମେ ଏଦିଗରେ ଦାୟିତ୍ୱବାନ ହେବା ଆବଶ୍ୟକ। ବୈଠକରେ ବିଧାୟକ ପରଜଙ୍ଗ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ କହିଥିଲେ ଯେ, ଏହି ଜନ୍ମ ଜୟନ୍ତୀ ସମାରୋହ ତୃଣମୂଳସ୍ତରରୁ ହେବା ଆବଶ୍ୟକ। ଯାହାଦ୍ୱାରା କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଲୋକ ଜଡ଼ିତ ହେଇପାରିବେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ରାଜ୍ୟସ୍ତରୀୟ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଆଇଚ ଓ ଜିଲ୍ଲାସ୍ତରରେ ଥିବା ବାଜି ରାଉତ ସ୍ମୃତି ପରିଷଦର ସଭାପତି କୋଦଣ୍ଡଧର ସାହୁ, ଏହି ଶତବାର୍ଷିକୀ ଜନ୍ମ ଜୟନ୍ତୀ ପାଇଁ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶେଷରେ ଅତରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠି, ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଗଣ ଯୋଗଦେଇଥିଲେ।

## ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ବିୟୋଗ

ଖଜୁରିଆକଟା, ୯।୯ (ସମିସ): ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଅଧୀନ ସାନହିନ୍ଦୋଳ ଗ୍ରାମର ନିରଞ୍ଜନ ସାହୁ (୬୯) ଙ୍କ ପରଲୋକ ଘଟିଛି। ସେ ଢେଙ୍କାନାଳ ବିଦ୍ୟୁତ ସେକ୍ସନରେ ଦୀର୍ଘ ୪୦ ବର୍ଷ ନିରବିଚ୍ଛିନ୍ନ ଭାବେ ଲାଇନ ମ୍ୟାନ ଭାବେ ସେବା ଯୋଗାଇଦେଇ ଅବସର ନେଇଥିଲେ। ସେ ଏକ ବର୍ଷ ହେବ ଅସୁସ୍ଥ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ ସମେତ ପୁତ୍ର, ବୋହୂ, ନାତି, ନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ଜଣାଶୁଣା ତଥା ଉଦାର ବ୍ୟକ୍ତି ଥିଲେ। ମୃତ ଖବର ପାଇ ଗାଁରେ ଶୋକପ୍ରକାଶ ପାଇଛି। ତାଙ୍କ ମରଶରୀରକୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ଖଜୁରିଆକଟା ବିଦ୍ୟୁତ ବିଭାଗରେ ଲାଇନମ୍ୟାନ ଭାବେ କାର୍ଯ୍ୟରତ ତାଙ୍କ ପୁତ୍ର ଗଦାଧର ସାହୁ ମୁଖାଗ୍ନି ଦେଇଥିଲେ।



## ପରଜଙ୍ଗରେ ଖୁଦୁରୁକୁଣୀ ଭସାଣି ଉତ୍ସବ

ପରଜଙ୍ଗ, ୯।୯ (ସମିସ): ପାର୍ବଣରେ ଖୁଦୁରୁକୁଣି ଓଷା ଏକ ସ୍ୱତନ୍ତ୍ର ନିଆରା ପର୍ବ ଭାବେ ପରିଚିତ। ବ୍ରତଧାରୀ ଝିଅ, ବୋହୂମାନେ ଗତ ଅଗଷ୍ଟ ୧୦ ତାରିଖ ୧ମ ପାଳି ରବିବାରଠାରୁ ୫ମ ପାଳିର ରବିବାର ପର୍ଯ୍ୟନ୍ତ ନିଷ୍ଠାର ସହିତ ରହି ଭାଦ୍ରବ ମାସର ଇନ୍ଦୁପୂର୍ଣ୍ଣିମା ଦିନ ଉଦ୍‌ଯାପିତ କରିଥିଲେ। ଓଷା ବହୁ ବର୍ଷ ଧରି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମରେ ପାଳନ ହୋଇଆସୁଥିବା ବେଳେ ଚଳିତ ବର୍ଷ ଗ୍ରାମର ବିଭିନ୍ନ ସାହି ମାନଙ୍କରେ ଖୁବ ଆଡମ୍ବର ସହକାରେ ପାଳିତ ହୋଇଥିଲା ଖୁଦୁରୁକୁଣୀ ଓଷା। ଗ୍ରାମର ଗଡ଼ଭିତର ସାହିର ଝିଅ ବୋହୂମାନେ ପୂର୍ବ ପରମ୍ପରାକୁ ବଜାୟ ରଖି ଚଳିତ ବର୍ଷ ସର୍ବ ମା' ମଙ୍ଗଳା ଠାକୁରାଣୀଙ୍କୁ ପୂଜାମଣ୍ଡପ ଆସ୍ଥାନରେ ରଖି ଦିନ ବ୍ୟାପୀ ନିଷ୍ଠାରେ ରହି ଦିନରେ ପୋଖରୀ ହୁଡ଼ାରେ ବାଲୁକା ପୂଜା ଓ ସନ୍ଧ୍ୟାରେ ବ୍ରତଧାରୀ ଭୋଗ ସାମଗ୍ରୀ ଧରି ମା'ଙ୍କ ପୂଜାସ୍ଥଳକୁ ଯାଇ ରୀତିନୀତି ଅନୁସାରେ ପୂଜା କରିବା ସହ ବହି ପଠନ କରିଥିଲେ। ଘଣ୍ଟ ଘଣ୍ଟା ବାଦ୍ୟ ସାଙ୍ଗକୁ ହୁଳହୁଳିରେ ମା'' ଙ୍କ ଆସ୍ଥାନସ୍ଥଳୀ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇପଡ଼ିଥିଲା। ବହୁ ବର୍ଷ ଧରି ଗଡଭିତର ସାହିର ଖୁଦୁରୁକୁଣୀ ଓଷା ଏବଂ ତଅପୋଇ ବିବାହ ସ୍ୱତନ୍ତ୍ର ନିଆରା ରହିଥିଲା। ସୋମବାର ସନ୍ଧ୍ୟାରେ ଓଷା କୋଠୀରୁ ଠାକୁରାଣୀଙ୍କୁ ଧରି ଭସାଣି ଅଭିମୁଖେ ବାହାରିଥିଲା। ବାଜା ବାଣ, ମହିଳା କୀର୍ତ୍ତନ ମଣ୍ଡଳୀ ଏହା ସାଙ୍ଗକୁ ସାଉଣ୍ଡର ତାଳେ ତାଳେ ସାହିର ଝିଅମାନଙ୍କ ନାଚ ପରିବେଷଣ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ସାହିର ଖୁଦୁରୁକୁଣୀ ଭସାଣି ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଥିବା ବେଳେ ପୂଜା କମିଟିର ଲିପ୍ସା ପରିଡା, ରେଣୁବାଳା ସାମଲ, ଅଲି ନାୟକ, ବାଜେଣୀ ଦଳବେହେରା, ପ୍ରମୋଦିନୀ ସାମଲ, ଲଭଲି ସାମଲ, ସିଲି ସାମଲ, ମୀରା ସାମଲ, ସୋନାଲି ଦେହୁରୀ, ଅପରାଜିତା ସାମଲ, ଭାଗ୍ୟଶ୍ରୀ ସାମଲ, ପ୍ରଜ୍ଞାପରମିତା ସାମଲ, ଟଟଲି ସାମଲ, ବର୍ଷା ଦେହୁରୀ, ନୀତୁ ଦଳବେହେରା, ପ୍ରମିଳା ରାଉତ ସମେତ ସାହିର ସମସ୍ତ ଝିଅ ବୋହୂ ମାନେ ଭସାଣି ଉତ୍ସବରେ ସାମିଲ ଥିଲେ। ସେହିପରି ସାହିର ମୁଖ୍ୟ ପଣ୍ଡେଇ ବିଶ୍ୱାଳ, ସୁବ୍ରତ ପରିଡା, ଅନ୍ତର୍ଯ୍ୟାମୀ ନାୟକ, କାଳିଆ ସାମଲ, ତାରାପ୍ରସାଦ ନାୟକ ଓ ଅନ୍ୟମାନଙ୍କ ସହଯୋଗରେ ଭସାଣି ଉତ୍ସବ ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।



■ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

## ଅନୁଗୋଳ ସନ୍ତରାବନ୍ଧ ଚାମ୍ପିଅନ ହୋଇ ଜାତୀୟସ୍ତରକୁ ଉନ୍ନିତ



ଢେଙ୍କାନାଳ, ୯।୯ (ସମିସ): କୋଏମ୍ବାଟୁରର ସଦଗୁରୁଙ୍କ ସଂସ୍ଥାପିତ "ଇଶା ଫାଉଣ୍ଡେସନ୍' ଆନୁକୂଲ୍ୟରେ କିଟ୍ ବିଶ୍ୱ ବିଦ୍ୟାଳୟର ଆଭ୍ୟନ୍ତରିଣ କ୍ରୀଡାଙ୍ଗନାରେ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍‌ସ୍ଥିତ ପାଇକପୁରୁଣାକୋଟର ପାରିମାଳ ହାଇସ୍କୁଲ୍ ଖେଳପଡିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଅନୁଗୁଳ ସନ୍ତରାବନ୍ଧ ଭଲିବଲ୍ ଟିମ୍ ଚାମ୍ପିଅନ୍ ହୋଇ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଯୋଗଦେଇଥିଲା। ସେଠାରେ ଏହି ଦଳ ଚାମ୍ପିଅନ ହୋଇ ଜାତୀୟସ୍ତରରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଚଳିତ ସେପ୍ଟେମ୍ବର ୨୧ ତାରିଖରେ ଇଶା ଫାଉଣ୍ଡେସନ୍‌ର କୋଇମ୍ବାଟୁର୍ ସ୍ଥିତ ସଦ୍‌ଗୁରୁଙ୍କ ନିଜସ୍ୱ ଆଶ୍ରମ ପରିସରରେ ତାଙ୍କ ଉପସ୍ଥିତିରେ ଅନୁଗୁଳ ସନ୍ତରାବନ୍ଧ ଭଲିବଲ୍ ଟିମ୍ ଜାତୀୟସ୍ତରରେ ନିଜର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିବ। ଏହି ଦଳ ଖୋର୍ଦ୍ଧାର "କୁସୁମାତି ବ୍ଲକର ଦଳକୁ ୨୫-୧୫ ଓ ୨୫-୧୭ ପଏଣ୍ଟରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଢେଙ୍କାନାଳ ଜିଲ୍ଲାର ଟୁର୍ଣ୍ଣାମେଣ୍ଟ ସଂଯୋଜକ ଶିଳ୍ପଦ୍ୟୋଗୀ ସୌମେନ୍ଦୁ ପଟ୍ଟନାୟକ, ଜିଲ୍ଲାସ୍ତରୀୟ ଉଦଘାଟନ ଦିବସ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଉଦଯାପନ ଦିବସର ମୁଖ୍ୟ ଅତିଥି ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ ଏବଂ ଉଭୟ ଦିନର ସମ୍ମାନିତ ଅତିଥି ଶିକ୍ଷାବିତ ସମାଜସେବୀ ପ୍ରଦ୍ୟୁମ୍ନ ରଥ ବିଜୟୀ ସନ୍ତରାବନ୍ଧ ଦଳକୁ ଶୁଭେଚ୍ଛା ଜଣାଇବା ସହ ଜାତୀୟସ୍ତରରେ ବିଜୟୀ ହୋଇ ଓଡିଶା ପାଇଁ ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଛନ୍ତି। ଜାତୀୟ ସ୍ତରରେ ଚାମ୍ପିଅନ ଦଳ ପାଇଁ ୫ଲକ୍ଷ ଟଙ୍କା ଏବଂ ରନର୍ସଅପ ଦଳ ପାଇଁ ୩ଲକ୍ଷ ଟଙ୍କା ପୁରସ୍କାର ରଖାଯାଇଛି।

## ବଜରଙ୍ଗ କ୍ଲବ୍ ଗଣେଶ ପୂଜାରେ ସଞ୍ଜୁଡ଼ି ଭୋଗ ଲାଗି

ଢେଙ୍କାନାଳ, ୯।୯ (ସମିସ): ସଦରବ୍ଲକ ଅଧୀନ କାଙ୍କଡପାଳ ନୂଆ ସାହି ବଜରଙ୍ଗ କ୍ଲବ ୪୬ତମ ଗଣେଶ ପୂଜା ୨୭ ତାରିଖଠାରୁ ଆରମ୍ଭ ହୋଇଥିବା ଆଜି ପୂଜାର ୧୨ ଦିନରେ ଗଣେଶଙ୍କ ପାଖରେ ଅନ୍ନ ସଂଖୁଡି ଭୋଗ ଲାଗି କରାଯାଇଛି। ଭକ୍ତମାନେ ମହା ଆନନ୍ଦରେ ୧୦୦୦ରୁ ଅଧିକ ଲୋକପ୍ରସାଦ ସେବନ କରିଥିଲେ। ମୁଖ୍ୟ ଅତିଥି ଭାବେ ଗ୍ରାମ ସଭାପତି ଚନ୍ଦନ ମହାନ୍ତି, ସମ୍ପାଦକ ପୁରୁଷୋତ୍ତମ ଦାସ, ପୁରାତନ ସଭାପତି ପ୍ରମୋଦ ପଣ୍ଡା ଓ ଶ୍ରୀନିବାସ ନାୟକ ପ୍ରମୁଖ ଯୋଗଦେଇ ଭସାଣୀ ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଦିବସରେ କାଙ୍କଡପାଳ ନୂଆସାହି ସଂକୀର୍ତ୍ତନ ମଣ୍ଡଳୀ ଓ ରେଙ୍ଗୁଳା ସଙ୍କୀର୍ତ୍ତନ ମଣ୍ଡଳୀକୁ ବାଦି ସଙ୍କୀର୍ତ୍ତନ ପରିବେଷଣ ହୋଇଥିଲା। ୧୬ ତାରିଖ ଦିନ ଭସାଣି ଉତ୍ସବ ଧୁମଧାମରେ ପାଳନ କରାଯିବ। ପ୍ରତ୍ୟେକ ଦିନ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଉଥିବା ବେଳେ ସନ୍ତୋଷ ଭାଇନା ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ପ୍ରତାପ ସାସମଲ, ସଦସ୍ୟ ମନୋଜ କୁମାର ସାହୁ, ବିକ୍ରମ ପରିଡ଼ା, ଦିଲୀପ କୁମାର ପଣ୍ଡା, ହେମନ୍ତ ସାହୁ, ବୁବୁ ସାସମଲ, ସୁଜିଆ, ବିଭୂତି ସିଲୁ, ଅଜୁ, ମନୁଆ, ବାପି, ଆକାଶ ପ୍ରମୁଖ ଓ କାଙ୍କଡପାଳ ନୂଆ ସାହି ବଜରଙ୍ଗ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଗଣେଶ ପୂଜା ପାଳନ କରାଯାଉଛି।

## ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ଜିଲ୍ଲାପାଳଙ୍କୁ ଦାବି




ଢେଙ୍କାନାଳ, ୯।୯ (ସମିସ): ନିଖିଳ ଓଡିଶା ବିଦ୍ୟୁତ ମଜଦୁର ମହାସଂଘ ତରଫରୁ ଆଜି ୪ ଦଫା ନେଇ ଶତାଧିକ କର୍ମଚାରୀ ଏକ ରାଲିରେ ଯାଇ ଓଡିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ନ୍ୟାର୍ଯ୍ୟ ଦାବିଗୁଡିକ ହେଲା ମଜୁରୀ ଉପରେ କୋଡ୍ ତଳେ କେନ୍ଦ୍ରୀୟ ମଜୁରୀର କାର୍ଯ୍ୟକାରିତା, ଓଡିଶାରେ ହରିୟାଣା ଆଉଟସୋର୍ସି ପଲିସି ମଡେଲର ଗ୍ରହଣ, ବଣ୍ଟନ କମ୍ପାନୀରେ ଏକ ଏଣ୍ଟରଜୋନ ଜୋନ ସ୍ଥାନାନ୍ତର ନୀତି କାର୍ଯ୍ୟକାରୀ କରନ୍ତୁ, ଇପିଏଫରୁ ଏଷ୍ଟହ୍ୱାଇଲ୍ କର୍ମଚାରୀଙ୍କ ଉଦାହରଣ ଇତ୍ୟାଦି ଦାବିକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି ଦେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ପ୍ରଦାନ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଗୋଷ୍ଠୀ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ହିନ୍ଦୋଳ/ଖଜୁରିଆକଟା, ୯।୯ (ସମିସ): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଗୋଷ୍ଠୀ ଅଧିକାରୀ ହରିହର ଦେହୁରୀଙ୍କୁ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ ତରଫରୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଉତ୍ସବରେ ସହକାରୀ ଶିକ୍ଷା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ପ୍ରଧାନ, ସଞ୍ଜୟ କୁମାର ନାୟକ, ଦ୍ୱିତିକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସଭାପତି ବିରଞ୍ଚି ନାରାୟଣ ସାମଲ ଶ୍ରୀ ଦେହୁରୀଙ୍କୁ ସମ୍ମାନିତ କରିଥିଲେ। ସଂଘର ଉପସଭାପତି ବିଦ୍ୟାଧର ବେହେରା, ସମ୍ପାଦକ ନିର୍ମଳ କୁମାର ବେହେରା, ଉପଦେଷ୍ଟା ଅଶୋକ କୁମାର ଆଚାର୍ଯ୍ୟ, ଶିକ୍ଷକ ରଣଜିତ ସାହୁ, ଦିଲ୍ଲୀପ କୁମାର ବେହେରା ଓ ଗଗନ କୁମାର ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଆଇଇଟିରେ 'ଉଲ୍ଲାସ' କାର୍ଯ୍ୟକ୍ରମ

# ଶ୍ରେଷ୍ଠତ୍ୱର ସୀମା ନାହିଁ କି ସଫଳତାର ଶେଷ ନାହିଁ

ଢେଙ୍କାନାଳ, ୯।୯ (ସମିସ): ସଫଳତା ରାତାରାତି ମିଳେ ନାହିଁ। ଏହା ଦିନେ କି ଦୁଇ ଦିନରେ ଆସେ ନାହିଁ। ଏଥିଲାଗି ନିରନ୍ତର ଉଦ୍ୟମ ଆବଶ୍ୟକ। ପୁରସ୍କାର ପାଇବାର ମାନେ ନୁହେଁ କି ସଫଳତାର ସବୁ ସୋପାନ ଅତିକ୍ରମ କରିଗଲେ। ସଫଳତା ଏକ ଯାତ୍ରା ଏବଂ ଏହି ଯାତ୍ରାରେ ଯୋଗଦେଇପାରିଲେ ନିଜର ବୃତ୍ତିଗତ ଜୀବନରେ ସାର୍ଥକତା ଆସେ ବୋଲି ସ୍ଥାନୀୟ ଡିଆଇଇଟିଠାରେ ଆୟୋଜିତ 'ଉଲ୍ଲାସ' କାର୍ଯ୍ୟକ୍ରମରେ ଢେଙ୍କାନାଳ ପୌରପାଳିକାର ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ରାଜ୍ୟସ୍ତରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସଫଳତାକୁ ସହଭାଗୀମାନଙ୍କ ସହ ବାଣ୍ଟିବା ଅବସରରେ ଆୟୋଜିତ ଉଲ୍ଲାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଅତିଥିଭାବେ ଶିକ୍ଷାବିତ ଡ଼ଃ ସୁସନ୍ଧ୍ୟା ମହାନ୍ତି, ପୌର୍ଣ୍ଣମାସୀ ମହାପାତ୍ର ଓ ହିନ୍ଦୋଳ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରୀ ଯୋଗଦେଇଥିଲେ। ଅବସରରେ ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ୩ଜଣ ସିଆରସିସି ରାଜେଶ କୁମାର ସାହୁ, ଦିପୁନା ପକ୍ଷତ୍ର ଓ ମହେଶ୍ୱର ସାହୁଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀ, ଶିକ୍ଷକ ଓ ସିଆରସିସିମାନେ ଡିଆଇଇଟିର ଏହି ସଫଳତାରେ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବଳିତ ନ୍ୟୁଜଲେଟର 'ନଟିଆ'କୁ ଅତିଥିମାନେ ଉନ୍ମୋଚନ କରିଥିବା ବେଳେ ପ୍ରାଚୀର ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା 'ଉଲ୍ଲାସ'କୁ ମୁଖ୍ୟ ଅତିଥି ଶ୍ରୀମତୀ ପାତ୍ର ଅନାବରଣ କରିଥିଲେ। ଏଭଳି ବିରଳ ସଫଳତା ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ କର୍ମଚାରୀଙ୍କ ଯୋଗୁଁ ସମ୍ଭବ ହୋଇଥିବାରୁ ପ୍ରତିଷ୍ଠାନର ସବୁ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ କଲ୍ୟାଣୀ ସାହୁ ସଂଯୋଜନା କରିଥିବା ବେଳେ ସ୍ନେହଲତା ରାଜ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ପ୍ରଶିକ୍ଷିକା ସୌମ୍ୟା ପଟ୍ଟନାୟକ, ବିଦ୍ୟୁତ ପ୍ରଭା ଶତପଥି ଓ ସ୍ୱାଗତିକା ସ୍ୱାଇଁ ଅନୁଭୂତି ବିତରଣ କରିଥିବାବେଳେ ପ୍ରଭାତୀ ସ୍ୱାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବନ୍ଧରେ ବିଷଦ ଆଲୋଚନା ରଖିଥିଲେ ଓ ପ୍ରଭାତୀ ଦଳେଇ ଧନ୍ୟବାଦ ଦେଇଥିଲେ। ଶେଷରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲାବେଳେ ସିଏସଏଫ ପ୍ରତିନିଧି ଏବଂ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗୁରୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ଜେଆଇପିଏଲ୍ ଅଧିକାରୀଙ୍କୁ ଆକ୍ରମଣ, ୬ କୋର୍ଟଚାଲାଣ

କଣିହାଁ,୯।୯(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ଥାନା ତେଲଙ୍ଗ ଜେଆଇପିଏଲ୍‌ରେ କାର୍ଯ୍ୟରତ ଅଧିକାରୀଙ୍କ ଉପରେ ଆକ୍ରମଣ ଅଭିଯୋଗରେ ପୁଲିସ ତେଲଙ୍ଗ ଗ୍ରାମର ୬ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ, ସନ୍ତୋଷ ସାହୁ (୪୭), ଅକ୍ଷୟ ସାହୁ (୪୮), ଅଶ୍ୱତୋଷ ସାହୁ (୨୩), ଗିରୀଶ ଚନ୍ଦ୍ର ସାହୁ (୪୪), ରାଜୁ ବୋଇତା (୩୫) ଓ ନିରେଞ୍ଜ ସାହୁ(୪୭)। ପୁଲିସ ସୂତ୍ରରୁ ପ୍ରକାଶ ଜେଆଇପିଏଲ ଲାଇନିଂ ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀ ବଳଭଦ୍ର ଜେନା ଗତକାଲି ସନ୍ଧ୍ୟା ପ୍ରାୟ ୬ଟା ୨୫ବେଳେ ପ୍ଲାଣ୍ଟର ୩ନଂ ଗେଟ୍‌କୁ ବୋଲେରୋ ଯୋଗେ ଯିବା ରାସ୍ତାରେ ଗ୍ରାମର ସାଗର ସାହୁ ପ୍ରମୁଖଙ୍କ ଅଭିଯୁକ୍ତମାନେ ଅଟକାଇଥିଲେ। ସେଠାରେ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କର ସୁନା ଚେନ, ମୁଦି ଓ ଟଙ୍କା ଛଡ଼ାଇ ପଳାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସି ପି ରାଧାକ୍ରିଷ୍ଣନ୍...

ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା। ତେବେ ୭୮୧ ସାଂସଦଙ୍କ ମଧ୍ୟରୁ ୭୬୭ ସାଂସଦ ମତଦାନ କରିଥିଲେ। ଅନ୍ୟପକ୍ଷରେ ବିଜେଡିର ୭, ବିଆରଏସ୍‌ର ୪ ଏବଂ ଅକାଳୀ ଦଳର ଜଣେ ସାଂସଦଙ୍କୁ ମିଶାଇ ୧୪ ଜଣ ସାଂସଦ ମତଦାନରେ ଭାଗ ନେଇନଥିଲେ। ସନ୍ଧ୍ୟାରେ ମତଗଣନା କରାଯାଇ ଫଳାଫଳ ଘୋଷଣା କରାଯାଇଛି। ରିଟର୍ଣ୍ଣିଂ ଅଫିସର ଫଳାଫଳ ଘୋଷଣା କରି କହିଲେ ଯେ ଆଜିର ମତଦାନରେ ୭୬୭ଟି ଭୋଟ୍ ପଡ଼ିଥିଲା। ଏଥିମଧ୍ୟରୁ ୭୫୨ଟି ବୈଧ ଥିବା ବେଳ ୧୫ଟି ଭୋଟ୍ ନାକଚ ହୋଇଥିଲା। ବୈଧ ଭୋଟ ମଧ୍ୟରୁ ରାଧାକ୍ରିଷ୍ଣନଙ୍କୁ ୪୫୨ଟି ପ୍ରଥମ ପସନ୍ଦର ଭୋଟ୍ ମିଳିଥିବା ବେଳେ ସୁଦର୍ଶନଙ୍କୁ ମିଳିଛି ୩୦୦ଟି ପ୍ରଥମ ପସନ୍ଦର ଭୋଟ୍। ଏନ୍‌ଡିଏ ପ୍ରାର୍ଥୀଙ୍କୁ ଆକଳନ ଠାରୁ ୧୬ଟି ଅଧିକ ଭୋଟ୍ ମିଳିଥିବା ବେଳେ ବିରୋଧୀ ପ୍ରାର୍ଥୀଙ୍କୁ ଆକଳନ ଠାରୁ ୨୪ଟି କମ ଭୋଟ୍ ମିଳିଛି।

ସୂଚନାଯୋଗ୍ୟ ଯେ ଉପରାଷ୍ଟ୍ରପତି ନିର୍ବାଚନରେ ୧୫୨ ହେଉଛି ସବୁଠାରୁ କମ୍ ବିଜୟ ବ୍ୟବଧାନ। ୨୦୨୨ରେ ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ଧନଖଡ଼ ୫୨୮ଟି ଭୋଟ୍ ପାଇଥିବା ବେଳେ ବିରୋଧୀ ଦଳ ପ୍ରାର୍ଥୀ ମାର୍ଗାରେଟ୍ ଆଲଭା ପାଇଥିଲେ ମାତ୍ର ୧୮୨ଟି ଭୋଟ୍। ୩୪୬ଟି ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ ଧନଖଡ଼। ଗତ ଜୁଲାଇ ମାସରେ ଜଗଦୀପ ଧନଖଡ଼ ଇସ୍ତଫା ଦେବାପରେ ଉପରାଷ୍ଟ୍ରପତି ନିର୍ବାଚନ ଜରୁରି ହୋଇପଡ଼ିଥିଲା। ଏହି ପଦଲାଗି ଏନ୍‌ଡିଏ ପକ୍ଷରୁ ବିଜେପି ନେତା ତଥା ମହାରାଷ୍ଟ୍ର ଗଭର୍ଣ୍ଣର ସିପି ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିରୋଧୀ ମେଣ୍ଟ ପକ୍ଷରୁ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ବି ସୁଦର୍ଶନ ।।ରେଡୀଙ୍କୁ ପ୍ରାର୍ଥୀ କରାଯାଇଥିଲା।

ନବନିର୍ବାଚିତ ଉପରାଷ୍ଟ୍ରପତି ଚନ୍ଦ୍ରପୁରମ ପନୁସାମୀ ରାଧାକ୍ରିଷ୍ଣନ ୨୦ ଅକଟୋବର ୧୯୫୭ରେ ତାମିଲନାଡୁର ତିରିପୁରରେ ଜନ୍ମ ଗ୍ରହଣ କରିଥିଲେ। ଜଣେ ଆରଏସଏସ୍ କର୍ମୀ ଭାବେ ସାମାଜିକ ଜୀବନ ଆରମ୍ଭ କରିଥିବା ରାଧାକ୍ରିଷ୍ଣନ ୧୯୮୦ରେ ବିଜେପି ଗଠନ ହେବା ଦିନଠାରୁ ଦଳ ସହିତ ରହିଛନ୍ତି। ୧୯୯୮ ଏବଂ ୧୯୯୯ରେ ସେ ଦୁଇ ଥର କୋଏମ୍ବାଟୁରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ସେ ତାମିଲନାଡୁର ବିଜେପି ସଭାପତି ଦାୟିତ୍ୱ ତୁଲାଇଥିଲେ। ୨୦୨୩ ଫେବୃଆରିରେ ରାଧାକ୍ରିଷ୍ଣନଙ୍କୁ ଝାଡ଼ଖଣ୍ଡର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା। ଏହି ସମୟରେ ସେ ତେଲେଙ୍ଗାନା ଓ ଗୋଆର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ୨୦୨୪ ଜୁଲାଇରେ ତାଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା।

ଇତିମଧ୍ୟରେ ନବନିର୍ବାଚିତ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ଉପରାଷ୍ଟ୍ରପତି ଧନଖଡ଼ ଏବଂ ବିରୋଧୀ ଦଳ ପ୍ରାର୍ଥୀ ସୁଦର୍ଶନ ରେଡୀ।

### କ୍ରସଭୋଟିଂ ନେଇ...

କରିଥିବାର ସନ୍ଦେହ କରାଯାଉଛି। ଶାସକ ଏନ୍‌ଡିଏ ପାଖରେ ୪୨୫ ସାଂସଦ ଥିବା ବେଳେ ୱାଇଏସ୍‌ଆର କଂଗ୍ରେସର ୧୧ ଜଣ ସଭ୍ୟ ଏହାକୁ ସମର୍ଥନ ଘୋଷଣା କରିଥିଲେ। ତେଣୁ ଏନ୍‌ଡିଏ ପ୍ରାର୍ଥୀଙ୍କ ପ୍ରତି ୪୩୬ ସଭ୍ୟଙ୍କ ସମର୍ଥନ ଥିଲା। ସେହିଭଳି ବିରୋଧୀ ଦଳ ପ୍ରାର୍ଥୀଙ୍କ ପ୍ରତି ୩୨୪ (ଇଣ୍ଡିଆ ବ୍ଲକ୍ ୩୧୨ ଏବଂ ଆପ୍ ୧୨) ସାଂସଦଙ୍କ ସମର୍ଥନ ଥିଲା। ରାଧାପ୍ରିଷ୍ଣନଙ୍କୁ ଆକଳନ ଠାରୁ ୧୬ଟି ଅଧିକ ଭୋଟ୍ ମିଳିଥିବା ବେଳେ ରେଡୀଙ୍କୁ ୨୪ଟି କମ୍ ଭୋଟ୍ ମିଳିଛି। ତେଣୁ ମତଦାନରେ ବିରୋଧୀ ଦଳ ପକ୍ଷରୁ କ୍ରସଭୋଟିଂ ହୋଇଥିବା କୁହାଯାଉଛି। ନିର୍ବାଚନରେ ବିରୋଧୀଙ୍କୁ ଏକଜୁଟ୍ ରଖିବା ଲାଗି ବିରୋଧୀ ନେତାଙ୍କ ଉଦ୍ୟମ ସଂପୂର୍ଣ୍ଣ ରୂପେ ସଫଳ ହୋଇନଥିବା ଫଳାଫଳରୁ ଜଣାପଡ଼ିଛି। କାରଣ ଏହାର କିଛି ସାଂସଦ କ୍ରସଭୋଟିଂ କରିଥିବା ବେଳେ ଆଉ କିଛି ସାଂସଦଙ୍କ ଭୋଟ୍ ନାକଚ ହୋଇଛି। ତେବେ କିଏ କ୍ରସ୍‌ଭୋଟିଂ କରିଛନ୍ତି ତାହାକୁ ନେଇ ବିରୋଧୀ ମେଣ୍ଟରେ ଖୋଳତାଡ଼ ଆରମ୍ଭ ହୋଇଯାଇଛି। ଏସଂପର୍କରେ ପ୍ରତିକ୍ରିୟା ଦେଇ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ତାଙ୍କ ପ୍ରାର୍ଥୀ ଏଥର ୪୦ ପ୍ରତିଶତ ଭୋଟ୍ ପାଇଛନ୍ତି। ଗତଥର କଂଗ୍ରେସ ପ୍ରାର୍ଥୀ ୨୬ ପ୍ରତିଶତ ଭୋଟ୍ ପାଇଥିଲେ।

ସୂଚନାଯୋଗ୍ୟ ଯେ ରାଜ୍ୟସଭା ଏବଂ ଲୋକସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରନ୍ତି। ଇଲେକଟୋରାଲ କଲେଜ ସାଂସଦଙ୍କ ସଂଖ୍ୟା ୭୮୧ ଥିବା ବେଳେ ବିଜେଡି (୭), ବିଆରଏସ୍(୪) ଏବଂ ଅକାଳୀ ଦଳ (୧) ଏବଂ ଅନ୍ୟ ଦୁଇ ଜଣ ସାଂସଦ ଆଜିର ମତଦାନରେ ଭାଗ ନେଇ ନାହାନ୍ତି। ମୋଟ୍ ୭୮୧ ସାଂସଦଙ୍କ ମଧ୍ୟରୁ ଆଜି ୭୬୭ ସାଂସଦ ମତଦାନ କରିଥିଲେ। ତେଣୁ ବିଜୟ ପାଇଁ ପ୍ରାର୍ଥୀଙ୍କୁ ୩୮୪ଟି ଭୋଟର ଆବଶ୍ୟକତା ଥିଲା। ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ୍ ମିଳିଥିବା ବେଳେ ବିରୋଧୀ ପ୍ରାର୍ଥୀ ସୁଦର୍ଶନ ରେଡୀଙ୍କୁ ୩୦୦ ଭୋଟ ମିଳିଛି। ୧୫ଟି ଭୋଟ୍ ନାକଚ ହୋଇଛି।

### ହିଂସା, ଅରାଜକତା...

ଜେନେରାଲ ଜେଡ୍ ନାମରେ ଚାଲିଥିବା ଏହି ଆନ୍ଦୋଳନ ଆଜି ଆହୁରି ଭୟଙ୍କର ରୂପ ନେଇଥିଲା। ଆନ୍ଦୋଳନକାରୀମାନେ ହଜାର ହଜାର ସଂଖ୍ୟାରେ ଆଜି ପୁଣି ରାସ୍ତାକୁ ଆସି ସଂସଦ, ସୁପ୍ରିମ କୋର୍ଟ ସମେତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଘର ଉପରେ ଆକ୍ରମଣ କରି ନିଆଁ ଲଗାଇଦେଇଥିଲେ। ଏପରିକି ପୂର୍ବତନ ପ୍ରଧାନମନ୍ତ୍ରୀ ସେର ବାହାଦୁର ଦେଓବାଙ୍କୁ ସେମାନେ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆଉ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଘରେ ଆନ୍ଦୋଳନକାରୀ ନିଆଁ ଲଗାଇଦେବାରୁ ତାଙ୍କ ପତ୍ନୀ ପୋଡ଼ି ଯାଇ ପ୍ରାଣ ହରାଇଛନ୍ତି। ଆନ୍ଦୋଳନକାରୀ ଜ।।ଣେ ମନ୍ତ୍ରୀଙ୍କୁ ରାସ୍ତା ଉପରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥିବାର ଦୃଶ୍ୟ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋବରେ ଲାଗିଛି। ପରିସ୍ଥିତି ଅସମ୍ଭାଳ ହେଉଥିବା ଦେଖି ରାଷ୍ଟ୍ରପତି ରାମଚନ୍ଦ୍ର ପୋଡ଼େଲ ଏବଂ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଆଜି ସନ୍ଧ୍ୟାରେ ସେମାନଙ୍କ ପଦରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି। ଏହାପୂର୍ବରୁ ଅନେକ ମନ୍ତ୍ରୀ ଇସ୍ତଫା ଦେଇ ସାରିଥିଲେ। ଖବର ମିଳିଛି ଯେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେବାକୁ ରାଜି ନଥିଲେ। ଆନ୍ଦୋଳନକାରୀଙ୍କୁ ଦମନ କରିବା ଲାଗି ସେ ସେନା ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ସେନା ଅଧ୍ୟକ୍ଷ ଏଥିରେ ରାଜି ହୋଇନଥିଲେ ଏବଂ ଓଲିଙ୍କୁ ଗାଦି ଛାଡ଼ିବା ଲାଗି ପରାମର୍ଶ ଦେଇଥିଲେ। ଏହାପରେ ଓଲି ଇସ୍ତଫା ଘୋଷଣା କରିଥିଲେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଘୋଷଣା ପରେ କିଛି ଆନ୍ଦୋଳନକାରୀ ଆନନ୍ଦ ପ୍ରକାଶ କରୁଥିବା ବେଳେ ଅନେକ ଆନ୍ଦୋଳନକାରୀ ସଂସଦ ଭିତରେ ପଶି ନିଆଁ ଲଗାଇବା ସହିତ ଭଙ୍ଗାରୁଜା କରିଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଘରୋଇ ବାସଭବନ ଉପରେ ମଧ୍ୟ ସେମାନେ ଆକ୍ରମଣ କରିଛନ୍ତି।

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଆଗେଇ ଆସିଛି ସେନା। ଅନେକ ସାରମିକ ହେଲିକପଟର ମନ୍ତ୍ରୀ ଓ ଅଫିସରମାନଙ୍କୁ ନେଇ ତ୍ରିଭୂବନ ଆନ୍ତର୍ଜାତିକ ବିମାନଘାଟୀକୁ ନେଉଥିବାର ଦେଖାଯାଇଛି। ଏହାର କିଛି ସମୟ ପରେ ବିମାନଘାଟୀରେ ବିମାନ ସେବାକୁ ବାତିଲ କରାଯାଇଛି। ଇତିମଧ୍ୟରେ ସେନାବାହିନୀ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଶାନ୍ତି ବଜାୟ ରଖିବା ଲାଗି ନିବେଦନ କରାଯାଇଛି। ସେନା ପକ୍ଷରୁ କୁହାଯାଇଛି ଯେ ନେପାଳ ଓ ନେପାଳବାସୀଙ୍କର ସ୍ୱାଧୀନତା ଓ ସାର୍ବଭୌମତ୍ୱ ର ସୁରକ୍ଷା ଲାଗି ସେନା ସାମ୍ବିଧାନିକ ଦାୟିତ୍ୱ ତୁଲାଇବାକୁ ସଂକଳ୍ପବଦ୍ଧ। ଶାନ୍ତି, ସାମାଜିକ ସଦଭାବ ଏବଂ ଜାତୀୟ ଏକତା ବଜାୟ ରଖିବାରେ ସେନାକୁ ସହଯୋଗ କରିବା ଲାଗି ସେନା ଯୁବ ଆନ୍ଦୋଳନକାରୀଙ୍କୁ ଆହ୍ୱାନ ଜଣାଇଛି।

ସୂଚନାଯୋଗ୍ୟ ଯେ ୨୦୦୮ରେ ୨୩୯ ବର୍ଷ ପୁରୁଣା ରାଜତନ୍ତ୍ର ସମାପ୍ତ ହେବାପରେ ନେପାଳରେ ରାଜନୈତିକ ଅସ୍ଥିରତା ଲାଗି ରହିଛି। ଗତ ୧୭ ବର୍ଷ ଭିତରେ ନେପାଳରେ ୧୪ଟି ସରକାର ଗଠିତ ହେଲାଣି ଏବଂ କୌଣସି ଗୋଟିଏ ସରକାର ବି ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରି ନାହିଁ। ୭୩ ବର୍ଷୀୟ ଓଲି ଗତବର୍ଷ ଚତୁର୍ଥ ଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ।

### ଶୀତଳଭଣ୍ଡାରରେ...

ଏଥିପାଇଁ ଶିମିଳିପାଳକୁ ବହୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଏସବୁକୁ ଦୃଷ୍ଟିରେ ରଖି ଗତ ୨୦୨୪ ଜାନୁଆରୀ ମାସରେ ଶିମିଳିପାଳଠାରେ ଏକ କଳାବାଘ ସଫାରୀ ନିର୍ମାଣ ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ବାରିପଦା ନିକଟରେ ଅର୍ଥାତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଏହି ସଫାରୀ ପ୍ରାୟ ୨୦୦ ହେକ୍ଟରରୁ ଅଧିକ ଅଞ୍ଚଳରେ ହେବାର ଥିଲା। ଏଥି ମଧ୍ୟରୁ ୧୦୦ ହେକ୍ଟର ଅଞ୍ଚଳ ପ୍ରଦର୍ଶନୀ କ୍ଷେତ୍ର ପାଇଁ ଥିବାବେଳେ ଅବଶିଷ୍ଟ ଅଞ୍ଚଳକୁ ପଶୁ ଚିକିତ୍ସା ସେବା ସୁବିଧା, କର୍ମଚାରୀ ଭିତ୍ତିଭୂମି, ପରିଦର୍ଶକ ସୁବିଧା ଏବଂ ଏକ ଉଦ୍ଧାର କେନ୍ଦ୍ରର ବିକାଶ ପାଇଁ ବ୍ୟବହାର କରାଯିବାର ପ୍ରସ୍ତାବ ଥିଲା। ଏହି ସଫାରୀ କଳାବାଘ ଭଳି ବିରଳ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଓଡ଼ିଶାର ଅନନ୍ୟ ଜୈବ ବିବିଧତାର ସଂରକ୍ଷଣ ଏବଂ ପ୍ରଦର୍ଶନ ପାଇଁ ରାଜ୍ୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥାନ୍ତା ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ।

ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ପରେ ଏହି ବିରଳ କଳାବାଘଙ୍କୁ ନେଇ ଶିମିଳିପାଳରେ ପ୍ରସ୍ତାବିତ ବ୍ୟାଘ୍ର ସଫାରୀ କାର୍ଯ୍ୟ ଆଗେଇ ପାରୁନାହିଁ। ଇତି ମଧ୍ୟରେ କଳାବାଘ ସଫାରୀ ଘୋଷଣାକୁ ଦେଢବର୍ଷ ପୂରିଗଲାଣି। ପୂର୍ବ ସରକାରଙ୍କ ଘୋଷଣା ଅନୁଯାୟୀ ଅକ୍ଟୋବର ୨୦୨୫ରେ ଏହି କଳାବାଘ ସଫାରୀ ପ୍ରଦର୍ଶନୀ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥାନ୍ତା । ଅମଲାତାନ୍ତ୍ରିକ ଅବହେଳା ଓ ବିଭାଗୀୟ ଉଦାସୀନତା ଯୋଗୁଁ ଏହି ପ୍ରକଳ୍ପ ଆଗେଇ ପାରୁନଥିବା ଅଭିଯୋଗ ଏବେ ଅଭିଯୋଗ ହୋଇଛି ହେଉଛି। ଯାହାଫଳରେ ଏହି ବିରଳ କଳାବାଘ ସଫାରୀ ପ୍ରସ୍ତାବ ଶୀତଳଭଣ୍ଡାରରେ ରହିଯାଇଛି। ସୂଚନା ଥାଉ କି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ୨୭୫୦ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ। ଏଠାରେ ୫୦ ରୁ ଅଧିକ ସ୍ତନ୍ୟପାୟୀ ପ୍ରଜାତି, ୩୦୦ରୁ ଅଧିକ ପକ୍ଷୀ ପ୍ରଜାତି ଏବଂ ୬୦ ରୁ ଅଧିକ ସରୀସୃପ ପ୍ରଜାତିର ବାସସ୍ଥାନ କରୁଛନ୍ତି। ରାଜ୍ୟର ସର୍ବାଧିକ ବାଘ ଏଠାରେ ରହିଥିବା ବେଳେ ଦେଶରେ ଏକମାତ୍ର ସ୍ଥାନ ଭାବେ ଏଠାରେ ବିରଳ କଳାବାଘ ଦେଖାଯାଇଥାନ୍ତି।

### ୧୩ ତାରିଖ...

ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ। ଏହା ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏଁ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟ ଧରଣର ବର୍ଷା ହେବ। ଏହା ପ୍ରଭାବରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗୋଟିଏ ସ୍ଥାନରେ ଅତ୍ୟନ୍ତ ପ୍ରବଳ ଓ ଗୋଟିଏ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ରାୟଗଡ଼ା ଜିଲ୍ଲାର କୋଟ୍ରାଗୁଡ଼ାରେ ସର୍ବାଧିକ ୫୮.୨ ମିମି ବର୍ଷା ରେକର୍ଡ କରାଯାଇଛି।

### ବର୍ଷକରେ ଇଭି...

ଚଳପ୍ରଚଳ କରିବ। ୨୦୩୬ ଅର୍ଥାତ ଓଡ଼ିଶାକୁ ଶହେ ବର୍ଷ ବେଳକୁ ଏହି ସଂଖ୍ୟା ୭୦ ଓ ୨୦୪୭ ସୁଦ୍ଧା ମୋଟ୍ ଗାଡ଼ିର ୮୦ ପ୍ରତିଶତ ଇଭି ରହିଥିବ ବୋଲି ଏଥିରେ ଦର୍ଶାଯାଇଛି। ନୂତନ ନୀତିରେ ୨ ଚକିଆ ଇଭି ଗାଡ଼ି ପାଇଁ ସର୍ବାଧିକ ୨୦ ହଜାର ଟଙ୍କା, ୩ ଚକିଆ ପାଇଁ ୩୦ ହଜାର ଓ ୪ ଚକିଆ ଗାଡ଼ି ପାଇଁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିଆତି ପ୍ରଦାନ କରାଯିବ। ଏହା ସହିତ ବୈଦ୍ୟୁତିକ ବସ୍, ପରିବହନ ସେବା ପାଇଁ ଗାଡ଼ି ଓ ଟ୍ରକ୍ ଓ ଇଭି ଆମ୍ବୁଲାନ୍ସ ଇତ୍ୟାଦି ପାଇଁ ମଧ୍ୟ ଉତ୍ସାହଜନକ ଭାବେ ରିଆତି ଦିଆଯିବ। ଆସନ୍ତା ୬ ମାସ ମଧ୍ୟରେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ବ୍ୟବହୃତ ହେଉଥିବା ଗାଡ଼ି ଗୁଡ଼ିକୁ ଇଭି ଗାଡ଼ିରେ ପରିବର୍ତ୍ତନ କରାଯିବ। ସେହିପରି ରାଜ୍ୟର ସବୁ ସହରାଞ୍ଚଳରେ ପୌର ସଂସ୍ଥାଗୁଡ଼ିକ ଅଳିଆ ସଂଗ୍ରହ ଗାଡ଼ି ଓ ସେବାରେ ନିୟୋଜିତ ଗାଡ଼ି ଗୁଡ଼ିକୁ ଇଭିରେ ପରିବର୍ତ୍ତନ କରିବେ। ରାଜ୍ୟର ସମସ୍ତ ପାର୍କ, ପର୍ଯ୍ୟଟନ କ୍ଷେତ୍ର, ପିକ୍‌ନିକ୍ ସ୍ପଟ୍ ଆଦିରେ ସଲଟ୍ ସେବାରେ ବ୍ୟବହୃତ ଗାଡ଼ି ଓ ଡଙ୍ଗାକୁ ସୌରଚାଳିତ ବା ଇଭିରେ ରୂପାନ୍ତରିତ କରାଯିବ। ଏଥିପାଇଁ ୧୨ ମାସ ସମୟ ନିଆଯିବ । ଅନୁରୂପ ଭାବରେ ବର୍ଷେ ମଧ୍ୟରେ ସମସ୍ତ ସ୍କୁଲ୍ କଲେଜ୍‌ରେ ଚାଲୁଥିବା ବସ୍, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଚାଲୁଥିବା ଆମ୍ବୁଲାନ୍ସ ଓ ପୁଲିସ ପିସିଆର ଗୁଡ଼ିକ ମଧ୍ୟ ଇଭିରେ ରୂପାନ୍ତରିତ ହେବ। ଏଥିପାଇଁ ରାଜ୍ୟରେ ବ୍ୟାଟେରୀ ସ୍ୱାପିଂ କେନ୍ଦ୍ର ପ୍ରତିଷ୍ଠା ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିଆତି ବ୍ୟବସ୍ଥା କରାଯିବା ସହିତ ୩୦୦ ନୂଆ ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ହେବ ଏଥିପାଇଁ ୫ ଲକ୍ଷ ଟଙ୍କା ରିଆତି ବ୍ୟବସ୍ଥା ହୋଇଛି। ପ୍ରକାଶିତ ଏହି ଚିଠି ବିଜ୍ଞପ୍ତିକୁ ନେଇ ଗୋଟିଏ ମାସ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଏହା ପରେ ବିଭାଗ ପକ୍ଷରୁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ।

### ରାଜ୍ୟରେ ବଢୁଛି...

ଅସ୍ଥିରତାକୁ ଦାୟୀ କରାଯାଉଛି। କିଏ ଫାଶୀରେ ଝୁଲୁଛି ତ କିଏ ବିଷ ପିଇ ଜୀବନ ହାରୁଛି । କେହି ପାଣିକୁ ଡେଇଁ ଆତ୍ମହତ୍ୟା କରୁଛି, କିଏ ପୁଣି ଦେହରେ ନିଆଁ ଲଗାଇ, କିଏ ଟ୍ରେନ୍ ଆଗକୁ ଡ଼େଇଁ ଜୀବନ ହାରୁଛି । ପ୍ରତିଦିନ ଏପରି ଖବର ଗଣମାଧ୍ୟମର ଶିରୋନାମା ପାଲଟୁଛି । ସବୁଠାରୁ ଗୁରତ୍ୱପୂର୍ଣ୍ଣ ଘଟଣା ହେଉଛି ମୋଟ ଆତ୍ମହତ୍ୟାର ୭୦ ପ୍ରତିଶତ ହେଉଛନ୍ତି କେବଳ ଯୁବପିଢ଼ି ।

୧୮ରୁ ୨୫ ବର୍ଷର ଯୁବବର୍ଗ ବା ବିଦ୍ୟାର୍ଥୀ ପ୍ରେମ, ପାଠପଢ଼ା ଚାପ, ପରିବାରଲୋକଙ୍କ ତାଗିଦ୍ ପାଇଁ ଆତ୍ମହତ୍ୟା କରୁଥିବାବେଳେ ୨୫ରୁ ୪୦ ବୟସ ବର୍ଗର ଲୋକମାନେ ପାରିବାରିକ କହଳ, ସଂସାର ବୋଝ, କର୍ମକ୍ଷେତ୍ରରେ ଚାପ କିମ୍ବା ବ୍ୟବସାୟରେ କ୍ଷତି ସହି ନପାରି ଆତ୍ମହତ୍ୟା ରାସ୍ତାକୁ ଆପଣାଉଥିବା ସୂଚନା ରହିଛି। ପରିବାର ଠାରୁ ଦୂରରେ ରହୁଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏଭଳି ଆତ୍ମହତ୍ୟା ଘଟଣା ଅଧିକ ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ ମନସ୍ତତ୍ତ୍ୱିତ୍ ସଚ୍ଚିଦାନନ୍ଦ ନାଥ କହିଛନ୍ତି ଯେ, ଆତ୍ମହତ୍ୟାର ମୂଳ କାରଣ ହେଉଛି ନିଃସଙ୍ଗତା। ଯେଉଁମାନେ ବିଭିନ୍ନ କାରଣରୁ ମାନସିକ ଚିନ୍ତାରେ ରହୁଛନ୍ତି ସେମାନଙ୍କୁ ପରିବାର, ବନ୍ଧୁ କିମ୍ବା କର୍ମକ୍ଷେତ୍ରରେ ସହଯୋଗୀମାନେ ଏକାକୀ ନ କରି ସହଯୋଗ କଲେ ବ୍ୟକ୍ତିର ମାନସିକ ସ୍ଥିତି ବଦଳିଥାଏ। ତେଣୁ ଏଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଉଚିତ୍। ବିଶେଷ କରି ବର୍ତ୍ତମାନ ଅଧିକ ଯୁବଗୋଷ୍ଠୀ ଡିଜିଟାଲ ଦୁଃଖ ବା ଯନ୍ତ୍ରଣାର ସମ୍ମୁଖୀନ ହେଉଛନ୍ତି। ଅଧିକ ସମୟ ଧରି ରିଲସ୍ ଦେଖିବା, ବିଭିନ୍ନ ପ୍ରକାର ଗେମ୍ ଖେଳିବା, ଅନ୍ୟର ଜୀବନଶୈଳୀକୁ ନିଜ ଜୀବନ ସହ ତୁଳନା କରି ଦୁଃଖ ପ୍ରକାଶ କରିବା, ସାମାଜିକ ଗଣମାଧ୍ୟରେ ଲାଇକ୍ କମିବାର ଚିନ୍ତା ଆଦି ଯୁବଗୋଷ୍ଠୀଙ୍କ ବ୍ୟବହାରରେ ପରିବର୍ତ୍ତନ କରିବା ସହ ମାନସିକ କ୍ଷେତ୍ରରେ ମଧ୍ୟ ଦୁର୍ବଳ ଅନୁଭବ ହୋଇଥାଏ। ଯାହାକି ସେମାନେ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିନପାରି ଆତ୍ମହତ୍ୟା ପାଇଁ ମନସ୍ଥ କରିଥାନ୍ତି। ତେବେ ଆତ୍ମହତ୍ୟା କେବେହେଲେ ଏକ ତତ୍‌କ୍ଷଣାତ୍ ନିଷ୍ପତ୍ତି ନୁହେଁ, ଏଥିପାଇଁ ପୂର୍ବରୁ ମାନସିକ ଭାବେ ଚିନ୍ତା କରାଯାଇଥାଏ। ତେବେ ଯେଉଁମାନେ ମାନସିକ ଭାବେ ଦୁର୍ବଳ ସେମାନେ ଛୋଟ ଛୋଟ କଥାକୁ ମନ ଭିତରେ ଗଭୀର ଭାବେ ଚିନ୍ତା କରି ଏଭଳି ନିଷ୍ପତ୍ତି ନେଉଛନ୍ତି। ଏକ ରିପୋର୍ଟ ଅନୁସାରେ ଭାରତରେ ପ୍ରତି ୩ମିନିଟରେ ଜଣେ ଆତ୍ମହତ୍ୟା କରୁଥିବା ବେଳେ ଓଡ଼ିଶାରେ ପ୍ରତି ୧୦ଜଣଙ୍କ ମଧ୍ୟରୁ ଜଣେ ଆତ୍ମହତ୍ୟା କରିବାକୁ ଚିନ୍ତା କରୁଛନ୍ତି। ସାମାଜିକ ଗଣମାଧ୍ୟମ ଆବଶ୍ୟକତା ଠାରୁ ଅଧିକ ବ୍ୟବହାର ନକରିବା, ପରିବାର ସଦସ୍ୟଙ୍କ ସହ ମନଖୋଲି କଥାବାର୍ତ୍ତା କରିବା କାର୍ଯ୍ୟକ୍ଷେତ୍ର ହେଉ ଅବା ବ୍ୟକ୍ତିଗତ କ୍ଷେତ୍ରରେ ଭଲ ବନ୍ଧୁଙ୍କ ସହ ସମ୍ପର୍କ ରଖିବା, ରାତିରେ ଭଲ ନିଦରେ ଶୋଇବା ଆଦିକୁ ଗୁରୁତ୍ୱ ଦେବା ନିହାତି ଜରୁରୀ ବୋଲି ଶ୍ରୀ ନାଥ କହିଛନ୍ତି।

ବିମାନବନ୍ଦର ନିର୍ମାଣରେ ପରିବେଶ ନିୟମ ଉଲ୍ଲଂଘନ

# କେନ୍ଦ୍ର ଓ ରାଜ୍ୟକୁ ଏନ୍‌ଜିଟି ଛାଟ

କଟକ, ୯।୯ (ସମିସ): ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣରେ ବ୍ୟାପକ ପରିବେଶଗତ ନିୟମ ଉଲ୍ଲଂଘନ ଅଭିଯୋଗ କରି ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଦାୟର ଆବେଦନକୁ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ (ଏନଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ ପୂର୍ବକ ନୋଟିସ୍ ଜାରି କରିଛନ୍ତି ଏନଜିଟି। ସୁରେନ୍ଦ୍ର ତାପସ୍ୱ ଓ ଅନ୍ୟ ୯ଜଣ ବାସିନ୍ଦାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଅରୁଣ କୁମାର ତ୍ୟାଗୀ (ନ୍ୟାୟିକ ସଦସ୍ୟ) ଏବଂ ଡକ୍ଟର ଅଫରୋଜ ଅହମ୍ମଦ (ବିଶେଷଜ୍ଞ ସଦସ୍ୟ)ଙ୍କୁ ନେଇ ଗଠିତ ଏନଜିଟିର ପୂର୍ବାଞ୍ଚଳ ଜୋନ୍ ଖଣ୍ଡପୀଠ ଏହି ନୋଟିସ୍ ଜାରି କରିଛନ୍ତି। କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ପ୍ରମୁଖ ସଚିବ (ଜଙ୍ଗଲ ଏବଂ ପରିବେଶ), ଅତିରିକ୍ତ ମୁଖ୍ୟ ସଚିବ (ବାଣିଜ୍ୟ ଏବଂ ପରିବହନ), ପୁରୀ ଜିଲ୍ଲାପାଳ ଏବଂ ବିଭାଗୀୟ ବନ ଅଧିକାରୀ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ନୋଟିସ୍ ଜାରି କରାଯାଇଛି। ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୦ ତାରିଖରେ ହେବ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଓ ଅଶ୍ୱତୋଷ ପାଢ଼ୀ ମାମଲା ପରିଚାଳନା କରୁଛନ୍ତି।

ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ପ୍ରକଳ୍ପଟି ବାଧ୍ୟତାମୂଳକ ପରିବେଶଗତ ଅନୁମତି (ଇସି), ଜଙ୍ଗଲ ଅନୁମତି (ଏଫସି) କିମ୍ବା ଉପକୂଳ ନିୟନ୍ତ୍ରଣ କ୍ଷେତ୍ର (ସିଆରଜେଡ୍) ଅନୁମୋଦନ ବିନା ଆରମ୍ଭ ହୋଇଛି। ସମ୍ବେଦନଶୀଳ ଏବଂ ଘୂର୍ଣ୍ଣିଝଡ଼-ପ୍ରବଣ ଉପକୂଳ ଅଞ୍ଚଳରେ ଗଛ କାଟିବା ସ୍ଥାୟୀ ବିକାଶ ନୀତିର ଉଲ୍ଲଂଘନ ହୋଇଥିବା ବେଳେ ପ୍ରକଳ୍ପର ରାସ୍ତା ତିଆରି କରିବା ପାଇଁ ୧୩,୫୦୦ରୁ ଅଧିକ ଗଛ କଟାଯାଇଛି। ୪୭୧.୪୦୧ ହେକ୍ଟର ପରିମିତ ଅଞ୍ଚଳରେ ହେବାକୁ ଥିବା ଏହି ବିମାନବନ୍ଦର ସ୍ଥାନରେ ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ଏବଂ ଏହା ସିଆରଜେଡ୍-୩ ମଧ୍ୟରେ ଅବସ୍ଥିତ। ଏହି ଅଞ୍ଚଳ ବାଲୁଖଣ୍ଡ-କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ରହିଛି, ଯାହା କୃଷ୍ଣସାର ମୃଗଙ୍କ ବାସସ୍ଥାନ ଏବଂ ଅଲିଭ୍ ରିଡଲେ କଇଁଛଙ୍କ ବସାଘର ଭାବେ ପରିଚିତ। ଏଣୁ ସିପସରୁବାଲି ମୌଜା ପ୍ରକଳ୍ପ ସ୍ଥାନରେ ଆପ୍ରୋଚ୍ ରୋଡ୍, ସୀମା ପ୍ରାଚୀର ଏବଂ ସାମଗ୍ରୀ ଷ୍ଟକ୍‌ୟାର୍ଡ ସମେତ ଚାଲିଥିବା ନିର୍ମାଣ କାର୍ଯ୍ୟ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ପାଇଁ ପ୍ରାର୍ଥନା କରାଯାଇଛି।

ଏମ୍‌କେସିଜି ଇଏନ୍‌ଟି ବିଭାଗର ସଫଳ ଅସ୍ତ୍ରୋପଚାର

# ବୃଦ୍ଧଙ୍କ ଖାଦ୍ୟନଳୀରୁ ବାହାରିଲା ୯ ଇଞ୍ଚର ଦାନ୍ତକାଠି

ବ୍ରହ୍ମପୁର, ୯।୯ (ସମିସ): ଏମ୍‌କେସିଜି ମେଡ଼ିକାଲ ଇଏନ୍‌ଟି ବିଭାଗରେ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ଖାଦ୍ୟନଳୀରୁ ୯ ଇଞ୍ଚର ଏକ ଦାନ୍ତକାଠି ବାହାର କରାଯାଇଛି। ଅସାବଧାନତା ଯୋଗୁଁ ବୃଦ୍ଧଜଣଙ୍କ ଦାନ୍ତକାଠିଟିକୁ ଗିଳିଦେଇଥିଲେ। ଏଥିଯୋଗୁଁ ଅସହ୍ୟ ଯନ୍ତ୍ରଣା ସହ ଖାଇବାରେ ସମସ୍ୟା ହୋଇଥିଲା। ପରିବାରଲୋକ ତାଙ୍କୁ ଏମ୍‌କେଜସିଜିରେ ଭର୍ତ୍ତି କରାଇବା ପରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଅସ୍ତ୍ରୋପଚାର କରିଥିଲେ। ଏସୋଫାଗୋସ୍କୋପ୍ ପଦ୍ଧତିରେ ଦୀର୍ଘ ଏକ ଘଣ୍ଟା ଧରି ଅସ୍ତ୍ରୋପଚାର ପରେ ଖାଦ୍ୟନଳୀରୁ ଦାନ୍ତ କାଠିଟିକୁ ବାହାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବିଭାଗୀୟ ମୁଖ୍ୟ ଆସୋସିଏଟ୍ ପ୍ରଫେସର୍ ଡା. ସଞ୍ଜିତ କୁମାର ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ଗ୍ରାମର କାମରାଜୁ ନାୟକ (୮୦) ଗତ ବୁଧବାର ସକାଳେ ଦାନ୍ତ ଘଷୁଥିବା ବେଳେ ଅସାବଧାନତାବଶତଃ ଦାନ୍ତକାଠିଟିକୁ ଗିଳି ଦେଇଥିଲେ। ବହୁ ଚେଷ୍ଟା ସତ୍ତ୍ୱେ ବାହାରିନଥିଲା। ଫଳରେ ଖାଦ୍ୟ ଖାଇବାରେ ସମସ୍ୟା ସହ ଅସହ୍ୟ ଯନ୍ତ୍ରଣା ହୋଇଥିଲା। ବିଭିନ୍ନ ମେଡ଼ିକାଲ ବୁଲି



ଶେଷରେ ସୋମବାର ଏମ୍‌କେସିଜି ମେଡ଼ିକାଲରେ ପହଞ୍ଚିଥିଲେ। ସେଠାରେ ଇଏନ୍‌ଟି ବିଭାଗର ଡାକ୍ତର କାମରାଜୁଙ୍କ ଚିକିତ୍ସା କରିବା ସହ ବିଭିନ୍ନ ପରୀକ୍ଷା କରିଥିଲେ। ବୃଦ୍ଧଙ୍କ ରକ୍ତଚାପ ଉଚ୍ଚ ରହିଥିବାରୁ ନିଶ୍ଚେତକ ଦେଇ ଅସ୍ତ୍ରୋପଚାର କରିବା ବିପଦପୂର୍ଣ୍ଣ ଥିଲା। ଶେଷରେ ଏସୋଫାଗୋସ୍କୋପ୍ ପଦ୍ଧତିରେ କାମରାଜୁଙ୍କ ଖାଦ୍ୟନଳୀରେ ଥିବା ଦାନ୍ତକାଠିକୁ ବାହର କରିବାକୁ ନିଷ୍ପତ୍ତି ନେଇଥିଲେ। ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅସ୍ତ୍ରୋପଚାର ପରେ ୯ ଇଞ୍ଚର ଦାନ୍ତକାଠି ବାହାର

**ଯନ୍ତ୍ରଣା ଯୋଗୁ ସପ୍ତାହେ ଧରି ଭୋକରେ ଥିଲେ**

କରାଯାଇଥିଲା। ଡାକ୍ତରୀ ଟିମ୍‌ରେ ଇଏନ୍‌ଟି ବିଭାଗର ମୁଖ୍ୟ ଡା. ସଞ୍ଜିତ କୁମାର ମିଶ୍ରଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ପ୍ରଫେସର ଡା. ସରିତା ଦାଶ, ନିଶ୍ଚେତକ ବିଭାଗର ଡା. ବିପିନ ମଲ୍ଲିକ, ଡା. ଅନୁପ ହରିଚନ୍ଦନ, ଡା. ପ୍ରବୀର କେଶରୀ ପ୍ରଧାନ, ଡା. ସ୍ୱାତୀ ଓ ଡା. ସରିତା ମାରାଣ୍ଡିଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ସାଧୁ ବେଶରେ ଗାଁ ଭିତରୁ ନାବାଳକକୁ ଅପହରଣ

କଣିହାଁ,୯।୯(ସମିସ): ସାଧୁବେଶରେ ଆସି ଗାଁ ଭିତରୁ ନାବାଳକକୁ ଅପହରଣ। ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ରେଙ୍ଗାଳି ଥାନା ଅଧୀନ ଭାଲିଆବେଡ଼ା ଗ୍ରାମରେ ଆଜି ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ତେବେ ସୌଭାଗ୍ୟକୁ ଗାଁଲୋକେ ଅପହରଣକାରୀମାନଙ୍କୁ ଧରି ରେଙ୍ଗାଳି ପୁଲିସ ଜିମା ଦେଇଛନ୍ତି। ଏହି ଘଟଣାରେ ପୁଲିସ୍

**ଧରି ପକାଇଲେ ଗାଁ ଲୋକ, ୯ ଅଟକ**

୯ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଘର ମଧ୍ୟପ୍ରଦେଶରେ ହୋଇଥିବା ବେଳେ ଜଣଙ୍କ ଘର ଉତ୍ତରପ୍ରଦେଶରେ ବୋଲି ପୁଲିସ୍ କହିଛି। ସେମାନଙ୍କ ନିକଟରୁ ପୁଲିସ ଦୁଇଟି କାର୍ ଜବତ କରିଛି।

ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୧୦ଟାରେ ଗାଁର ଦୁଇ ଛାତ୍ର ସତ୍ୟପ୍ରକାଶ ସାହୁ ଓ ଯୁବରାଜ ବେହେରା ଚାଲିଚାଲି ସ୍କୁଲ ଯାଉଥିଲେ। ସେମାନେ ସ୍କୁଲ ଗେଟ୍ ପାଖରେ ହୋଇଥିବା ବେଳେ ଦୁଇଟି କାର୍‌ରେ ଅଘୋରୀ ବେଶରେ ୯ଜଣ ବାବା ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ସତ୍ୟପ୍ରକାଶଙ୍କୁ କାର୍ ଭିତରକୁ ଟାଣି ନେଇ ଅପହରଣ କରିଥିଲେ। ଏହାଦେଖି ଯୁବରାଜ ଚିତ୍କାର କରି ଗାଁଲୋକଙ୍କୁ ଡାକ ପକାଇଥିଲେ।




ଅପହରଣକାରୀମାନେ କାର୍ ନେଇ ଗାଁ ମୁଣ୍ଡରେ ଥିବା ଏକ କଂକ୍ରିଟ୍ ଜଙ୍ଗଲ ଆଡ଼କୁ ପଳାଇଥିଲେ। କିନ୍ତୁ ରାସ୍ତାଟି ସେହିଠାରେ ଶେଷ ହୋଇଯିବାରୁ ସେମାନେ ଆଉ ଆଗକୁ ଯାଇ ପାରିନଥିଲେ। ଗାଡ଼ି ବୁଲାଇବା ପାଇଁ ଆଉ ରାସ୍ତା ନଥିବାରୁ ସେଠାରେ ଅଟକି ରହିଥିଲେ। ସେତେବେଳକୁ ଗାଁଲୋକମାନେ ପହଞ୍ଚି ଅପହରଣକାରୀଙ୍କୁ କାବୁ କରିନେଇଥିଲେ। ରେଙ୍ଗାଳି ପୁଲିସ ଆସି ଅଭିଯୁକ୍ତମାନଙ୍କୁ ଥାନାକୁ ନେଇଥିଲା।

# ପୁଣି ୨ ଦାଦନ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର, ୯।୯(ସମିସ): ଅସହ୍ୟ ହେଲାଣି ଦାଦନ ଯନ୍ତ୍ରଣା। ପୁଣି ୨ଜଣ ଦାଦନ ଶ୍ରମିକଙ୍କ ଏକ ବସ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ପାତ୍ରପୁର ବ୍ଲକ ମନ୍ଦରଡ଼ା ପଞ୍ଚାୟତ ଅନ୍ତର୍ଗତ

**୩ ଦିନରେ ପ୍ରାଣ ହରାଇଲେଣି ୪ଜଣ**

ତିନିଘରିଆ ଗ୍ରାମର ଗୋପାଳ ଗୌଡ଼ଙ୍କ ପୁଅ ଗଦାଧର ଗୌଡ଼ ଓ ଅନ୍ୟ ଜଣେ ବାଦପୁର ଗ୍ରାମର ତୁମ୍ବନାଥ ବେହେରା। ସୂଚନାନୁସାରେ, ଗଦାଧର ଗତ ୪ ମାସ ହେବ ତାମିଲନାଡୁରେ ଶ୍ରମିକ ଭାବେ କାମ କରୁଥିଲେ। ଗତକାଲି ସେଠାରେ ବସ୍ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଛି। ଗଦାଧରଙ୍କ ଶବ ଗ୍ରାମକୁ ଆସି ନଥିବା ବେଳେ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ସେହିଭଳି ତୁମ୍ବନାଥ ମୁମ୍ବାଇର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ଗତ କିଛି ଦିନ ହେବ ତାଙ୍କର ହୃତ୍‌ପିଣ୍ଡରେ ଅସ୍ତ୍ରୋପଚାର ହୋଇଥିଲା। ସୋମବାର ଭୋର୍‌ରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ଶବ ଗ୍ରାମରେ ପହଞ୍ଚିଛି। ଏକ ଶୋକାକୁଳ ପରିବେଶରେ ତାଙ୍କ ଶବ ସତ୍କାର





ହୋଇଛି। ପେଟପାଟଣା ପାଇଁ ରାଜ୍ୟ ବାହାରକୁ ଯାଇ କାମ କରୁଥିବା ଗରିବ ଶ୍ରମିକଙ୍କ ଏଭଳି ଅକାଳ ବିୟୋଗକୁ ପରିବାରଲୋକ ଓ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଗତ ୩ ଦିନ ମଧ୍ୟରେ ୪ଜଣ ଦାଦନଙ୍କ ମୃତ୍ୟୁ ଘଟିଥିବା ବେଳେ ଦାଦନ ଯନ୍ତ୍ରଣାରେ କଳବଳ ହେଲାଣି ପାତ୍ରପୁର ବ୍ଲକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଭିତରକନିକାରେ ୧ ଲକ୍ଷ ୩୦ ହଜାର ୭୯୬ ଦେଶୀୟ ପକ୍ଷୀ

ରାଜନଗର,୯।୯(ସମିସ): ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ଅଧିକ ରହିଛି। ଗତବର୍ଷ ଭିତରକନିକାରେ ୧,୩୦,୧୨୩ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବା ବେଳେ ଚଳିତବର୍ଷ ଏହି

**ଗତବର୍ଷଠାରୁ ୬୭୩ ଅଧିକ ପକ୍ଷୀ**

ସଂଖ୍ୟା ୧,୩୦,୭୯୬କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷଠାରୁ ଚଳିତବର୍ଷ ୬୭୩ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ ଭିଡ଼ ଜମାଇଛନ୍ତି। ୧୪୦୯ଟି ଗଛରେ ୨୭,୬୪୬ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଥିବା ଜଣାପଡ଼ିଛି।

ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁଙ୍କରଙ୍କ ସୂଚନା ମୁତାବକ, ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧ ତାରିଖ ଯାଏଁ ତିନିଦିନ ଧରି ଭିତରକନିକାର ମଠଆଡ଼ିଆ, ଲକ୍ଷ୍ମୀପ୍ରସାଦଡ଼ିଆ, ଦୁର୍ଗାପ୍ରସାଦଡ଼ିଆ ସମେତ ରାଜନଗର ରେଞ୍ଜର ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ବାଲିଡିଆ ଆଇଲ୍ୟାଣ୍ଡରେ ପକ୍ଷୀ ଗଣନା କରାଯାଇଥିଲା। ଭିତରକନିକା ଜାତୀୟ ଉଦ୍ୟାନରେ ବନ ବିଭାଗର ୩ଟି ଟିମ ପକ୍ଷୀ ଗଣନା କରିଥିବା ବେଳେ ଜାତୀୟ ଉଦ୍ୟାନ ବାହାରେ ଦୁଇଟି ଟିମ୍ ପକ୍ଷୀ ଗଣନା କରିଥିଲେ।

ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ଗେଣ୍ଡାଳିଆ, ରାଣୀବଗ, ମଝିଆବଗ, ଛୋଟବଗ, ଖଇରାବଗ, ମାଟିଆବଗ, ପାଣିକୁଆ, ଅନ୍ଧାରିଆବଗ, କାପରଖାଇ, ଦାବେଣ୍ଟିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ମଠଆଡ଼ିଆରେ ୧୩୨୬୧ ବସାରେ ୨୬,୫୨୨ ବଡ଼ପକ୍ଷୀ ଓ ୩୭୦୪୨ ଶାବକ, ଲକ୍ଷ୍ମୀପ୍ରସାଦଡ଼ିଆରେ ୨୭୧୮ ବଡପକ୍ଷୀ ଓ ୩୬୩୬୪ ଶାବକ, ଦୁର୍ଗାପ୍ରସାଦଡ଼ିଆରେ ୧୧୮ ବଡ଼ପକ୍ଷୀ ଓ ୧୫୪ ଶାବକ, ବାଲିଡିଆରେ ୧୪୬୪ ବଡପକ୍ଷୀ ଓ ୧୯୪୪ ଶାବକପକ୍ଷୀଙ୍କୁ ଗଣନାସମୟରେ ଠାବକରଯାଇଥିଲା।

# ଭିଜିଲାନ୍ସ ଜାଲରେ ଗ୍ରାମ୍ୟ କୃଷି କର୍ମଚାରୀ

କିଶୋରନଗର, ୯।୯ (ସମିସ): ଲାଞ୍ଚନେଇ ଭିଜିଲାନ୍ସ ଜାଲରେ ଗ୍ରାମ୍ୟ କୃଷି କର୍ମଚାରୀ। ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ କୃଷି ବିଭାଗର ଗ୍ରାମ୍ୟ କୃଷି କର୍ମଚାରୀ ବିଶ୍ୱନାଥ ଦାସ ଏକ ଏନ୍‌ଜିଓ ସଂସ୍ଥାଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଅନୁଗୋଳ ଭିଜିଲାନ୍ସ



ହାତରେ ଧରାପଡ଼ିଛନ୍ତି। ସୂଚନାନୁଯାୟୀ, କିଶୋରନଗର ବ୍ଲକ ଚୁଡ଼ାପୁର ଗ୍ରାମର ଏକ ଏନଜିଓ ସଂସ୍ଥାର ମୁଖ୍ୟ ରଞ୍ଜନ ପ୍ରଧାନଙ୍କଠାରୁ ସେ ରବି ଚାଷ ବିହନ, ଔଷଧ ବିତରଣ ପାଇଁ ୟୁଟିଲାଇଜେସନ୍ ସାର୍ଟିଫିକେଟ କରାଇବା ପାଇଁ ଏହି ଲାଞ୍ଚ ଟଙ୍କା ନେଉଥିଲେ।

# ହୀରାକୁଦ ଜଳସ୍ତର ୬୨୭.୭୩ ଫୁଟ୍

ସମ୍ବଲପୁର, ୯।୯ (ସମିସ): ଉପରମୁଣ୍ଡରେ ବର୍ଷା କମିବାରୁ ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରୁଥିବା ବେଳେ ବର୍ତ୍ତମାନ ବାମ ପାର୍ଶ୍ୱର ମାତ୍ର ଗୋଟିଏ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ଆଜି ଅପରାହ୍ଣ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୭.୭୩ ଫୁଟ୍‌ରେ ପହଞ୍ଚିଛି।

**ଗୋଟିଏ ଗେଟ୍ ଖୋଲା**

ଜଳଭଣ୍ଡାରକୁ ଏବେ ସେକେଣ୍ଡ ପ୍ରତି ୮୭,୮୬୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୪୯,୭୪୬ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୬,୨୬୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୨୯,୨୦୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ୍, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସୂଚନାନୁଯାୟୀ, ନଦୀବନ୍ଧର ଉପରମୁଣ୍ଡରେ ୭.୨୨ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୪.୮୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୯୧ ଫୁଟ୍ ରହିଥିଲା।

**AFFIDAVIT**

By virtue of an affidavit sl No.- 8753, dtd. 08.09.2025 before the Executive Magistrate, Jajpur, I, Pritipiyusa Nayak, Vill/Po- Nandipur, Dist.- Jajpur, Odisha here by declare that my Father's correct name is Akshya Kumar Nayak but in Passport bearing no. L8794894 my fathers name reflected as Akhasy Nayk. That both the names are one and same person.



## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ରହିବ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଜନା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଆଶା କରିଥିବା ଦିଗରୁ ଫଳ ମିଳିବ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ।

**କନ୍ୟା:** ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ।

**ତୁଳା:** ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିବ।

**ବିଛା:** ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ବୈବାହିକ ଜୀବନରେ ମନୋମାଳିନ୍ୟ ଆସିବ। ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିବାର ଯୋଗ ଅଛି।

**ଧନୁ:** କୌଣସି ନୂଆ କାମ ମିଳିବ। ନିବେଶ ପାଇଁ ଭଲ ସମୟ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। କୌଣସି କାମ ପାଇଁ ପ୍ରଶଂସିତ ହେବେ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାର ସହିତ ହସଖୁସିର ସମୟ ଅତିବାହିତ କରିବେ।

**କୁମ୍ଭ:** ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ଜମି କ୍ରୟ କରିପାରନ୍ତି।

**ମୀନ:** କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଦେଖାଦେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେବ। ଭାଇ ଭାଇ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ

- ୧୮୮୭- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜନ୍ମ।
- ୧୯୧୫- କ୍ରାନ୍ତିକାରୀ ଜତୀନ୍ଦ୍ରନାଥ ମୁଖାର୍ଜୀଙ୍କ ଦେହାନ୍ତ।
- ୧୯୨୬- ଜର୍ମାନୀ ମିତ୍ରରାଷ୍ଟ୍ରରେ ସାମିଲ ହେଲା।
- ୧୯୭୬- ଇଣ୍ଡିଆନ ଏୟାର ଲାଇନ୍ସର ବୋଇଂ ୭୩୭ ବିମାନ ଲାହୋରରୁ ଅପହରଣ ହେଲା।
- ୨୦୦୨- ସ୍ୱିଜରଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।
- ୨୦୨୦- ଫ୍ରାନ୍ସ ଦ୍ୱାରା ନିର୍ମିତ ପାଞ୍ଚୋଟି ରାଫେଲ ଯୁଦ୍ଧ ବିମାନ ଭାରତୀୟ ବାୟୁସେନାରେ ସାମିଲ ହେଲା।

# କମଳା ରଙ୍ଗର ସାର୍କ



ସାମାଜିକ ଗଣମାଧ୍ୟମରେ ଏକ କମଳା ରଙ୍ଗ ସାର୍କର ଫଟୋ ଭାଇରାଲ ହେବା ପରେ ଏହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହାର ରଙ୍ଗ କମଳା ହୋଇଥିବାରୁ ଏହାକୁ ଦୁର୍ଲଭ ସାର୍କ ବୋଲି କୁହାଯାଉଛି। ଏହାର ରଙ୍ଗକୁ ଦେଖି କେବଳ ସାଧାରଣ ଲୋକ ନୁହନ୍ତି, ବୈଜ୍ଞାନିକମାନେ ବି ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଏହାବାଦ୍ ଏହାର ଏଭଳି ରଙ୍ଗ ଯୋଗୁଁ ଲୋକେ ଏହାକୁ ଗୋଲଡେନ୍ ଫିସ୍ ସାର୍କ ବୋଲି କହୁଛନ୍ତି। ବିଜ୍ଞାନଭିତ୍ତିକ ପତ୍ରିକା 'ମରିନ୍ ବାୟୋଲୋଜି ଜର୍ଣ୍ଣାଲ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ସାର୍କଟିକୁ ୨୦୨୪ ଅଗଷ୍ଟରେ କୋଷ୍ଟାରିକାର ଟୋର୍ଟୁଗୁଏରୋ ଜାତୀୟ ଉଦ୍ୟାନରେ ଦେଖାଯାଇଥିଲା। ସେତେବେଳେ କିଛି ମତ୍ସ୍ୟଜୀବୀ ସମୁଦ୍ରର ୩୭ ମିଟର ଗଭୀରରେ ଏହି କମଳା ରଙ୍ଗର ସାର୍କଟିକୁ ଦେଖିଥିଲେ। ଏହାର ଆଖି ଧଳା ଏବଂ ଶରୀର କମଳା ରଙ୍ଗର ଥିଲା। ମତ୍ସ୍ୟଜୀବୀମାନେ ସାର୍କର ଫଟୋ ଉଠାଇ ଏହାକୁ ପୁଣି ପାଣିରେ ଛାଡ଼ିଦେଇଥିଲେ। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହି ସାର୍କର ବିଶେଷ ରଙ୍ଗ ଦୁଇଟି ଅତ୍ୟନ୍ତ ବିରଳ ଜେନେଟିକ୍ ସ୍ଥିତି ଯୋଗୁଁ ହୋଇଛି। ପ୍ରଥମଟି ହେଉଛି ଆଲବିନିଜମ୍, ଯେଉଁଥିରେ ପ୍ରାଣୀର ଚର୍ମ ଏବଂ ଆଖିର ରଙ୍ଗ ଫିକା ହୋଇଯାଏ। ଦ୍ୱିତୀୟଟି ହେଉଛି ଜାନ୍ଥିଜିମ୍, ଯାହା ଯୋଗୁଁ ପ୍ରାଣୀର ଚର୍ମ କିମ୍ବା ଆବରଣ ହଳଦିଆ-କମଳା ଦେଖାଯାଏ। ଗବେଷକଙ୍କ ଅନୁସାରେ, ଏହି ଦୁଇଟି ଜେନେଟିକ୍ ଅବସ୍ଥା ଯୋଗୁଁ ସାର୍କର ଶରୀର ଠିକ୍ ଭାବରେ ମେଲାନିନ୍ ଉତ୍ପାଦନ କରିପାରିନଥିଲା, ଯାହା ଫଳରେ ଏହାର ଶରୀରର ରଙ୍ଗ ମାଟିଆ କିମ୍ବା ନୀଳ ପରିବର୍ତ୍ତେ କମଳା ରଙ୍ଗର ହୋଇଗଲା। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହା ଏକ ସାଧାରଣ ନର୍ସ ସାର୍କ ଥିଲା, କେବଳ ଏହାର ରଙ୍ଗ ଭିନ୍ନ ଥିଲା। ଅବଶ୍ୟ ଏହି ରଙ୍ଗ ଏହା ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। କାରଣ ସମୁଦ୍ରର ଗଭୀର ଜଳରେ ସାର୍କର ଏହି ଉଜ୍ଜ୍ୱଳ ରଙ୍ଗ ଶିକାରୀଙ୍କୁ ସହଜରେ ଆକର୍ଷିତ କରିବ।

# ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ



କଥାରେ ଅଛି ଆତ୍ମହତ୍ୟା ମହାପାପ। ଆତ୍ମହତ୍ୟା ଭଳି ଦୁର୍ବଳ ମାନସିକତା ପ୍ରତି ସମଗ୍ର ବିଶ୍ୱରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୦ ତାରିଖକୁ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଭାବରେ ପାଳନ କରାଯାଏ। ୨୦୦୩ ମସିହାରୁ ସମଗ୍ର ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିବସ ପାଳନ ହୋଇଆସୁଛି। ସାରା ବିଶ୍ୱରେ ଆତ୍ମହତ୍ୟା ଭଳି ଏକ ଅପରାଧ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ଦ ଇଣ୍ଟରନ୍ୟାସନାଲ ଆସୋସିଏସନ୍ ଫର୍ ସୁଇସାଇଡ୍ ପ୍ରିଭେନସନ୍' (ଆଇଏଏସ୍ପି) ନାମକ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥା ଡବ୍ଲ୍ୟୁଏମ୍ଏଚ୍ ମିଳିତ ଆନୁକୂଲ୍ୟରେ ୨୦୦୩ ମସିହାରୁ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସର ଆରମ୍ଭ କରାଯାଇଛି। ୨୦୧୧ ମସିହାରେ ବିଶ୍ୱର ୪୦ଟି ଦେଶ ଏହି ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଆତ୍ମହତ୍ୟା ବର୍ତ୍ତମାନ ପୃଥିବୀପୃଷ୍ଠରେ ଅନ୍ୟତମ ବଡ଼ ସମସ୍ୟା। ପ୍ରତିଦିନ ଅନେକ ସଂଖ୍ୟକ ଲୋକ ଆତ୍ମହତ୍ୟା କରୁଛନ୍ତି। ଖବରକାଗଜ ଏବଂ ଟେଲିଭିଜନ ଖୋଲିବାମାତ୍ରେ ପ୍ରଥମେ ଆତ୍ମହତ୍ୟା ଖବର ନଜରକୁ ଆସୁଛି। ଗତ କିଛି ବର୍ଷଧରି ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଉଛି। ସେମାନଙ୍କଠାରେ ସୃଷ୍ଟି ହେଉଥିବା ଆତ୍ମହତ୍ୟା ଭାବନା ପଛରେ ସେମାନଙ୍କ ପାଠପଢ଼ା ଚାପ, ପରୀକ୍ଷା ଚାପ, ପାଠପଢ଼ା ପରବର୍ତ୍ତୀ ନିଯୁକ୍ତି ଚାପ ସହ ବିଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମୁଖ୍ୟ କାରଣ ଧରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛି। ଚାକିରି ହେଉକି ପାରିବାରିକ ସମସ୍ୟା, ପ୍ରେମଜନିତ ହେଉ କିମ୍ବା ନିର୍ଯାତନା, ହିଂସା, ନିଶା ଓ ଆର୍ଥିକ ସଙ୍କଟ ଆତ୍ମହତ୍ୟାର ପ୍ରମୁଖ କାରଣ ପାଲଟିଛି। ଆତ୍ମହତ୍ୟା ଭଳି ଜଟିଳ ସମସ୍ୟାଠୁ ଦୂରରେ ରଖିବା ତଥା ଲୋକଙ୍କୁ ମାନସିକ ସ୍ତରରେ ସଶକ୍ତ କରିବା ଏହି ଦିନ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହାବାଦ୍ ଯେଉଁ ଲୋକଙ୍କଠାରେ ଆତ୍ମପ୍ରବଣତା ଦେଖାଯାଉଛି ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନେବା ସହ କେବେବି ଏକୁଟିଆ ଛାଡ଼ିବା କଥା ନୁହେଁ। ସବୁଠୁ ବଡ଼ କଥା ହେଲା, ଅଭିଭାବକମାନେ ପିଲାମାନଙ୍କୁ ଛୋଟ ବେଳୁ କିପରି ବିଫଳତାକୁ ସାମ୍ନା କରିବେ ସମସ୍ୟା ସହ କିପରି ଲଢ଼ିବାକୁ ପଡ଼େ, ତାହା ଶିଖାଇବା ନିହାତି ଦରକାର। ସେହିପରି ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନର ବାଟ ନୁହେଁ ବୋଲି ଏହି ଦିବସ ଅବସରରେ ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ମାଧ୍ୟମରେ ସଚେତନ କରାଯାଏ।

# 'କିଙ୍ଗ୍' ସେଟ୍‌ରୁ ଶାହାରୁଖ୍‌ଙ୍କ ଲୁକ୍ ଲିକ୍

'ପଠାନ୍' ଓ 'ଯବାନ୍'ର ସଫଳତା ପରେ ବଲିଉଡ୍ ବାଦଶାହ ଶାହାରୁଖ୍ ଖାନ୍‌ଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍'କୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଶାହାରୁଖ୍‌ଙ୍କ ପାଖରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟର ଅଫର୍ ଥିଲେ ବି ଏବେ ସେ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ଶାହାରୁଖ୍‌ଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଲିଡ୍ ରୋଲରେ ନଜର ଆସିବେ। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ଶାହାରୁଖ୍‌ଙ୍କ ଲୁକ୍ ସାମ୍ନାକୁ ଆସିଛି। ଏହା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଶାହାରୁଖ୍ ଏବେ ପୋଲାଣ୍ଡରେ 'କିଙ୍ଗ୍'ର ସୁଟିଂ କରୁଛନ୍ତି। ତେବେ ଭାଇରାଲ ହୋଇଥିବା ଫଟୋଗୁଡ଼ିକରୁ ଗୋଟିଏରେ ସେ ସିଲଭର୍ କଲର୍ ହେୟାର୍‌ରେ ଦେଖାଯାଇଛନ୍ତି। ସେହିପରି ଅନ୍ୟଟିରେ ସେ ଲମ୍ବା କେଶରେ ଦେଖାଯାଇଛନ୍ତି। ତେବେ ଶାହାରୁଖ୍‌ଙ୍କ ଏହି ଲୁକ୍ ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ 'ଯବାନ୍' ଓ 'ପଠାନ୍'ର ଲୁକ୍ ସହ ତୁଳନା କରୁଛନ୍ତି। ଶାହାରୁଖ୍‌ଙ୍କ ସହ ଏହି ଫିଲ୍ମରେ ଦୀପିକା ପାଦୁ୍ୟକୋନ୍, ରାନୀ ମୁଖାର୍ଜୀ, ଅଭିଷେକ ବଚ୍ଚନ, ଜୟଦୀପ ଅହଲାୱତ୍, ଅନୀଲ କପୁର, ଅରଶଦ ୱର୍ସି, ଜ୍ୟାକି ସ୍ରଫ୍ ପ୍ରମୁଖ ନଜର ଆସିବେ।



# ସମ୍ଭାବନା



## ଚାକିରି ଅନୁସାରେ ଏଆଇ କୋର୍ସ



ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏବେ ଏଆଇର ଉପଯୋଗ କରାଯାଉଛି। ଏଆଇ ଯୋଗୁଁ ଅନେକ ଚାକିରିକୁ ନେଇ ଅସୁରକ୍ଷିତ ଅନୁଭବ କରୁଥିବା ବେଳେ ଆଉ କିଏ ଏହାକୁ ଉପଯୋଗ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ ବର୍ତ୍ତମାନ ସମୟରେ କେଉଁ ଚାକିରି ପାଇଁ କେଉଁ ପ୍ରକାର ଏଆଇ କୋର୍ସ କରିବା ଉଚିତ, ସେ ସମ୍ପର୍କରେ ଜାଣିବା।

**ବ୍ୟାଙ୍କିଂ, ଫାଇନାନ୍ସ, ଆକାଉଣ୍ଟିଂ:** ବ୍ୟାଙ୍କିଂ, ଫାଇନାନ୍ସ ଏବଂ ଆକାଉଣ୍ଟ କ୍ଷେତ୍ରରେ କାମ କରୁଥିଲେ ଏଆଇ ଫର୍ ଫାଇନାନ୍ସ, ଡାଟା ଆନାଲିସିସ୍, ମେସିନ ଲର୍ଣ୍ଣିଂ ଫର୍ ଫାଇନାନ୍ସ ଭଳି କୋର୍ସ ବାଛିପାରିବେ।

**ସାମ୍ବାଦିକତା, କଣ୍ଟେଣ୍ଟ କ୍ରିଏସନ:** ମିଡିଆ ତଥା ସାମ୍ବାଦିକତା, କଣ୍ଟେଣ୍ଟ କ୍ରିଏସନ କ୍ଷେତ୍ର ପାଇଁ ଏଆଇ ଇନ ଜର୍ଣ୍ଣାଲିଜମ୍, ଜେନରେଟିଭ ଏଆଇ ଫର୍ କଣ୍ଟେଣ୍ଟ କ୍ରିଏଟର, ଚାଟ୍‌ଜିପିଟି ପ୍ରମ୍ପ୍ଟ ଇଞ୍ଜିନିୟରିଂ କୋର୍ସ କରିପାରିବେ।

**ହେଲଥ୍‌କେୟାର୍:** ଏହି ଫିଲ୍ଡର ହୋଇଥିଲେ ଏଆଇ ଇନ୍ ହେଲଥ୍ କେୟାର୍, ଡାଟା ସାଇନ୍ସ ଫର୍ ହେଲଥ୍ କେୟାର୍, ଡିପ୍ ଲର୍ଣ୍ଣିଂ ଫର୍ ଇମାଜିଂ ଭଳି କୋର୍ସ ବାଛିପାରିବେ।

**ଶିକ୍ଷକତା:** ଶିକ୍ଷକତା କ୍ଷେତ୍ର ଲାଗି ଏଆଇ ଇନ୍ ଏଜୁକେସନ, ଗୁଗଲ ଫର୍ ଏଜୁକେସନ, ଏଆଇ ଟୁଲ୍ କୋର୍ସ କରିବା ଏକ ଉତ୍ତମ ବିକଳ୍ପ ବୋଲି କୁହାଯାଉଛି।

**ମାର୍କେଟିଂ, ସେଲ୍ସ ଏବଂ ବିଜନେସ:** ମାର୍କେଟିଂ, ସେଲ୍ସ ଏବଂ ବିଜନେସ କ୍ଷେତ୍ର ଲାଗି ଏଆଇ ଇନ୍ ଡିଜିଟାଲ ମାର୍କେଟିଂ, ଡାଟା ଡ୍ରାଇଭେନ୍ ମାର୍କେଟିଂ ୱିଥ୍ ଏଆଇ, ହବ୍‌ସ୍ପଟ୍ ଏଆଇ ମାର୍କେଟିଂ କୋର୍ସ କରିବା ସମ୍ଭବ।

**ମାନୁଫାକଚରିଂ ଏବଂ ସପ୍ଲାଏ ଚେନ୍:** ଏହି କ୍ଷେତ୍ର ଲାଗି ଏଆଇ ଫର୍ ସପ୍ଲାଏ ଚେନ୍, ଇଣ୍ଡଷ୍ଟ୍ରିଆଲ ଏଆଇ, ଏଆଇ ଇନ୍ ଅପରେସନ ଭଳି କୋର୍ସ କରିପାରିବେ।


**ଆଇଟି ଏବଂ ଟେକ୍ନିକାଲ ଫିଲ୍ଡ:** ଆଇଟି ଏବଂ ଟେକ୍ନିକାଲ ଫିଲ୍ଡ ସମ୍ବନ୍ଧିତ କୋର୍ସ କରିବାକୁ ଚାହୁଁଥିଲେ ମେସିନ ଲର୍ଣ୍ଣିଂ ସ୍ପେସାଲାଇଜେସନ, ଜେନରେଟିଭ୍ ଏଆଇ ୱିଥ୍ ଏଲଏଲଏମଏସ୍ କୋର୍ସ କରନ୍ତୁ।

**ଡିଜାଇନର, ଆର୍ଟିଷ୍ଟ, ଭିଡିଓ ଏଡିଟର:** କ୍ରିଏଟିଭ୍ କ୍ଷେତ୍ର ଲାଗି ଏଆଇ ଫର୍ କ୍ରିଏଟିଭ୍ ପ୍ରଫେସନାଲ, କାନଭା ଏଆଇ ଟୁଲ, ରନୱେଏମ୍ଏଲ୍ ଏବଂ ମିଡ୍‌ଜର୍ଣ୍ଣି ମାଷ୍ଟରକ୍ଲାସ୍ କୋର୍ସ କରିବା ଭଲ।



## ଗୁଗଲ ଟ୍ରାନ୍ସଲେଟ୍‌ର ନୂଆ ଫିଚର୍

ଗୁଗଲ ମଧ୍ୟ ଟ୍ରାନ୍ସଲେଟ୍ ଆପ୍‌ରେ ଏକ ନୂଆ ଫିଚର୍ ଯୋଡ଼ିବାକୁ ଯାଉଛି। ଏହାଦ୍ୱାରା ଘରେ ବସି ଏଆଇ ସାହାଯ୍ୟରେ ନୂଆ ଭାଷା ଶିଖି ହେବ। ଗୁଗଲ ଟ୍ରାନ୍ସଲେଟ୍‌ର ଏହି ଫିଚର୍ ପୂରା କୃତ୍ରିମବୁଦ୍ଧିମତା ଉପରେ ଆଧାରିତ। ଚାକିରି, ପଢ଼ା, ଟ୍ରାଭେଲ ପାଇଁ କେଉଁ ଭାଷା ଶିଖିବାକୁ ଚାହୁଁଛନ୍ତି, ଏହି ଆପ୍ ପ୍ରଥମେ ବ୍ୟବହାରକାରୀଙ୍କୁ ଏକଥା ପଚାରିବ। ଏହା ପରେ ଏଆଇ ସେହି ହିସାବରେ ପର୍ସନାଲ କୋର୍ସ ପ୍ରସ୍ତୁତ କରିବ। ଆପ୍‌ରେ ଅଭ୍ୟାସ ବଟମ ମିଳିବ। ଏହା ଦ୍ୱାରା ବ୍ୟବହାରକାରୀ ନିଜ ଦକ୍ଷତା ପରୀକ୍ଷା କରିପାରିବେ। ତେବେ ଗୁଗଲ ଏହି ଫିଚର ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ବ୍ୟବହାରକାରୀଙ୍କ ଲାଗି ଜାରି କରିବା ଆରମ୍ଭ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଇଂରାଜି କହୁଥିବା ବ୍ୟବହାରକାରୀ ସ୍ପାନିଶ ଏବଂ ଫ୍ରେଞ୍ଚ ଭାଷା ଶିଖିପାରିବେ। ସେହିପରି ଫ୍ରେଞ୍ଚ, ପର୍ତ୍ତୁଗୀଜ, ସ୍ପାନିଶ କହୁଥିବା ବ୍ୟବହାରକାରୀ ଇଂରାଜି ଶିଖିପାରିବେ। ସେହିପରି ଏଥିରେ କେବଳ ନୂଆ ଲର୍ଣ୍ଣିଂ ଫିଚର ଆସୁ ନାହିଁ, ବରଂ ଲାଇଭ୍ ଟ୍ରାନସଲେସନ ମଧ୍ୟ ଯୋଡ଼ା ଯାଇଛି। ଏହି ଫିଚର୍ ୭୦ରୁ ଅଧିକ ଭାଷାକୁ ସମର୍ଥନ କରୁଛି।




# ଜେନ୍ ଜେଡ୍‌ଙ୍କ 'ଟ୍ରିଟ୍ କଲ୍‌ଚର୍'

**ବର୍ତ୍ତମାନର ଜୀବନଶୈଳୀରେ 'ଟ୍ରିଟ୍ କଲ୍‌ଚର' ନାମକ ଟ୍ରେଣ୍ଡର ଚାହିଦା ବେଶି। ବିଶେଷକରି ଏହା ଜେନ୍ ଜେଡ୍ ଯୁବପିଢ଼ିଙ୍କ ମଧ୍ୟରେ ଦେଖିବାକୁ ମିଳୁଛି। ଦରମା ତଥା ପକେଟ୍ ମନିକୁ ସେମାନେ ଟ୍ରିଟ୍ କଲ୍‌ଚର୍‌ରେ ଖର୍ଚ୍ଚ କରୁଛନ୍ତି। ସାଙ୍ଗମାନଙ୍କୁ ପ୍ରତିଟି ଛୋଟ ବଡ଼ ଖୁସିରେ ଟ୍ରିଟ୍ ଦେବା, କଫି ଡେଟ୍ ପାର୍ଟି ତଥା ଆଉଟିଂରେ ଟଙ୍କା ଖର୍ଚ୍ଚ କରିବା ହେଉଛି ଏହି କଲ୍‌ଚର୍‌ର ଅଂଶ ବିଶେଷ। ହେଲେ ସେମାନଙ୍କର ଏହି ଅଭ୍ୟାସ ଜେନ୍ ଜେଡ୍‌ଙ୍କ ଆର୍ଥିକ ସ୍ଥିତିକୁ କ୍ଷତି ପହଞ୍ଚାଉଛି। ଏହି ଟ୍ରିଟ୍ କଲ୍‌ଚର କ'ଣ ଏବଂ ଏହା କିଭଳି ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଉଛି, ସେ ସମ୍ପର୍କରେ ଜାଣିବା।**

ଟ୍ରିଟ୍ କଲ୍‌ଚର୍‌ର ଅର୍ଥ ହେଉଛି କୌଣସି ଉତ୍ସବ ହେଉ ବା ନ ହେଉ ସାଙ୍ଗଙ୍କୁ ପାର୍ଟି ଦେବା କିମ୍ବା ସେମାନଙ୍କ ସହ ଲଗାତାର ଖାଇବା, ପିଇବା ଓ ମନୋରଞ୍ଜନରେ ଟଙ୍କା ଖର୍ଚ୍ଚ କରିବା। ତେଣିକି ତାହା ଅଫିସ୍‌ରେ ପଦୋନ୍ନତି ହେଉ, ପରୀକ୍ଷା ପାସ୍ କରିବା ହେଉ କିମ୍ବା ମୁଡ୍ ଫ୍ରେସ୍ କରିବା ପାଇଁ ହେଉ। ଏ ସବୁ ଉଦ୍ଦେଶ୍ୟରେ ସାଙ୍ଗସାଥୀଙ୍କୁ ନିମନ୍ତ୍ରଣ କରି ଟଙ୍କା ଖର୍ଚ୍ଚ କରିବାକୁ ସେମାନେ ପସନ୍ଦ କରୁଛନ୍ତି। ସେମାନଙ୍କର ଏବେ ଏହି ଅଭ୍ୟାସ ସାପ୍ତାହିକ ନଚେତ ନିତିଦିନ ଚଳଣିରେ ପରିଣତ ହେଲାଣି। ଦିନକୁ ଦିନ ରେସ୍ତୋରାଁ, କାଫେ ଏବଂ ସିନେମା ଦେଖିବା ଖର୍ଚ୍ଚ ବଢ଼ିବା ସେମାନଙ୍କ ବଜେଟ୍ ଉପରେ ପ୍ରଭାବ ପକାଉଛି। ସେହିପରି ବେଳେ ବେଳେ ସାଙ୍ଗ ତଥା ସୋସାଲ ଗ୍ରୁପ୍ ଚାପ ଯୋଗୁଁ ବି ଟ୍ରିଟ୍ ଦେବାକୁ ପଡ଼ିଥାଏ। ଜେନ୍ ଜି ଯୁବପିଢ଼ିମାନେ ଏଥିରେ ପଛରେ ରହିବାକୁ ଚାହାନ୍ତି ନାହିଁ, ତେଣୁ ଏହା ଦ୍ୱାରା ଖର୍ଚ୍ଚ ଅଧିକ ବଢ଼ିଥାଏ। ଜେନ୍ ଜି ତୁରନ୍ତ ଖୁସି ଚାହୁଁଛନ୍ତି। ତେଣୁ 'ଏବର' ଖୁସି ସେମାନଙ୍କ ଲାଗି ଖୁବ୍ ଗୁରୁତ୍ୱ ବହନ କରୁଛି। ହେଲେ ଏହି ଅଭ୍ୟାସ ସଞ୍ଚୟ ଉପରେ କ୍ଷତି ପହଞ୍ଚାଉଛି। ଅନ୍ୟପଟେ କ୍ୟାସଲେସ୍ ପେମେଣ୍ଟ ମଧ୍ୟ ଖର୍ଚ୍ଚ କରିବା ରାସ୍ତାକୁ ସହଜ କରିଛି। ସ୍ୱାଇପ୍ ଏବଂ ଟ୍ୟାପ୍‌ରେ ବିଲ୍ ପେ' କରିବା ଦ୍ୱାରା ଅର୍ଥ ଯିବାର ଅନୁଭବ କମ୍ ହେଉଛି। ଫଳରେ ଅତିରିକ୍ତ ଖର୍ଚ୍ଚ ହେଉଛି, ଯାହା ସେମାନେ ବୁଝିପାରୁ ନାହାନ୍ତି।



# ଡାଏରୀ ଲେଖିବା ଭଲ


ଅନେକ ଲୋକଙ୍କର ନିତିଦିନ ଡାଏରୀ ଲେଖିବା ଅଭ୍ୟାସ ଥାଏ। ତେବେ ଡାଏରୀ ଲେଖିବା ଦ୍ୱାରା ମନ ହାଲୁକା ହୁଏ ଏବଂ ଅବସାଦ କମେ। ଭାବନା ଓ ଚିନ୍ତାଧାରାକୁ କାଗଜରେ ଲେଖିବା ଦ୍ୱାରା ଭଲ ଲାଗେ। ସେହିପରି ଡାଏରୀ ଲେଖିବା ଦ୍ୱାରା ନିଜ ନିଷ୍ପତ୍ତି, ନିଜ ଭାବନା ବାବଦରେ ଚିନ୍ତା କରିବାକୁ ସମୟ ମିଳେ। ଏହା ଦ୍ୱାରା ନିଜକୁ ଭଲ ଭାବେ ବୁଝି ହୁଏ। ଡାଏରୀରେ ଲେଖାଯାଇଥିବା ସ୍ମୃତି ଓ ଅଭିଜ୍ଞତା ସବୁଦିନ ପାଇଁ ସୁରକ୍ଷିତ ରହେ। ଭବିଷ୍ୟତରେ ଏହାକୁ ପଢ଼ି ବିତିଥିବା ଅତୀତକୁ ମନେ ପକାଇ ହୁଏ। ଡାଏରୀରେ ନିଜର ଲକ୍ଷ୍ୟ, ସ୍ୱପ୍ନ ବାବଦରେ ଲେଖିପାରିବେ। ଅସୁବିଧା ତଥା ସମସ୍ୟା ସମ୍ପର୍କରେ ଲେଖିବା ଦ୍ୱାରା ସେସବୁକୁ ଏକ ନୂଆ ଦୃଷ୍ଟିକୋଣରୁ ଦେଖି ହୁଏ। ଏହା ଦ୍ୱାରା ସମସ୍ୟାର ସମାଧାନ ଖୋଜିବା ସହଜ ହୁଏ। ଡାଏରୀ ଲେଖିବା ଦ୍ୱାରା ବିଚାରଧାରା ଓ ଲେଖିବା କ୍ଷମତା ଉନ୍ନତ ମାନର ହୁଏ। କୌଣସି କାମ ଲାଗି କୃତଜ୍ଞ ଅନୁଭବ କରୁଥିଲେ, ସେକଥା ବି ଡାଏରୀରେ ଲେଖାଯାଇପାରିବ। ଏହାଦ୍ୱାରା ମନରେ ସକାରାତ୍ମକ ଓ କୃତଜ୍ଞତା ଭାବ ବୃଦ୍ଧି ପାଏ। ନିଜର ଭୁଲ ଓ ଏଥିରୁ ମିଳୁଥିବା ଶିକ୍ଷା ବାବଦରେ ବି ଡାଏରୀରେ ଲେଖିପାରିବେ। ଏହା ଭୁଲକୁ ସୁଧାରିବା ଦିଗରେ ସାହାଯ୍ୟ କରେ।



● ସେଦିକୁଲ୍ଲା, ଆଜମାତୁଲ୍ଲାଙ୍କ ଅର୍ଦ୍ଧଶତକ

## ଆଫଗାନିସ୍ତାନର ବିଶାଳ ସ୍କୋର

ଆବୁଧାବି, ୯।୯ (ଏଜେନ୍ସି): ଓପନର ସେଦିକୁଲ୍ଲା ଅଟଳ ଓ ଅଲରାଉଣ୍ଡର ଆଜମତୁଲ୍ଲା ଓମରଜାଇଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଏସିଆ କପ୍ ପୁରୁଷ ଟି-୨୦ ହଂକଂ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫଗାନିସ୍ତାନ ୬ ୱିକେଟରେ ୧୮୮ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ୩ଟି ଜୀବନଦାନ ପାଇଥିବା ସେଦିକୁଲ୍ଲା ୫୨ ବଲ୍‌ରେ ୬ ଚୌକା ଓ ୩ଛକା ସହ ୭୩ ରନ୍‌ରେ ଅପରାଜିତ ରହିଥିଲେ। ଆଜମତୁଲ୍ଲା ୨୧ ବଲ୍‌ରୁ ୨ ଚୌକା ଓ ୫ ଛକା ସହ ୫୩ ରନ୍ କରି ଆଉଟ ହୋଇଥିଲେ। ହଂକୀ ପକ୍ଷରୁ ଖେଳୁଥିବା ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ଆୟୁଷ ଶୁକ୍ଲା ଓ କିଞ୍ଚିତ ଶାହ ୨ ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୬ ରନ୍‌ରେ ଦୁଇ ୱିକେଟ ହରାଇଥିଲା। କିନ୍ତୁ କ୍ୟାଚ୍ ଡ୍ରପ୍‌ରୁ ଫାଇଦା ଉଠାଇ ସେଦିକୁଲ୍ଲା ତୃତୀୟ ୱିକେଟରେ ମହମ୍ମଦ୍ ନବୀ (୨୬ବଲ୍‌ରେ ୩୩ରନ୍)ଙ୍କ ସହ ୪୧ ବଲ୍‌ରୁ ୫୧ ଓ ଆଜମତୁଲ୍ଲା ଓମରଜାଇଙ୍କ ସହ ୫ମ ୱିକେଟ ଯୋଡ଼ିରୁ ୩୫ବଲ୍‌ରେ ୮୨ ରନ୍ ଉଠାଇବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିଥିଲା। ଶେଷ ଭାଗରେ ଆଫଗାନିସ୍ତାନ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ଶେଷ ୪ ଓଭରରେ ୭୧ ରନ୍ ଉଠାଇଥିଲେ। ଜବାବରେ ହଂକଂ ୧୮୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ହଂକଂ ୧୨ ଓଭରରେ ୫ ୱିକେଟ ହରାଇ ୬୦ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ଖେଳୁଥିବା ଓଡ଼ିଆ ଖେଳାଳି ଅଂଶୁମାନ ରଥ ଗୋଟିଏ ବଲ୍ ଖେଳି ଗୋଲ୍ଡେ ଡକ୍‌ରେ ଆଉଟ ହୋଇଥିଲେ। ହଂକଂ ପରି ଆଫଗାନିସ୍ତାନର ଖେଳାଳିମାନେ ମଧ୍ୟ କ୍ୟାଚ୍ ଡ୍ରପ୍ କରି ଖେଳର ଆକର୍ଷଣ କମାଇଦେଇଥିଲେ। ଦଳର ଦୁଇଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ।



ସେଦିକୁଲ୍ଲା ଅଟଳ

## ଏସିଆ କପ୍ ବିଜେତାଙ୍କୁ ମିଳିବ ୨.୬୪ କୋଟି

ଦୁବାଇ, ୯।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍‌ର ଚାମ୍ପିଅନ ଦଳକୁ ଏଥର ପୁରସ୍କାର ବାବଦରେ ୩ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୨ କୋଟି ୬୪ ଲକ୍ଷ) ପ୍ରଦାନ କରାଯିବ। ସେହିଭଳି ଫାଇନାଲରେ ପରାଜିତ ଦଳ ଦେଢ଼ ଲକ୍ଷ ଡଲାର ତଥା ଏକ କୋଟି ୩୨ ଲକ୍ଷ ଟଙ୍କା ପାଇବେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ୨୦୨୩ରେ ଅନୁଷ୍ଠିତ ଏସିଆ କପ୍ ଦିନିକିଆ ଫର୍ମାଟ୍‌ରେ ଖେଳାଯାଇଥିଲା। ସେହି ସଂସ୍କରଣରେ ଶ୍ରୀଲଙ୍କାକୁ ହରାଇ ଚାମ୍ପିଅନ ହୋଇଥିବା ରୋହିତ ଶର୍ମାଙ୍କ ଭାରତୀୟ ଦଳ ୧.୨୫ କୋଟି ଟଙ୍କା ପୁରସ୍କାର ପାଇଥିଲା।

**ସଞ୍ଜୁ ସାମସନ, କୁଲଦୀପ ଯାଦବଙ୍କ ଖେଳିବା ନେଇ ସନ୍ଦେହ**

# ୟୁଏଇ ବିପକ୍ଷରୁ ଭାରତର ଅଭିଯାନ

ଦୁବାଇ, ୯।୯ (ସମିସ)

ଦୀର୍ଘ ଦିନର ବ୍ୟବଧାନ ପରେ ଭାରତୀୟ କ୍ରିକେଟ ଦଳ ଅନ୍ତର୍ଜାତୀୟ ସ୍ତରରେ ଖେଳିବାକୁ ଆସନ୍ତାକାଲି ଫେରିବ। ଆଜି ଏଠାରେ ଆଫଗାନିସ୍ତାନ ବନାମ ହଂକଂ ମୁକାବିଲାରୁ ଟି-୨୦ ଫର୍ମାଟରେ ଆରମ୍ଭ ହୋଇଛି ଏସିଆ କପ୍ କ୍ରିକେଟ। ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି ଓ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମୁକାବିଲାରେ ୟୁଏଇ ବିପକ୍ଷରୁ ଖେଳି ଏସିଆକପ୍ ଅଭିଯାନ ଆରମ୍ଭ କରିବ। ୟୁଏଇ ଶକ୍ତିଶାଳୀ ଭାରତକୁ ଚ୍ୟାଲେଞ୍ଜ ଦେବା ଭଳି ଶକ୍ତି ନ ଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଭାରତ ଦଳର ସମୀକରଣ ଓ ଖେଳାଳିଙ୍କୁ ମ୍ୟାଚ୍ ଅଭ୍ୟାସର ସୁଯୋଗ ଦେଇ ପାକିସ୍ତାନ ବିପକ୍ଷ ମୁକାବିଲା ଲାଗି ପ୍ରସ୍ତୁତ ହେବ। ପାକିସ୍ତାନ ଏବେ କିଛିଦିନ ହେଲା ନିୟମିତ କ୍ରିକେଟ ଖେଳି ଭାରତର ମୁକାବିଲା କରିବାକୁ ପ୍ରସ୍ତୁତ ରହିଛି। ୟୁଏଇ ବିପକ୍ଷ ମ୍ୟାଚ୍‌ରେ ଭଲ ଖେଳି ଭାରତ ଆସନ୍ତା ୧୪ରେ ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚ୍ ଲାଗି ପ୍ରସ୍ତୁତ କରିବ ବୋଲି ଆଶା ରଖିଛି।

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଗଠନ କରାଯାଇଛି। ଇଂଲଣ୍ଡ ବିପକ୍ଷରେ ଭାରତର ନେତୃତ୍ୱ ନେଇ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିବା ଶୁବମନ ଗିଲ୍‌ଙ୍କୁ ଏହି ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ଗିଲ୍ ଦଳକୁ ଫେରିବା ପରେ ଇନିଂସ ଓପନ କରି ସଫଳ ହୋଇଥିବା ସଞ୍ଜୁ ସାମସନଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗିଲ୍ ଦଳକୁ ଫେରିବା ପରେ ଇନିଂସ ଓପନ କରିବେ ବୋଲି ହେଡ୍ କୋଚ୍ ଗୌତମ ଗମ୍ଭୀର ଏକାଧିକ ଥର ସୂଚନା ଦେଇଛନ୍ତି। ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମାଙ୍କ ଓପନିଂ ପାର୍ଟନର ହେବେ ଗିଲ୍। ଏଣୁ ନଂ-୩ରେ ସଫଳ ହୋଇଥିବା ତିଳକ ବର୍ମାଙ୍କୁ ସୁଯୋଗ ଦେବ ନା ସାମସନ ଖେଳିବେ ଏହାକୁ ନେଇ କେହି କିଛି ସୂଚନା ଦେଇ ନାହାନ୍ତି। କିନ୍ତୁ ଗତ ଦୁଇଦିନ ଧରି ଭାରତୀୟ ଦଳ କରିଥିବା ନେଟ୍ ପ୍ରାକ୍ଟିସ୍‌ରୁ ସାମସନ ପ୍ରଥମ ଏକାଦଶ ତାଲିକାରେ ରହିବ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ୱିକେଟ ରକ୍ଷକ ଜିତେଶ ଶର୍ମା ଦୀର୍ଘ ସମୟ ଧରି ବ୍ୟାଟିଂ ପ୍ରାକ୍ଟିସ୍ କରିବା ପରେ ଶେଷ ଭାଗରେ ସାମସନ ଓ ରିଙ୍କୁ ସିଂ ଅଭ୍ୟାସ କରିଥିଲେ। ଏଥିରୁ ଜଣାପଡୁଛି ଚୂଡାନ୍ତ ଏକାଦଶରେ ସାମସନଙ୍କୁ ସୁଯୋଗ ମିଳିବା କଷ୍ଟକର। ତେବେ ଟିମ୍ ମ୍ୟାନେଜମେଣ୍ଟ କିପରି ଖେଳାଳି ଏକାଦଶ ଚୟନ କରିବ ତାହା ଆସନ୍ତାକାଲି ଟସ୍ ପୂର୍ବରୁ ଜଣାପଡ଼ିବ।

ଏବେ ଖେଳାଯିବାକୁ ଥିବା ଦୁବାଇ ପିଚ୍ ବ୍ୟବହାର ହୋଇନାହିଁ। ଏଠାରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫିରେ ଭାରତ ୪ଜଣ ସ୍ପିନରଙ୍କୁ ନେଇ ଖେଳୁଥିଲା। ସେତେବେଳେ ପିଚ୍ ଖରାପ ହୋଇଯାଇଥିଲା। ଏବେ କିନ୍ତୁ ପିଚ୍‌ରେ ଘାସ ଅଛି ଏହା ବ୍ୟବହାର ହୋଇ ନ ଥିବାରୁ ସତେଜ ରହିଛି। ଏଣୁ ପେସ୍ ବୋଲରଙ୍କୁ ନିଶ୍ଚିତ କିଛିଟା ସହାୟତା ମିଳିବ ବୋଲି ଆଶା କରାଯାଉଛି। ଏହା ଫଳରେ ଯଶପ୍ରୀତ୍ ବୁମ୍‌ରା ଓ ଅର୍ଶଦୀପ ସିଂହ ଭାରତ ପକ୍ଷରୁ ନିଶ୍ଚିତ ଖେଳିବେ। ତୃତୀୟ ପେସ୍ ବୋଲର ଭାବେ ହର୍ଷିତ ରାଣା କିମ୍ବା ଅଲରାଉଣ୍ଡର ଶିବମ ଦୁବେଙ୍କୁ ଖେଳିବାକୁ ସୁଯୋଗ ମିଳିପାରେ। ଯଦି ଭାରତ ଜଣେ ସ୍ପେଶାଲିଷ୍ଟ ବୋଲରଙ୍କୁ ନିଆଯାଏ ତେବେ ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କ ଖେଳିବା ନେଇ ସନ୍ଦେହ ରହିବ। ଦଳର ପ୍ରମୁଖ ସ୍ପିନର ଭାବେ ଅଲରାଉଣ୍ଡର ଅକ୍ଷର ପଟେଲ ଓ ମିଷ୍ଟ୍ରି ସ୍ପିନର କୁହାଯାଉଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ଖେଳିବାକୁ ସୁଯୋଗ ମିଳିବ। ନେଟ୍‌ରେ ଦୀର୍ଘ ସମୟ ବୋଲିଂ କରିଥିବା ଓପନର ଅଭିଷେକ ଶର୍ମା ତୃତୀୟ ସ୍ପିନର ଦାୟିତ୍ୱ ସମ୍ଭାଳିବେ। ଭାରତର ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲ ଦୁଇ ଅଲରାଉଣ୍ଡର ଶିବମ ଓ ଅଭିଷେକଙ୍କ ବୋଲିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ଦଳରେ ଯେତେ ଅଧିକ ଅଲରାଉଣ୍ଡର ରହିବେ, ଅଧିନାୟକଙ୍କୁ ସେତେ ଅଧିକ ସୁଯୋଗ ମିଳିବ। ଏଣୁ ଟି-୨୦ରେ ଅଲରାଉଣ୍ଡ ଖେଳ ଉପରେ ମୋର୍କେଲ ଗୁରୁତ୍ୱ ଦେଇଆସୁଛନ୍ତି।

ପ୍ରତିଦ୍ୱନ୍ଦ୍ୱୀ ୟୁଏଇ ଅନ୍ତର୍ଜାତୀୟ କ୍ରିକେଟରେ ଭାରତ ସହ ଅଧିକ ମ୍ୟାଚ୍ ଖେଳିନାହିଁ। ଏହି ଦଳ ଗୋଟିଏ ଟି-୨୦ ମ୍ୟାଚ୍ ଖେଳିଛି। ସେହିପରି ଦଳ ୩ଟି ଦିନିକିଆ ମଧ୍ୟ ଖେଳିଛି। ଏହା ମଧ୍ୟରୁ ୨୦୧୫ରେ ଶେଷ ମୁକାବିଲା ହୋଇଥିଲା। ୨୦୧୬ ଏସିଆ କପ୍‌ରେ ୟୁଏଇ ସହ ଭାରତର ପ୍ରଥମ ମୁକାବିଲା ହୋଇଥିଲା। ଏଥିରେ ଭାରତ ୯ ୱିକେଟରେ ଜିତିଥିଲା। ଏବେ ଲାଲଚାନ୍ଦ ରାଜପୁତ ୟୁଏଇର କୋଚ୍ ରହିଛନ୍ତି। ଅଧିନାୟକ ମହମ୍ମଦ୍ ୱାସିମ ଓ ରାଜପୁତ ମିଶି କିପରି ଏହି ଟୁର୍ଣ୍ଣାମେଣ୍ଟରେ ୟୁଏଇକୁ ଏକ ଲଢ଼ୁଆ ଦଳରେ ପରିଣତ କରିବେ ତାହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି।



**ଆଜିର ମୁକାବିଲା**

**ଭାରତ-ୟୁଏଇ**

ଭେନ୍ୟୁ-ଦୁବାଇ, ସମୟ-ରାତି ୮ଟା
ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଷ୍ଟ୍ରିମିଂ- ସୋନି ଲାଇଭ, ଜିଓହଟଷ୍ଟାର

**ଖେଳାଳି ଦଳ**

**ଭାରତ** : ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ୟୁଏଇ** : ମହମ୍ମଦ୍ ୱାସିମ୍ (ଅଧିନାୟକ), ଆଲିସାନ ସରାଫୁ, ଆର୍ଯ୍ୟାଂଶ ଶର୍ମା (ୱିକେଟରକ୍ଷକ), ଅସିଫ ଖାନ୍, ଧ୍ରୁବ ପରାସର, ଇଥାନ ଡି ସୁଜା, ହାଇଦର ଅଲି, ହର୍ଷିତ କୌଶିକ, ଜୁନୈଦ୍ ସିଦ୍ଦିକ୍, ମାତିଉଲ୍ଲା ଖାନ୍, ମହମ୍ମଦ୍ ଫାରୁକ୍, ମହମ୍ମଦ୍ ଜୱାଦୁଲ୍ଲା, ମହମ୍ମଦ୍ ଜୋହେବ୍, ରାହୁଲ ଚୋପ୍ରା (ୱିକେଟରକ୍ଷକ), ରୋହିଦ୍ ଖାନ୍, ସିମରନଜିତ ସିଂହ ଓ ସାଘିର ଖାନ୍।

## ‘ପ୍ୟାକେଜ୍ ସିଷ୍ଟମ’ ଲାଗି ବିକ୍ରି ହୋଇପାରୁନି ଭାରତ-ପାକିସ୍ତାନ ଟିକଟ୍

ଦୁବାଇ, ୯।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ବୁଧବାର ୟୁଏଇ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ତେବେ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ଖେଳାଯିବ। ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଯେତେବେଳେ ବି ମ୍ୟାଚ୍ ଅନୁଷ୍ଠିତ ହୋଇଥାଏ ତାହାକୁ ସାରା ବିଶ୍ୱର କ୍ରିକେଟ୍‌ପ୍ରେମୀ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥାନ୍ତି। ମ୍ୟାଚର ଟିକଟ୍ ବିକ୍ରି ଆରମ୍ଭ ହେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଏହା ଶେଷ ହୋଇଯାଇଥାଏ।

ଏଥର କିନ୍ତୁ ଏସିଆ କପ୍‌ରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଆଉ ୪ ଦିନ ବାକି ରହିଛି। କିନ୍ତୁ ଟିକଟ୍ ବିକ୍ରି ପାଖାପାଖି ସପ୍ତାହେ ହେଲା ଆରମ୍ଭ ହୋଇସାରିଥିଲେ ମଧ୍ୟ ଏହା ଶେଷ ହୋଇ ନ ଥିବା ଜଣାପଡ଼ିଛି। ଅର୍ଥାତ ଭାରତ-ପାକିସ୍ତାନ ଭଳି ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚର ଟିକଟ୍ କିଣିବା ଲାଗି ଦର୍ଶକଙ୍କ ମଧ୍ୟରେ ଉତ୍ସାହ ନ ଥିବା ଜଣାପଡ଼ିଛି। ଏହାର ଏକ ଭିନ୍ନ କାରଣ ମଧ୍ୟ ରହିଛି। ଅତ୍ୟଧିକ ମୂଲ୍ୟ ଲାଗି ଭାରତ-ପାକିସ୍ତାନ ଟିକଟ୍ କିଣିବାକୁ ଦର୍ଶକ ପଛଘୁଞ୍ଚା ଦେଉଛନ୍ତି। ଭାରତ-ପାକିସ୍ତାନ ମ୍ୟାଚର ସବୁଠୁ ଭିଆଇପି ୨ଟି ଟିକଟ୍‌ର ମୂଲ୍ୟ ଏଥର ୨ ଲକ୍ଷ ୫୭ ହଜାର ୮୧୫ ଟଙ୍କା ରହିଛି। ଯେଉଁଥିରେ ‘ପ୍ୟାକେଜ ସିଷ୍ଟମ’ ମିଶି ରହିଛି। ଏହି ପ୍ୟାକେଜ ସିଷ୍ଟମରେ ବ୍ୟକ୍ତିଙ୍କୁ ମ୍ୟାଚ୍ ଦେଖିବା ସହ ଖାଦ୍ୟ, ପାନୀୟ, ପାର୍କିଂ ପାସ୍, ଭିଆଇପି ଲଙ୍ଗ୍ ଓ ବ୍ୟକ୍ତିଗତ ବିଶ୍ରାମ କକ୍ଷର ସୁବିଧା ପ୍ରଦାନ କରାଯାଇଥାଏ। ସେହିଭଳି ୨ଟି ରୟାଲ୍ ବକ୍ସର ଟିକଟ୍ ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ରଖାଯାଇଛି। ଏଥିରେ ମଧ୍ୟ ‘ପ୍ୟାକେଜ ସିଷ୍ଟମ’ରେ ଥିବା ସମାନ ସୁବିଧା ପ୍ରଦାନ କରାଯାଏ। ପୂର୍ବ ବର୍ଷଗୁଡ଼ିକରେ ଏହି ପ୍ୟାକେଜ ସିଷ୍ଟମ ଟିକଟ୍ ସହିତ ନ ଥିଲା। ଯେଉଁଥି ପାଇଁ ଟିକଟ୍‌ର ଦର କମ୍ ରହୁଥିଲା। ସେହିଭଳି ଭାରତ-ପାକିସ୍ତାନ ମ୍ୟାଚର ସାଧାରଣ ଟିକଟ୍ ଦଳ ୨ଟି ପାଇଁ ୧୦ ହଜାର ଟଙ୍କା ରଖାଯାଇଛି।

## ଦକ୍ଷିଣ ଆଫ୍ରିକା ଟି-୨୦ରେ ବ୍ରେଭିସ୍ ସବୁଠୁ ଦାମୀ ଖେଳାଳି

ଜୋହାନ୍ସବର୍ଗ, ୯।୯ (ଏଜେନ୍ସି): ‘ଦକ୍ଷିଣ ଆଫ୍ରିକା ଟି୨୦’ ଲିଗ୍ ଇତିହାସରେ ଡେୱାଲ୍ଡ ବ୍ରେଭିସ ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍‌ର ଆଗାମୀ ୪ର୍ଥ ସିଜନ ଲାଗି ହୋଇଥିବା ଖେଳାଳି ନିଲାମୀରେ ବ୍ରେଭିସଙ୍କୁ ପ୍ରିଟୋରିଆ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଏକ କୋଟି ୬୫ ଲକ୍ଷ ରେଣ୍ଡ (ଭାରତୀୟ ମୁଦ୍ରାରେ ୮ କୋଟି ୩୧ ଲକ୍ଷ ଟଙ୍କା)ରେ କ୍ରୟ କରିଛି। ଏଥିପୂର୍ବରୁ ଆଇଡେନ ମାର୍କରମଙ୍କୁ ୧୪ ମିଲିୟନ ରେଣ୍ଡ (୭ କୋଟି ୬ ଲକ୍ଷ ଟଙ୍କା)ରେ ଡର୍ବାନ ସୁପର୍ ଜାଏଣ୍ଟ୍ସ କ୍ରୟକରିଥିଲା। ଫଳରେ ମାର୍କରମଙ୍କୁ ପଛରେ ପକାଇ ୨୨ ବର୍ଷୀୟ ବ୍ରେଭିସ ‘ଦକ୍ଷିଣ ଆଫ୍ରିକା ଟି୨୦’ର ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇପିଏଲ୍ ପରେ ଦକ୍ଷିଣ ଆଫ୍ରିକା ଟି୨୦କୁ ବିଶ୍ୱର ଦ୍ୱିତୀୟ ବ୍ୟୟବହୁଳ କ୍ରିକେଟ୍ ଲିଗ୍ ବିବେଚିତ କରାଯାଏ। ଏହାର ୪ର୍ଥ ସଂସ୍କରଣ ଆସନ୍ତା ଜାନୁଆରୀ ୨୩ରୁ ଆରମ୍ଭ ହେବ। ଖେଳାଳି ନିଲାମୀରେ ୬ଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିଥିଲେ। ଆଇପିଏଲ୍ ଇତିହାସରେ ଋଷଭ ପନ୍ତ ସବୁଠୁ ଦାମୀ ଖେଳାଳି ରହିଛନ୍ତି। ତାଙ୍କୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ୨୭ କୋଟି ଟଙ୍କାରେ କ୍ରୟ କରିଥିଲା।



## ଅହମ୍ମଦାବାଦ୍‌ରେ ୨୦୨୬ ଟି-୨୦ ବିଶ୍ୱକପ୍ ଫାଇନାଲ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଖେଳାଯିବ। କିନ୍ତୁ ପାକିସ୍ତାନ ଯଦି ଫାଇନାଲରେ ପ୍ରବେଶ କରେ ତେବେ ଏହି ମ୍ୟାଚଟି କଲମ୍ବୋକୁ ସ୍ଥାନାନ୍ତରିତ ହେବ। ରିପୋର୍ଟ ଅନୁଯାୟୀ ଭାରତର ୫ଟି ଓ ଶ୍ରୀଲଙ୍କାର ୨ଟି ଭେନ୍ୟୁରେ ଏହି ବିଶ୍ୱକପ୍ ଖେଳାଯିବ। କିନ୍ତୁ ଭେନ୍ୟୁ ଏଯାଏ ଚୂଡାନ୍ତ ହୋଇନାହିଁ। ଏଥିରେ ୨୦ଟି ଦଳ ଭାଗନେଉଥିଲାବେଳେ ଏମାନଙ୍କୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର-୮’କୁ ଯିବେ ଓ ସୁପର-୮’ରେ ଶ୍ରେଷ୍ଠ ବିବେଚିତ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ।

## ହଂକଂ ଓପନ୍: ଶ୍ରୀକାନ୍ତଙ୍କୁ ହରାଇଲେ ତରୁଣ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ହଂକଂ ଓପନ୍ ସୁପର୍-୫୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଭାରତର ତରୁଣ ମାନେପାଲ୍ଲି ୨୮-୨୬, ୨୧-୧୩ରେ ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ତଥା ନିଜ ଦେଶର କିଦାମ୍ବୀ ଶ୍ରୀକାନ୍ତଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ସେହିଭଳି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସର ଏକ ମ୍ୟାଚରେ ଚିରାଗ-ସାତ୍ୱିକ ଯୋଡ଼ି ୨୧-୧୩, ୧୮-୨୧, ୨୧-୧୦ ଗେମରେ ତାଇୱାନର ଚିଉ ସିଆଙ୍ଗ ଚେଇ ଓ ୱାଙ୍ଗ୍ ଚି ଲିନ୍ ଯୋଡ଼ିଙ୍କୁ ହରାଇ ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟତମ ଭାରତୀୟ କିରନ ଜର୍ଜ ଯୋଗ୍ୟତା ପର୍ଯ୍ୟାୟରେ କ୍ରମାଗତ ୨ଟି ମ୍ୟାଚ୍ ଜିତି ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ମୁଖ୍ୟ ପର୍ଯ୍ୟାୟରେ କିରନ ସିଙ୍ଗାପୁରର ଜିଆ ହେଙ୍ଗ୍ ଜନସନଙ୍କୁ ଭେଟିବେ।

**ଜୁନିୟର ହକି ବିଶ୍ୱକପ୍**

## ଭାରତ-ପାକ୍ ମୁକାବିଲା ନଭେମ୍ବର ୨୯ରେ

ଚେନ୍ନଇ, ୯।୯ (ଏଜେନ୍ସି): ଭାରତରେ ଖେଳାଯିବାକୁ ଥିବା ଜୁନିୟର ହକି ବିଶ୍ୱକପ୍‌ରେ ଭାଗନେବାକୁ ପାକିସ୍ତାନ ଆସିବ କି ନାହିଁ ଏଯାଏ ଚୂଡାନ୍ତ ହୋଇନାହିଁ, କିନ୍ତୁ ଏହି ଦଳକୁ ଭାରତ ସରକାର, ହକି ଇଣ୍ଡିଆ ଓ ଭାରତୀୟ ହକି ସମର୍ଥକମାନେ ସ୍ୱାଗତ କରିବାକୁ ଅପେକ୍ଷା କରିଛନ୍ତି ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି। ନଭେମ୍ବର ୨୮ରୁ ଡିସେମ୍ବର ୧୦ ଯାଏ ଚେନ୍ନଇ ଓ ମଦୁରାଇରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ଲାଗି ଡ୍ର ଉଠାଣ ହେବା ଲାଗି ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ତିର୍କୀ ଏହା କହିଛନ୍ତି। ଏଥର ଜୁନିଅର ହକି ବିଶ୍ୱକପ୍‌ରେ ୨୪ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରୁ ପୁଲ୍-ବି’ରେ ପାକିସ୍ତାନ, ଚିଲି, ସ୍ୱିଜରଲାଣ୍ଡ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଭାରତ ସ୍ଥାନ ପାଇଛି। ଭାରତ ତାହା ପ୍ରଥମ ମ୍ୟାଚ୍ ନଭେମ୍ବର ୨୮ରେ ଚିଲି, ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ସହ ୨୯ରେ ଓ ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍ ଡିସେମ୍ବର ୨ରେ ଖେଳିବ।

## ୫ ଦିନ ପରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

**ଏଯାଏଁ ହେଲାନି ଦଳ ଘୋଷଣା କି ଖେଳାଳି ଡ୍ରାଫ୍ଟ**

କଟକ, ୯।୯ (ସମିସ)

ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ) ଖେଳାଯିବ। ଲିଗ୍‌କୁ ଆଉ ୬ଦିନ ବାକି। ହେଲେ ଏ ପର୍ଯ୍ୟନ୍ତ ଦଳ ଘୋଷଣା କରାଯାଇନାହିଁ କି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ମଧ୍ୟ ହୋଇପାରିଲା ନାହିଁ। ଗତ ୩ ତାରିଖରେ ଖେଳାଳି ଡ୍ରାଫ୍ଟ କରାଯିବା ପାଇଁ ଯୋଜନା ହୋଇଥିଲା। ପରେ ଏହା ୮ ତାରିଖକୁ ଘୁଞ୍ଚାଇ ଦିଆଗଲା। ସୋମବାର ଖେଳାଳି ଡ୍ରାଫ୍ଟ କରାଯାଇନଥିବା ବେଳେ ଆସନ୍ତା ୧୧ ତାରିଖରେ ଫ୍ରାଞ୍ଚାଇଜ ମାଲିକମାନେ ଖେଳାଳି କିଣିବେ ବୋଲି କୁହାଯାଉଛି। ପ୍ରତ୍ୟେକ ଖେଳାଳି ଡ୍ରାଫ୍ଟ ଆକାରରେ କିଣାଯିବେ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି। ଲିଗ୍ ଦିନ ପାଖେଇ ଆସୁଥିବା ବେଳେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କିମ୍ବା ଲିଗ୍ ଆୟୋଜନକାରୀ ସଂସ୍ଥା ଆରିଭା ସ୍ପୋର୍ଟସ ଖେଳାଳି ଡ୍ରାଫ୍ଟ ଦିଗରେ କାହିଁକି ଗୁରୁତ୍ୱ ଦେଉନାହାନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପକ୍ଷରେ ଦଳ ଘୋଷଣା ନ କରାଯିବା, ଲିଗ୍ ବାବଦରେ ବହୁଳ ପ୍ରଚାର ପ୍ରସାର ନକରାଯିବା ଯୋଗୁଁ ଲିଗ୍ ଫିକା ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରକାଶଯୋଗ୍ୟ, ଘରୋଇ ଲିଗ୍‌କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ନୂଆ ଢ଼ାଞ୍ଚାରେ ଓପିଟିଏଲ -୨୦୨୫ ଆୟୋଜନ କରିବାକୁ ଯାଉଛି। ସେପ୍ଟେମ୍ବର ୧୫ରୁ କଟକରେ ଏହା ଆରମ୍ଭ ହେବ। ଯାହାର ବ୍ରାଣ୍ଡଆମ୍ବାସଡର ରହିବେ ଅଷ୍ଟ୍ରେଲିଆନ କିମ୍ବଦନ୍ତୀ ବୋଲର ବ୍ରେଟ୍ ଲି ଏବଂ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ଦେବାଶିଷ ମହାନ୍ତି। ଏହାଛଡ଼ା ଷ୍ଟାର ସ୍ପୋର୍ଟସ ଚ୍ୟାନେଲ ଏବଂ ଫ୍ୟାନକୋଡ୍ (ଓଟିଟି)ରେ ସମ୍ପୂର୍ଣ୍ଣ ଲିଗ୍‌ର ସିଧାପ୍ରସାରଣ କରାଯିବ। ହେଲେ ଲିଗକୁ ଆଉ ହାତ ଗଣତି ଦିନ ବାକି ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଦଳ ଘୋଷଣା ହୋଇପାରିନାହିଁ।

## ଦେବାଶିଷଙ୍କୁ ଜାତୀୟ କୋଚ୍ ଦାୟିତ୍ୱ



ନୂଆଦିଲ୍ଲୀ, ୯।୯ (ଏଜେନ୍ସି) : ପୂର୍ବତନ ଜାତୀୟ ଚୟନକର୍ତ୍ତା ତଥା ନାଗାଲାଣ୍ଡ ରଣଜୀ ଦଳର କୋଚ୍ ଓଡ଼ିଶାର ଦେବାଶିଷ ମହାନ୍ତିଙ୍କୁ ପ୍ରଥମଥର ଜାତୀୟ କୋଚ୍ ଦାୟିତ୍ୱ ମିଳିଛି। ଭାରତର ୧୯ ବର୍ଷରୁ କମ୍ ଦଳ ଚଳିତମାସ ଅଷ୍ଟ୍ରେଲିଆ ଗସ୍ତରେ ଯାଉଥିବାବେଳେ ଆୟୁଷ ମାହାତ୍ରେଙ୍କ ନେତୃତ୍ୱ ଗଠିତ ଭାରତୀୟ ଦଳର ଫାଷ୍ଟ ବୋଲିଂ କୋଚ୍ ଭାବେ ଦେବାଶିଷଙ୍କୁ ନିଯୁକ୍ତ କରାଯାଇଛି। କର୍ଣ୍ଣାଟକର ଯେରେ ଗୌଡ଼ ହେଡ୍ କୋଚ୍, ଶୁଭଦୀପ ଭଟ୍ଟାଚାର୍ଯ୍ୟ ଫିଲ୍ଡିଂ ଓ ତ୍ରିପୁରାର ରାଜୀବ ଦତ୍ତଙ୍କୁ ସ୍ପିନ୍ ବୋଲିଂ କୋଚ୍ ଦାୟିତ୍ୱ ଦିଆଯାଇଛି। ଭାରତୀୟ ଦଳ ସେପ୍ଟେମ୍ବର ୧୬ରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଅକ୍ଟୋବର ୧୦ରେ ସ୍ୱଦେଶ ଫେରିବ। ଏହି ଗସ୍ତରେ ଅଷ୍ଟ୍ରେଲିଆ ସହ ଭାରତ ସେପ୍ଟେମ୍ବର ୨୧ରୁ ଆରମ୍ଭ ହେଉଥିବା ୩ଟି ଦିନିକିଆ ଓ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁ ଥିବା ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବ। ଭାରତ ପକ୍ଷରୁ ୧୯୯୯ ବିଶ୍ୱକପ୍ ସହ ୪୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ଦେବାଶିଷ ଏହା ପୂର୍ବରୁ ଓଡ଼ିଶା ଓ ନାଗାଲାଣ୍ଡ ଦଳର ହେଡ୍ କୋଚ୍ ରହିଥିଲେ। ୨୦୧୮ରେ ଜୁନିଅର ଓ ଏହା ପରେ ସିନିୟର ଦଳର ଚୟନକର୍ତ୍ତାଭାବେ କାମ ତୁଲାଇଥିଲେ। ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନ ଥିବା ଯେରେ ଗୌଡ଼ କର୍ଣ୍ଣାଟକ ଜୁନିଅର ଓ ସିନିୟର ଦଳର କୋଚ୍ ଭାବେ କାମ କରିଛନ୍ତି। ଓଡ଼ିଶାର ଶିବସୁନ୍ଦର ଦାସ ଏବେ ଜାତୀୟ ସିନିୟର ଚୟନ କମିଟିର ସଦସ୍ୟ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS